




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୧ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 01 JUNE 2021

Vol.No. 32 ■ No. 139 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କେନ୍ଦ୍ର ସହ ବିବାଦ ମଧ୍ୟରେ ନିଜ ପଦରୁ ଅବସର ନେଲେ ଆଲାପନ ବନ୍ଦୋପାଧ୍ୟାୟ

## ଆଲାପନଙ୍କୁ ମୁଖ୍ୟ ପରାମର୍ଶଦାତା ନିଯୁକ୍ତି ଦେଲେ ମମତା



ପଶ୍ଚିମବଙ୍ଗ,୩୧/୦୫ (ନି.ପ୍ର): ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବଙ୍କ ବଦଳିକୁ ନେଇ କେନ୍ଦ୍ର ଓ ପଶ୍ଚିମବଙ୍ଗ ସରକାର ମୁହାଁମୁହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ମୁଖ୍ୟ ଶାସନ ସଚିବଙ୍କୁ ଛାଡିପାରିବେ ନାହିଁ ବୋଲି ଜଣାଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଏଥସହ ପଶ୍ଚିମବଙ୍ଗବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତିର ପୁର୍ନବିଚାର କରିବାକୁ ମୋଦିଙ୍କୁ ସେ ଅନୁରୋଧ କରିଛନ୍ତି । ଏହାକୁ ନେଇ ନେତାଙ୍କ ବୟାନବାଜି ସାମ୍ନାକୁ ଆସିଛି । ମମତା କଠିନ ସମୟ କହି କେନ୍ଦ୍ରକୁ ବ୍ଲାକମେଲ କରୁଥିବା କହିଛି ବିଜେପି । ଅନ୍ୟପଟେ ଟିଏମସି କହିଛି, କେନ୍ଦ୍ର ଆକ୍ରୋଶମୂଳକ ରାଜନୀତି କରୁଛି । ନରେନ୍ଦ୍ର ମୋଦି ବନାମ ମମତା ବାନାର୍ଜୀ । ମୁଖ୍ୟ ଶାସନ ସଚିବଙ୍କୁ ନେଇ ବଢିଲା ବିବାଦ । ନିଷ୍ପତ୍ତିର ପୁର୍ନବିଚାର ପାଇଁ ଚିଠି ଲେଖିଲେ ଦିଦି । ପଶ୍ଚିମବଙ୍ଗ ନିର୍ବାଚନର ମାସକ ପରେ ବି ମୋଦି ଓ ମମତାଙ୍କ ଲଢେଇ କମ ହେଉ ନାହିଁ । ଏବେ ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ ଅଲାପନ ବନ୍ଦୋପାଧାୟଙ୍କୁ ଦିଲ୍ଲୀ ଡାକରା ପରେ ▶▶ପୃଷ୍ଠା ୭

## ଦେଶରେ ତଳମୁହାଁ କରୋନା ମିଟର : ଗତ ୨୪ଘଂଟାରେ ୧ ଲକ୍ଷ ୫୨ ହଜାର ୭୩୪ ଆକ୍ରାନ୍ତ ଚିହ୍ନଟ

ନୂଆଦିଲ୍ଲୀ,୩୧/୦୫(ନି.ପ୍ର): ଦେଶରେ କରୋନା ମିଟର ତଳମୁହାଁ । ଗତ ୨୪ ଘଂଟାରେ ୧ ଲକ୍ଷ ୫୨ ହଜାର ୭୩୪ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୩୧୨୮ ମୃତ୍ୟୁ ହୋଇଛି । ଦେଶରେ ମୋଟ ସଂକ୍ରମଣ ୨କୋଟି ୭୮ ଲକ୍ଷ ୯୪ ହଜାର ୮୦୦ ରହିଛି । ସୁସ୍ଥ ହୋଇଛନ୍ତି ୨ କୋଟି ୫୪ ଲକ୍ଷ ୫୪ ହଜାର ୩୨୦ଜଣ ସୁସ୍ଥ ହୋଇଛନ୍ତି । ଦେଶରେ କରୋନା ସଂକ୍ରମଣରେ ୩ଲକ୍ଷ ୨୫ ହଜାର ୯୭୨ଜଣଙ୍କ ଜୀବନ ଯାଇଛି । ଏବେବି କରୋନା ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି ୨୧ ଲକ୍ଷ ୧୪ ହଜାର ୫୦୮ଜଣ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ତଥ୍ୟ ଅନୁସାରେ, ଗତକାଲି ସନ୍ଧ୍ୟା ୬ଟା ସୁଦ୍ଧା ସମୁଦାୟ ୨୧,୩୧,୫୪,୧୨୯ଜଣ ହିତାଧିକାରୀଙ୍କୁ ଟିକା ଦିଆଯାଇଛି ।

## କରୋନା କାଳର ଅର୍ଥନୀତି ନେଇ ଆସିଲା ରିପୋର୍ଟ
# ମାଇନସ ୭.୩ ପ୍ରତିଶତ ଖସିଲା ଅର୍ଥନୀତି





ଭୁବନେଶ୍ୱର,୩୧/୦୫(ନି.ପ୍ର): ମହାମାରୀ କରୋନା ଦେଶର ଅର୍ଥନୀତିକୁ ଏକପ୍ରକାର ଦୋହଲାଇ ଦେଇଛି । ଦୀର୍ଘ ୪ ଦଶନ୍ଧି ଭିତରେ ସବୁଠୁ ବଡ ସଂକଟ ଭିତରକୁ ଠେଲି ହୋଇ ଯାଇଛି ଦେଶର ଅର୍ଥନୀତି । କରୋନା ସହ ଲଢ଼େଇ ଭିତରେ ଆଜି ଆସିଛି ୨୦୨୦-୨୧ ଆର୍ଥିକ ବର୍ଷର, ବାର୍ଷିକ ଜିଡିପି ଅର୍ଥାତ ଗ୍ରସ ଡୋମେଷ୍ଟିକ୍ ପ୍ରଡକ୍ଟ ଅଭିବୃଦ୍ଧି ହାରର ରିପୋର୍ଟ । ଜିଡିପି ଅର୍ଥାତ ଗ୍ରସ ଡୋମେଷ୍ଟିକ୍ ପ୍ରଡକ୍ଟ ହେଉଛି, ଗୋଟିଏ ବର୍ଷ ଭିତରେ ଦେଶରେ ଉତ୍ପାଦିତ ହେଉଥିବା ସମସ୍ତ ସାମଗ୍ରୀ ଓ ସେବାର ମୂଲ୍ୟ । ଭାରତ ସରକାରଙ୍କ ପକ୍ଷରୁ ଆକଳନ କରାଯାଇଥିବା ଏହି ରିପୋର୍ଟ ଅନୁସାରେ ୨୦୨୦-୨୧ ଆର୍ଥିକ ବର୍ଷରେ ଦେଶର ଜିଡିପି ଗ୍ରୋଥ୍ ରେଟ୍ ରହିଛି ମାଇନସ୍ ୭.୩ ପ୍ରତିଶତ । ଯାହାକି ଗତ ଚାରି ଦଶନ୍ଧି ଭିତରେ ସର୍ବନିମ୍ନ । ୧୯୭୯-୮୦ ବର୍ଷରେ ଶେଷ ଥର ପାଇଁ ଦେଶର ଜିଡିପି ଅଭିବୃଦ୍ଧି ହାର ମାଇନସ ୫.୨୦ ପ୍ରତିଶତ ରହିଥିଲା । କିନ୍ତୁ ଏହା ପରେ କୌଣସି ବର୍ଷ ଦେଶର ଜିଡିପି ଅଭିବୃଦ୍ଧି ହାର ଶୂନ ତଳକୁ ଖସି ନଥିଲା । ଏପରିକି ୧୯୯୧-୯୨ରେ ବି ଆର୍ଥିକ ବର୍ଷର ଜିଡିପି ଅଭିବୃଦ୍ଧି ହାର ମଧ ୧.୪ ପ୍ରତିଶତ ରହିଥିଲା । ହେଲେ, କରୋନା ମହାମାରୀର ମାଡ ଦେଶର ଅର୍ଥନୀତିକୁ ଦୋହଲାଇ ଦେଇଛି । ପ୍ରଥମ ଥର ପାଇଁ ଦେଶର ▶▶ପୃଷ୍ଠା ୭

# ନିରଞ୍ଜନ ସେଠୀଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଦାୟିତ୍ୱ



ଭୁବନେଶ୍ୱର,୩୧/୦୫ (ନି.ପ୍ର): ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସୋମବାର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୧ ବର୍ଷ ୧୦ ମାସ ଧରି ସେ ବିଭାଗର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ କୋଭିଡ୍ ପରିସ୍ଥିତିରେ ଗଣମାଧ୍ୟମ ସୁପରିଚାଳନା କରିବା ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ରହିଥିଲା । ଏହା ପୂର୍ବରୁ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରିଥିଲେ । ତାଙ୍କ ଅବସର ପରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ସରକାରଙ୍କ ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦାୟିତ୍ୱରେ ରହିବେ । ଏହି ମର୍ମରେ ବିଭାଗ ତରଫରୁ ସୋମବାର ଆଦେଶନାମା ପ୍ରକାଶ ପାଇଛି । ପ୍ରକାଶ ଥାଉକି, ଶ୍ରୀ ସେଠୀଙ୍କର ଦୀର୍ଘ ବର୍ଷ ଧରି ଏହି ବିଭାଗୀୟ କାର୍ଯ୍ୟରେ ଅଭିଜ୍ଞତା ରହିଛି । ବିଦାୟୀ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ରଙ୍କୁ ଏହି ଅବସରରେ ଆଜି ବିଭାଗ ତରଫରୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । କୋଭିଡ୍ କଟକଣା ମଧ୍ୟରେ ଲୋକ ସଂପର୍କ ଭବନଠାରେ ସୀମିତ ସଂଖ୍ୟକ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ସେଠୀ ବିଦାୟୀ ନିର୍ଦ୍ଦେଶକ ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀର ଯୁଗ୍ମ ଶାସନ ସଚିବ, ଯୁଗ୍ମ ନିର୍ଦ୍ଦେଶକ, ଓଡିଶା ସୂଚନା ସେବା ସଂଘର କର୍ମକର୍ତାମାନେ ଏହି ସମ୍ବର୍ଦ୍ଧନା ସମୟରେ ଉପସ୍ଥିତ ଥିଲେ ।

## ଜୁନ୍ ରେ କମିପାରେ ସଂକ୍ରମଣ

ଭୁବନେଶ୍ୱର,୩୧/୦୫ (ନି.ପ୍ର): ମେ' ମାସ ସବୁଠୁ ଘାତକ ଥିଲା । ୩୧ ଦିନରେ ରାଜ୍ୟରେ ୩ଲକ୍ଷ ୨୦ ହଜାର ୮୦୩ ପଜିଟିଭ ଚିହ୍ନଟ ହୋଇଥିଲା । ମେ' ମାସରେ କରୋନାରେ ୭୧୧ ଜଣଙ୍କ ମୃତ୍ୟୁ ହୋଇଛି । ମେ' ୨୨ରେ ରାଜ୍ୟରେ ପିକ୍ ଥିଲା ୧୨ ହଜାର ୮୫୨ । ତେବେ ଜୁନ ମାସରେ ଟ୍ରେଣ୍ଡ କମିବ । ୪ ସପ୍ତାହ ପରେ ଲକଡାଉନର ପ୍ରଭାବ ଦେଖିବାକୁ ମିଳିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଂଜନ ମିଶ୍ର । ସୁନ୍ଦରଗଡ଼ରେ ସଂକ୍ରମଣ ଅଧିକ ଥିଲେ ମଧ ହାର କମୁଥିବା ଦେଖା ଯାଉଛି । ଲକଡାଉନ କୋହଳ ହୋଇଥିବା ୩ ଜିଲ୍ଲାରେ ସଂକ୍ରମଣ ବଢ଼ିଲେ ପୁଣି କଟକଣା କଡା ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି ।

## ଝାରପଡା ଜେଲ୍ ରେ ଡିଜିଙ୍କ ସମୀକ୍ଷା

ଭୁବନେଶ୍ୱର,୩୧/୦୫ (ନି.ପ୍ର): ଭୁବନେଶ୍ୱର ଝାରପଡା ଜେଲ୍ ରେ ସମୀକ୍ଷା କରିଛନ୍ତି ଜେଲ୍ ଡିଜି ସନ୍ତୋଷ ଉପାଧ୍ୟାୟ । ଜେଲ୍ରୁ ବାରମ୍ବାର ଫୋନ୍ ଓ ଗଂଜେଇ ମିଳିବା ପରେ ଡିଜି ସମୀକ୍ଷା କରିଛନ୍ତି । ପୂର୍ବରୁ ଜେଲ୍ରେ ଗଂଜେଇ ଜବତ ଘଟଣାରେ ଟିଫ୍ ୱାର୍ଡର ସସପେଣ୍ଡ ହୋଇଥିଲେ ।

# ବାଲେଶ୍ୱର ଜିଲ୍ଲାର ବାତ୍ୟା ପ୍ରଭାବିତ ଅଂଚଳ ବୁଲି ଦେଖିଲେ କେନ୍ଦ୍ରମନ୍ତ୍ରୀ

## ମତ୍ସ୍ୟଜୀବୀ ଓ ଚାଷୀଙ୍କ ଜୀବନଜୀବିକାକୁ ସୁରକ୍ଷିତ କରିବାକୁ ଦୂରଦର୍ଶୀ ପଦକ୍ଷେପ ଜରୁରୀ : ଧର୍ମେନ୍ଦ୍ର



ବାଲେଶ୍ୱର/ଭୁବନେଶ୍ୱର,୩୧/୦୫ (ନି.ପ୍ର): ବାତ୍ୟା ଓ ବନ୍ୟା ପ୍ରଭାବିତ ଅଂଚଳ ବିଶେଷ ଭାବରେ ସମୁଦ୍ର ତଟବର୍ତୀ ଅଂଚଳରେ ବସବାସ କରୁଥିବା ମତ୍ସ୍ୟଜୀବୀ ଚାଷୀଙ୍କ ଜୀବନଜୀବିକାକୁ ସୁରକ୍ଷିତ କରିବା ପାଇଁ ଏକ ସ୍ଥାୟୀ ଓ ଦୂରଦର୍ଶୀ ପଦକ୍ଷେପ ନେବା ଜରୁରୀ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋମବାର ସାମୁଦ୍ରିକ ବାତ୍ୟା "ୟଶ୍" ଦ୍ୱାରା ପ୍ରଭାବିତ ହୋଇଥିବା ବାଲେଶ୍ୱର ଜିଲ୍ଲା ଶ୍ରୀକୋଣା ପଂଚାୟତର ଚାରିଗୋଛିଆ ଗାଁ, ସାରଥା ପଂଚାୟତର ମୁହାଣ ସମେତ ଆଖପାଖ ବାତ୍ୟା କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଏହାସହ ବାତ୍ୟା ବିପନ୍ନଙ୍କୁ ଭେଟି ରିଲିଫ୍ କାର୍ଯ୍ୟ, ବାତ୍ୟା ପରବର୍ତୀ ଥଇଥାନ ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାର ଚାରିଗୋଛିଆ ଅଂଚଳରେ ସମାନ୍ୟ ଜୁଆର ହେଲେ ଏଠାରେ ଲୁଣି ପାଣି ▶▶ପୃଷ୍ଠା ୭

# ପିକକ୍ ପକ୍ଷରୁ ବିଶ୍ୱ ତମ୍ବାକୁ ନିଷେଧ ଦିବସ ପାଳନ

ଭୁବନେଶ୍ୱର,୩୧/୦୫ (ନି.ପ୍ର): ତମ୍ବାକୁ ବ୍ୟବହାର ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଗତ ସମସ୍ୟା ଯଥା କ୍ୟାନସର, ହୃଦୟ ରୋଗ, ଟିବି, ବିଭିନ୍ନ ପ୍ରକାର ର ଆଖି ସମସ୍ୟା, ମଧୁମେହ ଆଦି ସୃଷ୍ଟି କରିଥାଏ ବୋଲି ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ୍ ସେଂଟର (ପିକକ୍) ଦ୍ୱାରା ରୋଟାରୀ କ୍ଲବ୍ ୟୁନିକ୍, ଭୁବନେଶ୍ୱର ର ସହଯୋଗ ରେ ବିଶ୍ୱ ତମ୍ବାକୁ ନିଷେଧ ଦିବସ ୨୦୨୧ ପାଳନ ଅବସରରେ ଭର୍ଚୁଆଲ ପ୍ଲାଟଫର୍ମ ରେ ଆୟୋଜିତ ସଭାରେ ଯୋଗ ଦେଇଥିବା ଡାକ୍ତର ଓ ବକ୍ତା ମାନେ ନିଜର ମତ ଦେଇଥିଲେ । ଏହି ସଭାରେ ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ପ୍ରାରମ୍ଭିକ ଭାଷଣ ଦେଇ ଏହି ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତ ଙ୍କୁ ଅବଗତ କରାଇବା ସହିତ ଏହାର ସଭାପତିତ୍ୱ କରି କହିଥିଲେ ଯେ ପ୍ରତିବର୍ଷ ଭାରତରେ ତମ୍ବାକୁ ସେବନ ଯୋଗୁଁ ୧୩ ଲକ୍ଷ ଲୋକ ମୃତ୍ୟୁ ବରଣ କରୁଛନ୍ତି ଓ ଏହା ଏକ ମହାମାରୀ ର ରୂପ ନେଇଛି ଓ ଏହାକୁ ରୋକିବା ▶▶ପୃଷ୍ଠା ୭

# ବ୍ଲାକ ଫଙ୍ଗସ୍: ଆଇଆଇଟି ହାଇଦ୍ରାବାଦ ପ୍ରସ୍ତୁତ କଲା ଓରାଲ ସଲ୍ୟୁସନ

## ୬୦ ମିଲିଗ୍ରାମ ଔଷଧର ଦାମ୨ ଶହ ଟଙ୍କା

ଭୁବନେଶ୍ୱର,୩୧/୦୫(ନି.ପ୍ର): ଦେଶରେ ଏବେ କରୋନା ସହିତ ବ୍ଲାକ ଫଙ୍ଗସ୍ ବି ମହାମାରୀ ରୂପ ନେବାକୁ ବସିଲାଣି । କରୋନା କାଳରେ ବି ଏହି ବ୍ଲାକ ଫଙ୍ଗସ୍ ରୋଗରେ ସଂକ୍ରମିତ ହୋଇ କିଛି ଲୋକଙ୍କ ଜୀବନ ଗଲାଣି । କରୋନା ଠାରୁ ଏହି ରୋଗର ଚିକିତ୍ସା କେବଳ ମହଙ୍ଗା ନୁହେଁ, ଏବେ ଏହି ରୋଗୀଙ୍କ ଠାରେ ବ୍ୟବହାର ହେଉଥିବା ଇଂଜେକ୍ସନ ବି ସହଜରେ ଉପଲବ୍ଧ ହେଉନାହିଁ । ଏହାରି ମଧ୍ୟରେ ଆଇଆଇଟି ହାଇଦ୍ରାବାଦରୁ 'ରିସର୍ଚ୍ଚ ଆଟ ଆଇଆଇଟି ହାଇଦ୍ରାବାଦ ଡେଭଲପଡ୍ ଆନ ଓରାଲ ସଲଉ୍ୟସନ ଟୁ ଟ୍ରିଟ୍ ବ୍ଲାକ ଫଙ୍ଗସ୍' ଏକ ଭଲ ଖବର ଆସିଛି । ଏନେଇ ହାଇଦ୍ରାବାଦ ଆଇଆଇଟିରେ ରିସର୍ଚ୍ଚ କରୁଥିବା ବୈଜ୍ଞାନିକ ମାନେ ଏକ ଔଷଧ ପ୍ରସ୍ତୁତ କରିଛନ୍ତି । ଯାହାକି ସଂକ୍ରମିତଙ୍କୁ ଖାଇବାକୁ ଦିଆଯିବ । ଦୁଇବର୍ଷର ରିସର୍ଚ୍ଚ ପରେ ଉଦ୍ଭାବନ ହୋଇଥିବା ଏହି ଔଷଧ ଉପରେ ପୁରା ଭରଶା କରିଛନ୍ତି ବୈଜ୍ଞାନିକମାନେ । ଉଦ୍ଭାବନ କରିଥିବା ବୈଜ୍ଞାନିକମାନେ କହିଛନ୍ତି କି ଏହି ଔଷଧକୁ ଅଧିକ ପରିମାଣର ଉତ୍ପାଦନ କରିବାର ଆବଶ୍ୟକତା ରହିଛି । ଏହାସହ ସବୁଠାରୁ ବଡକଥା ଏହି ଔଷଧର ମୂଲ୍ୟ ବହୁତ କମ୍ । ଅର୍ଥାତ୍ ୬୦ ମିଲିଗ୍ରାମର ଏକ ଟାବଲେଟର ଦାମ ମାତ୍ର ୨୦୦ ଟଙ୍କା ବୋଲି କୁହାଯାଇଛି । ଆଇଆଇଟି ହାଇଦ୍ରାବାଦରେ ଏହି ସଲ୍ୟୁସନ ▶▶ପୃଷ୍ଠା ୭

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୩୫ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୩୧/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୩୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୭୫୪ ହୋଇ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆଜି ଅନୁଗୁଳ ଜିଲ୍ଲାରୁ ସର୍ବାଧିକ୍ ୫ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେହିପରି କଟକ, କଳାହାଣ୍ଡି, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ନବରଙ୍ଗପୁର ଓ ସୁବର୍ଣ୍ଣପୁର ଜିଲ୍ଲାରୁ ୩ ଜଣ ଲେଖାଏଁ ଆକ୍ରାନ୍ତ ମୃତ୍ୟୁ ଘଟିଛି । ଅନ୍ୟପକ୍ଷେ ଦେବଗଡ଼, ଗଜପତି, ଗଞ୍ଜାମ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ୨ ଲେଖାଏ କରୋନା ରୋଗୀଙ୍କର ମୃତ୍ୟୁ ଘଟିଛି । ନୟାଗଡ଼ ଓ ନୂଆପଡ଼ାରୁ ଜଣେ ଲେଖାଏଁ ଆକ୍ରାନ୍ତ ମୃତ୍ୟୁ ଘଟିଛି ।

# ବାରିପଦା କୋଭିଡ ହସ୍ପିଟାଲରେ ଆକ୍ରାନ୍ତଙ୍କୁ ଅବହେଳା

ବାରିପଦାଦ,୩୧/୦୫: କୋଭିଡ୍ ହସ୍ପିଟାଲର ବିଭତ୍ସ ଦୃଶ୍ୟ । ବାରିପଦା କୋଭିଡ ହସ୍ପିଟାଲ ଭିତରରେ ବିକଳ ଆଉ ହୃଦୟଥରା ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରଲ ହେଉଛି । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଫଟୋ ଓ ଭିଡିଓ ଯଦି ସତ ହୋଇଥାଏ, ତେବେ ସ୍ଥିତି ସାଙ୍ଘାତିକ । ଅସହାୟ ଅବସ୍ଥାରେ ଉଲଗ୍ନ ହୋଇ ରୋଗୀ ଏଣେତେଣେ ପଡିଛନ୍ତି । କିଏ ଶୌଚାଳୟ ପାଖରେ ପଡିଛନ୍ତି ତ ଆଉ କିଏ ଅତି ଦୟନୀୟ ଅବସ୍ଥାରେ ବେଡ ତଳେ ପଡିଛନ୍ତି । କାହା ମୁହଁରୁ ଅକ୍ସିଜେନ୍ ବାହାରି ଯାଇଛି, ଯେ ତାକୁ ଲଗେଇବା ପାଇଁ କେହି ନାହାନ୍ତି । ଏ ବିଭତ୍ସ ଚିତ୍ର, ବାରିପଦା ବାଙ୍କିଷୋଳରେ ଥିବା କିମ୍ସ କୋଭିଡ ହସ୍ପିଟାଲର । କୁହାଯାଉଛି, ଜଣେ ବ୍ୟକ୍ତି ତାଙ୍କ ବାପାଙ୍କୁ ଏହି ହସ୍ପିଟାଲରେ ଭର୍ତି କରିବା ପାଇଁ ନେଇଥିବା ବେଳେ ଏସବୁ ଫଟୋ ଓ ଭିଡିଓ ଉତୋଳନ କରି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ଏ ସବୁ ଫଟୋ ଭିଡିଓ ଦେଖିବା ପରେ ଏହି ହସ୍ପିଟାଲ ଉପରୁ ଲୋକଙ୍କ ଭରସା ତୁଟି ଯାଉଛି । ସାରା ଜିଲ୍ଲାରେ ଅସନ୍ତୋଷ ଦେଖିବାକୁ ମିଳିଛି । ଏହି ଭିଡିଓ ଓ ଫଟୋର ସତ୍ୟତାକୁ ନେଇ ହସ୍ପିଟାଲର କୌଣସି ଅଧିକାରୀ ମୁହଁ ଖୋଲି ନଥିବା ବେଳେ ଏସବୁ ସତ ବୋଲି ଦାବି କରିଛନ୍ତି ଭଂଜସେନା କାର୍ଯ୍ୟକାରୀ ଉପାଧକ୍ଷ ରାକେଶ ସିଂ । ବାରିପଦା କିମ୍ସ ହସ୍ପିଟାଲରେ ରୋଗୀ ସେବା ନାଁରେ କେବଳ ସରକାରୀ ଅର୍ଥ ହରିଲୁଟ୍ କରାଯାଉଥିବା ବେଳେ ରୋଗୀଙ୍କୁ ମୃତ୍ୟୁ ମୁଖକୁ ଠେଲି ଦିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଏହାର ତଦନ୍ତ କରି ସଂପୃକ୍ତ କୋଭିଡ ହସ୍ପିଟାଲ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ସେପଟେ ଏ ସବୁ ଫଟୋ ଓ ଭିଡିଓର ସତ୍ୟାସତ ନେଇ ତଦନ୍ତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ଗୋଟିଏ ଦିନରେ ୮୩୧୩ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୬୪୯୯୭



ଭୁବନେଶ୍ୱର,୩୧/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୩୧୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୬୪୯୯୭ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୬୭୦୫୨୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୧୬୬୩ ରହିଛି । ଆଜି ଚିହ୍ନଟ ହୋଇଥିବା ୮୩୧୩ ଜଣଙ୍କ ମଧ୍ୟରୁ ୪୬୫୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୬୫୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରେ ସବୁଠାରୁ ଅଧିକ ୯୭୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ▶▶ପୃଷ୍ଠା ୭

# କରୋନା ଚିକିତ୍ସାରେ ସର୍ବାଧୁନିକ ଇସିଏମ୍‌ଓ ମେସିନ୍ ବ୍ୟବହାର ପାଇଁ କ୍ରିୟାନୁଷ୍ଠାନ କମିଟିର ଦାବି

ବାଲେଶ୍ୱର,୩୧/୫ (ନି.ପ୍ର): କରୋନାରେ ଆକ୍ରାନ୍ତମାନଙ୍କ ଚିକିତ୍ସାପାଇଁ ସର୍ବାଧୁନିକ ଚିକିତ୍ସା ପ୍ରଣାଳୀରେ ବ୍ୟବହାର ହେଉଥିବା ଇସିଏମ୍‌ଓ (ଏକ୍ସଟ୍ରା କରପୋରାଲ ମେମ୍‌ବ୍ରେନସ୍ ଅକ୍ସିଜେନ୍) ମେସିନ୍ ବାଲେଶ୍ୱର ମେଡିକାଲ କଲେଜ ହସପିଟାଲରେ ବ୍ୟବହାର ପାଇଁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ସରକାରଙ୍କ ଠାରେ ଦାବି କରିଛି। ଫୁସ୍‌ଫୁସ୍ ଜନିତ ରୋଗର ଚିକିତ୍ସା ପାଇଁ ଏହା ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି। ଗତ ଶନିବାର ଅପରାହ୍ନରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜିଲ୍ଲା କମିଟି କର୍ମକର୍ତ୍ତାମାନଙ୍କ ଆଲୋଚନାରେ ଏହି ମତ ପ୍ରକାଶ ପାଇଛି। କରୋନା ରୋଗୀ ଚିକିତ୍ସିତ ହେଉଥିବା ସମସ୍ତ ହସ୍‌ପିଟାଲରେ ଏହି ଜୀବନରକ୍ଷାକାରୀ ସର୍ବାଧୁନିକ ମେସିନ୍ ଓ ଚିକିତ୍ସା ପ୍ରଣାଳୀକୁ ଉପଯୋଗ କମିଟି ତରଫରୁ ଦୃଢ଼ଦାବି କରାଯାଇଛି। କରୋନା ପ୍ରତିଷେଧକ ଟୀକାଦାନ କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲାରେ ତ୍ୱରାନ୍ୱିତ କରିବାକୁ ଓ ଯୁବବର୍ଗଙ୍କୁ ଟିକାଦାନ ପ୍ରକ୍ରିୟା ଆରମ୍ଭ କରିବା ସହ ଟିକା ନେଇନଥିବା ବୟସ୍କ ଏବଂ ଜରାରୋଗ ପିଡ଼ିତ ବ୍ୟକ୍ତିଙ୍କୁ ଘରେ ଟିକା ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଛି। ଦେଶ ଓ ବିଦେଶରେ ଥିବା କେତେକ ବଦାନ୍ୟ ବ୍ୟକ୍ତ ବାଲେଶ୍ୱରରେ କରେନାର ମୁକାବିଲା ପାଇଁ ଆବଶ୍ୟକୀୟ ସରଞ୍ଜାମ ଓ ଆର୍ଥିକ ଅନୁଦାନ କ୍ରିୟାନୁଷ୍ଠା କମିଟି ମାଧ୍ୟମରେ ପ୍ରଦାନ ପ୍ରସ୍ତାବକୁ ଏହି ଆଲୋଚନାରେ ସ୍ୱାଗତ କରାଯାଇଛି । କ୍ରିୟାନୁଷ୍ଠାନ କମିଟିର ଆଜୀବନ ସଦସ୍ୟ ତଥା ମେଡିକାଲ ମେଡିକାଲ କଲେଜ୍ ପ୍ରତିଷ୍ଠା ଦାବି ଓ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ଇଂ ଅମରେନ୍ଦ୍ର ଦାସ ଓ ଆଇନଜୀବୀ ବିନୋଦ ପାଣିଙ୍କ ଦେହାନ୍ତରେ କମିଟି ତରଫରୁ ଗଭୀର ଦୁଃଖ ପ୍ରକାଶ କରାଯାଇଛି। ଏହି ଆଲେଚନାରେ ସଭାପତି ମମତା ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଉପସଭାପତି ନିରଞ୍ଜନ ରାଉତ ଓ ପ୍ରଭାକର ସାହୁ, ସାଧାରଣ ସଂପାଦକ ପ୍ରଦୀପ ଦାସ, କୋଷାଧ୍ୟକ୍ଷ ପ୍ରଫୁଲ କୁମାର ଦାସ ଓ ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହି ପ୍ରମୁଖ ଅଂଶଗ୍ରହଣ କରଇଥିଲେ। କରେନା ଜନିତ କଟକଣା ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ପ୍ରତି ଶନିବାର ଅପରାହ୍ନରେ ଏହିଭଳି ଆଲୋଚନା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି କମିଟି ତରଫରୁ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି।

# ଜିଲ୍ଲା ପୁଲିସରେ କନେଷ୍ଟବଳ ସ୍ତରରେ ଅଦଳବଦଳ

କୋରେଇ,୩୧/୫ (ନି.ପ୍ର): ଯାଜପୁର ଜିଲ୍ଲାର ବିଭିନ୍ନ ଥାନା ଓ ଫାଣ୍ଡିରେ କାର୍ଯ୍ୟରତ କନେଷ୍ଟବଳ ମାନଙ୍କର ଅଦଳ ବଦଳ କରାଯାଇଛି । ଯେଉଁମାନେ ବିଭିନ୍ନ ଥାନା ଓ ଫାଣ୍ଡିରେ ୩ ବର୍ଷରୁ ଉର୍ଦ୍ଧ କାଳ ଅତିବାହିତ କରିଛନ୍ତି ସେମାନଙ୍କୁ ବଦଳି କରାଯାଇଛି । ଏହି କ୍ରମରେ ୭୮ଜଣ କନେଷ୍ଟବଳଙ୍କ ଜିଲ୍ଲାର ବିଭିନ୍ନ ଥାନା ଫାଣ୍ଡିରୁ ଅନ୍ୟତ୍ର ବଦଳି କରାଯାଇଛି । ଜିଲ୍ଲାର ବିଭିନ୍ନ ଥାନା ଯଥା ବିଂଝାରପୁର ୪ ଜଣ, ଜେନାପୁର ୨ଜଣ, ସୁକିନ୍ଦା ୩ଜଣ, କଳିଙ୍ଗନଗର ୩ଜଣ, ଟମକା ୩ଜଣ, ବରୀ ୧ଜଣ, ବଡଚଣା ୪ଜଣ, କୁଆଖିଆ ୩ ଜଣ, ଯାଜପୁରରୋଡ ୫ ଜଣ, କୋରାଇ ୨ ଜଣ, ବୈରୀ ୧ଜଣ, ଜଖପୁରା ୨ ଜଣ, ବରୀ ୩ ଜଣ, ମଙ୍ଗଳପୁର ୧ଜଣ, କାଳିଆପାଣି ୧ ଜଣ, ଯାଜପୁର ସଦର ୨ଜଣ, ବାଲିଚନ୍ଦ୍ରପୁର ୨ଜଣ, ଧର୍ମଶାଳା ୧ଜଣ, ଯାଜପୁର ୧ ଜଣ, ପାଣିକୋଇଲି ୨ଜଣ, ଯାଜପୁରରୋଡ କୋର୍ଟ ୪ଜଣ, ଯାଜପୁର ରୋଡ ଟିଓପି ୫ ଜଣ, ଯାଜପୁର ଟିଓପି ୩ ଜଣ, ବିରଜା ଟିଓପି ୨ଜଣ, କୋଟପୁର ଟିଓପି ୧ଜଣ, ବ୍ରହ୍ମବରଦା ଫାଣ୍ଡି ୩ ଜଣ, ଚଢେଇଧରା ବିଟହାଉସ ୧ଜଣ, ଦାନଗଦି ବିଟ ହାଉସ ୧ ଜଣ, ଚଣ୍ଡିଖୋଲ ଫାଣ୍ଡି ୩ ଜଣ, ଜରୀ ବିଟ ହାଉସ ୧ଜଣ, ଅଳକୁଣ୍ଡ ଫାଣ୍ଡି ୨ଜଣ, ଧାନମଣ୍ଡଳ ଫାଣ୍ଡି ୧ଜଣ, ଝୁମ୍ପୁରୀ ବିଟହାଉସ ୨ଜଣ, ଜିଲ୍ଲା ସଦର ମହକୁମାରୁ ୩ ଜଣଙ୍କୁ ଜିଲ୍ଲାର ବିଭିନ୍ନ ଥାନାକୁ ବଦଳି କରାଯାଇଛି ।

## ମୁଖ୍ୟସ୍ରୋତରେ ସାମିଲ ପାଇଁ ନଦୀରେ ବ୍ରିଜହେବ: ବିଧାୟକ

ଜୟପୁର,୩୧/୫ (ନି.ପ୍ର): ଜୟପୁର ବ୍ଲକ ଓ ବୋରିଗୁମ୍ମା ବ୍ଲକ ଥିବା ନଦୀ ଉପରେ ବ୍ରିଜ ହେବ । ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ବ୍ରିଜ ନିର୍ମାଣ ହେବ ବୋଲି ବିଧାୟକ ତାରା ପ୍ରସାଦ ବାହୀନିପତି ସୂଚନା ଦେଇଛନ୍ତି । ଜୟପୁର ବ୍ଲକ ଅନ୍ତର୍ଗତ ଫାମ୍ପୁଣି, କୁମୁଲିପୁଟ ପ୍ରାଧାନମନ୍ତ୍ରୀ ସଡକରୁ ଝଡଗାଁ ପ୍ରଧାନମନ୍ତ୍ରୀ ସଡକର କୋଲାବ ନଦୀ ଉପରେ ବ୍ରିଜ ନିର୍ମାଣ, ରାଣିଗଡ ଗ୍ରାମପଂଚାୟତ ମାଳି କରଚି ତେଲଙ୍ଗିରି ନଦୀ ଏବଂ ବୋରିଗୁମ୍ମା ପଂଚାୟତ ସମିତି ଅନ୍ତର୍ଗତ ବଡ ଇନ୍ଦାରପୁରରୁ ଘାଟଗୁଡା ମୁରାନ ନଦୀ ଉପରେ ବ୍ରିଜ ନିର୍ମାଣ ପାଇଁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ୨।୩।୨୧ ତାରିଖ ରେ ୬୯୯ ଚିଠି ସଂଖ୍ୟା ମାଧ୍ୟାମରେ ଗ୍ରାମାଂଚଳରେ ଗମନାଗମନ ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ତତ୍କାଳୀନ ଶାସନ ସଚିବ ତଥା ବିକାଶ ବି.କେ ଜେନାଙ୍କ ନିକଟଙ୍କୁ ପତ୍ର ଲେଖି ଦାବି କରିଥିଲେ । ବ୍ରିଜ ନଥିବାରୁ ଗ୍ରାମବାସୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ । ଏନେଇ ବିଭାଗ ପାଖରେ ଯାତାୟତର ସୁବିଧା ପାଇଁ ବାରମ୍ବାର ଦାବି କରିବା ପରେ ୩ଟି ବ୍ରିଜି କରିବା ପାଇଁ ମଞ୍ଜୁର କରିଛନ୍ତି । ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ ବ୍ରିଜ ହେଲେ ଲୋକ ଗ୍ରାମବାସୀ ମାନେ ମୁଖ୍ୟ ସ୍ରୋତରେ ସାମିଲ ହେବା ସହ ଛାତ୍ର ଛାତ୍ରୀ ସ୍କୁଲ ଯିବାର ସମସ୍ୟା ରହିବ ନାହିଁ । ବିକାଶ ଗ୍ରାମରେ ପହଂଚି ପାରିବ ବୋଲି ବିଧାୟକ ବାହନିପତି ସୂଚନା ଦେବା ସହ ଉକ୍ତ ଅଂଚଳ ଗ୍ରାମବାସୀ ମାନେ ମଧ୍ୟ ଖୁସି ପ୍ରକଟ କରିଥିବା ଜଣାଯାଇଛି ।

# ସେବା ହିଁ ସଂଗଠନ ମୋଦି ସରକାରଙ୍କ ୭ମ ବର୍ଷ ପୂର୍ତ୍ତି ଅବସରରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ



ବାଲେଶ୍ୱର,୩୧/୫ (ନି.ପ୍ର): କେନ୍ଦ୍ରରେ ମୋଦୀଜୀଙ୍କ ନେତୃତ୍ୱରେ ପରିଚାଳିତ ସରକାରର ୭ମ ବର୍ଷ ପୂର୍ତ୍ତି ଅବସରରେ ଦଳିୟ ନିଷ୍ପତ୍ତି କ୍ରମେ ଦେଶ ବ୍ୟାପି ଆଜିଠାରୁ ସେବା ହିଁ ସଂଗଠନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ରକ୍ତଦାନ ଶିବିର, ବୃକ୍ଷ ରୋପଣ, ସଫେଇ କାର୍ଯ୍ୟକ୍ରମ, ରୋଗୀଙ୍କ ଫଳ ବଣ୍ଟନ, ସ୍ୱାସ୍ଥ୍ୟ ଶିବିର, ବିଶେଷ କରି ବର୍ତ୍ତମାନ ସମୟରେ ବାତ୍ୟା ବିପର୍ଯ୍ୟୟଙ୍କୁ ସମସ୍ତ ପ୍ରକାରର ସହାୟତା, ମାସ୍କ-ସାବୁନ-ସେନିଟାଇଜର ବଣ୍ଟନ, ସାର୍ବଜନୀନ ସ୍ଥାନକୁ ବିଶୁଦ୍ଧିକରଣ କରିବା ଇତ୍ୟାଦି ସେବା ହିଁ ସଂଗଠନ ଅନ୍ତର୍ଭୁକ୍ତ କାର୍ଯ୍ୟ । ସେହି କ୍ରମରେ ଆଜି କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୁଡୁ ପଞ୍ଚାୟତର ଗୁଡୁପାହି ଠାରେ ଏକ ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଛନ୍ତି । ଡାକ୍ତର କୈଳାସ ବିଶ୍ୱାଳଙ୍କ ନେତୃତ୍ୱରେ ପାଞ୍ଚ ଜଣିଆ ଡାକ୍ତର ଦଳ ଉକ୍ତ ଶିବିରରେ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଆବଶ୍ୟକୀୟ ଔଷଦ ବଣ୍ଟନ କରାଯାଇଛି । ଉଲ୍ଲେଖନୀୟ ବିଷୟ ଏହି କି ଯେ ବାତ୍ୟା ଯୋଗୁଁ ଗୁଡୁ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଅନେକ ଲୋକ ଏଯାଏଁ ନିଜ ଘରକୁ ଫେରିପାରି ନାହାଁନ୍ତି, ବିଦ୍ୟୁତ ବ୍ୟବସ୍ଥା ଅସଜଡା, ପାନୀୟ ଜଳର ଘୋର ସଂକଟ, ତେଣୁ ଏହି ଅଞ୍ଚଳରେ ରୋଗ ବୈରାଗ ବ୍ୟାପିବା ପୂର୍ବରୁ ଜିଲ୍ଲା ବିଜେପିର ଏତାଦୃଶ କାର୍ଯ୍ୟକୁ ସ୍ଥାନୀୟ ଲୋକେ ଭୂୟସୀ ପ୍ରଶଂସା କରିଛନ୍ତି । ପରବର୍ତ୍ତୀ ସମୟରେ କେନ୍ଦ୍ରମନ୍ତ୍ରୀ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ୨୦୦ରୁ ଉର୍ଦ୍ଧ୍ୱ ପରିବାରକୁ ରିଲିଫ ସାମଗ୍ରୀ ସହିତ ଚାଦର ବଣ୍ଟନ କରିଥିଲେ । ଏ କରୋନା ମହାମାରୀ ତାଉପରେ ବାତ୍ୟା ପରବର୍ତ୍ତୀ ଉଭଟ ସମସ୍ୟା କାରଣରୁ ସମସ୍ତଙ୍କୁ ନିବେଦନ କରିଛନ୍ତି । ଆଜିର ସ୍ୱାସ୍ଥ୍ୟ ଶିବିର ଓ ରିଲିଫ ବଣ୍ଟନରେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ୨୭ ନମ୍ବର ଜିଲ୍ଲାର ପରିଷଦ ସଦସ୍ୟ ସୁଧାଂଶୁ ଶେଖର ପଣ୍ଡା, ସରପଞ୍ଚ ଲମ୍ବୋଦର ପ୍ରଧାନ, ସମିତି ସଭ୍ୟ ଭୋଳାନାଥ ପାତ୍ର, ସିଦ୍ଧେଶ୍ୱର ଦାସ, ଗୋପାଳ କଳା, ମିହିର ରାୟ, ମନୋରଞ୍ଜନ ଖଟେଇ, ଦୀପକ ଘୋଷ, ମୋହିତ ପୋଦ୍ଦାର ପ୍ରମୁଖ ସହଯୋଗ କରିଥିଲେ।

## ନିରାଡ଼ମ୍ବରରେ ସହ ବାବା ଅମରେଶ୍ୱର ମହାଦେବଙ୍କ ୯ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ

ଧାମନଗର ,୩୧/୫ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଂଚାୟତ ଅନହରପୁରର ବାବା ଅମରେଶ୍ୱରଙ୍କ ନବମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ନିରାଡ଼ମ୍ବର ଭାବେ ପାଳନ କରାଯାଇଛି । ପଣ୍ଡିତ ଗଣେଷ ମିଶ୍ର, ଶ୍ରୀବତ୍ସ ମିଶ୍ରଙ୍କ ପୌରୋହିତ୍ୟରେ ଶନିବାର ପ୍ରାତଃରୁ ଗୋପୂଜା, ସୂର୍ଯ୍ୟ ପୂଜା ଓ ପାର୍ଶ୍ୱ ଦେବାଦେବୀ ପୂଜା ଅନୁଷ୍ଠିତ ହୋଇଥିଲା । କରୋନା ଜନିତ ସପ୍ତାହାନ୍ତ ସଟଡାଉନ ହେତୁ ମନ୍ଦିରର ପୂଜା ଓ ସମସ୍ତ ନୀତିକାନ୍ତି ନିରାଡ଼ମ୍ବର ତଥା ସାମାଜିକ ଦୂରତ୍ୱ ବଜାୟ ପୂର୍ବକ ଅନୁଷ୍ଠିତ ହୋଇଥିଲା । ମନ୍ଦିରର ପ୍ରତିଷ୍ଠାତା ତଥା ଦୈନିକ ଓଡ଼ିଆ ସମ୍ବାଦ ପତ୍ର କ୍ରାନ୍ତିଧାରାର ସଂପାଦକ ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ସାନ ଭାଇ ଅଧିବକ୍ତା ସୁଦର୍ଶନ ସାମଲ ଏବଂ ସ୍ଥାନୀୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଯୋଗାଯୋଗରେ ପ୍ରତିଷ୍ଠା ଉତ୍ସବ ଓ ରୁଦ୍ରାଭିଷେକ ଭଳି ପବିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଟ୍‌ଡାଉନ ଓ ପ୍ରଶାସନିକ କଟକଣା ହେତୁ ସୀମିତ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବାବା ଅମରେଶ୍ୱରଙ୍କ କୃପାଭିକ୍ଷା କରିଥିଲେ ।

## ଭର୍ଚୁଆଲ ମାଧ୍ୟମରେ ବାର୍ଷିକ କାର୍ଯ୍ୟକ୍ରମର ତର୍ଜମା ସହିତ କରୋନା ମୁକାବିଲା ପାଇଁ କାର୍ଯ୍ୟ ଖସଡ଼ା ସମ୍ପର୍କିତ ଆଲୋଚନା

କନ୍ଧମାଳ,୩୧/୫ (ନି.ପ୍ର): କନ୍ଧମାଳ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ''ସ୍ୱାତୀ'' ପକ୍ଷରୁ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ଇଂ. ହରିଶଙ୍କର ରାଉତଙ୍କ ଆଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ସମସ୍ତ ଆଗଧାଡିର କର୍ମଚାରୀଙ୍କ ସହ ପରିଚାଳନା କମିଟିର ସଦସ୍ୟ ଶାନ୍ତନୁ କୁମାର ମିଶ୍ର, ପ୍ରଶାନ୍ତ ଶତପଥୀ ଓ ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବୈଠକ ମାଧ୍ୟମରେ କୋଭିଡ୍ ସମୟର କାର୍ଯ୍ୟ କରିବାର ଅନୁଭୂତି ଓ ବିଭିନ୍ନ ଆନ୍ତର୍ଜାତୀୟ ଓ ସରକାରୀ ସହଯୋଗୀ ଅନୁଷ୍ଠାନ ଯଥା- ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି, ଆଲାଏନ୍‌ସ ଇଣ୍ଡିଆ, କ୍ରାଏ-କୋଲକାତାଙ୍କ ଠାରୁ ମିଳିଥିବା ସହାୟତାକୁ କିପରି କରୋନା ସଂକ୍ରମଣ ସମୟରେ ସାଧାରଣ ଲୋକଙ୍କ ପାଖରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପହଂଚାଇ ସଂକ୍ରମଣ ରୋକିବାରେ ସହାୟକ ହୋଇଛି ସେ ଉପରେ ଗୁରୁତ୍ୱ ଦେଇ ଆଲୋଚନା ହୋଇଥିବା ଅନୁଷ୍ଠାନ ତରଫରୁ ଗ୍ରାମୀଣ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କିପରି ଆଗାମୀ ଦିନରେ କୋଭିଡ୍‌ର ସମସ୍ତ ନିୟମ ପାଳନ କରି ଆଗକୁ ବଢ଼ି ହେବ ସେ ଦିଗରେ ଉପସ୍ଥିତ ସମସ୍ତ କର୍ମଚାରୀ ଆଲୋଚନା କରିଥିଲେ । ଏହି ଆଲୋଚନାରେ କରୋନା ମହାମାରୀ ସମୟରେ ପ୍ରାୟ ୨୫୦୦ ପରିବାରକୁ ସାବୁନ ଓ ମାସ୍କ ବାଣ୍ଟିବା ସହ ୨୦,୦୦୦ରୁ ଅଧିକ ସାବୁନ ଓ ମାସ୍କ ବିଭିନ୍ନ ଜାଗାରେ ଯଥା- ହାଟ, ବଜାର, ବିଦ୍ୟାଳୟ, ମନ୍ଦିର ପ୍ରାଙ୍ଗଣ, ଜନଗହଳି ସ୍ଥାନମାନଙ୍କରେ ବଣ୍ଟନ କରାଯାଇଥିବା ଅନୁଷ୍ଠାନର କର୍ମଚାରୀମାନେ ସୂଚନା ଦେଇଥିଲେ । ତତ୍‌ସହିତ କରୋନାର ପ୍ରଥମ ଲହର ସମୟରେ ପ୍ରବାସୀମାନଙ୍କର ପଞ୍ଜିକରଣ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ସହଯୋଗରେ ସାନିଟାଇଜର ପ୍ରସ୍ତୁତି , ମାସ୍କ ତିଆରି କରି ବାଣ୍ଟିବା ଭଳି କାର୍ଯ୍ୟ ମଧ୍ୟ ଅନୁଷ୍ଠାନ ତରଫରୁ କରାଯାଇଥିବା କଥା ଉପସ୍ଥାପିତ ହୋଇଥିଲା । କାର୍ଯ୍ୟକ୍ରମକୁ ''ସ୍ୱାତୀ'' ତରଫରୁ ପ୍ରଦୀପ କୁମାର ସ୍ୱାଇଁ ପରିଚାଳନା କରିଥିଲେ ।

# ୨୪ ଘଣ୍ଟାରେ ବିଦ୍ୟୁତ ଓ ୭ ଦିନ ଭିତରେ ପୂର୍ବାବସ୍ଥା ଫେରାଇ ଆଣିବାକୁ ନିର୍ଦ୍ଦେଶ : ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଭଦ୍ରକ,୩୧/୫ (ନି.ପ୍ର): ବାତ୍ୟା 'ୟଶ୍' ଜନିତ କ୍ଷୟକ୍ଷତି ଏବଂ ଏହାର ପରବର୍ତ୍ତୀ ସ୍ଥିତିର ସମୀକ୍ଷା ପାଇଁ ଆଜି ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭଦ୍ରକ ଗସ୍ତରେ ଆସିଥିଲେ । ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ବାତ୍ୟା ଓ ବନ୍ୟା ସମ୍ପର୍କୀତ କ୍ଷୟକ୍ଷତିର ପ୍ରାଥମିକ ଆକଳନ ସମ୍ପର୍କରେ ସୂଚନା ଦେଇଥିଲେ । ବାତ୍ୟା ଓ ପରେ ବୈତରଣୀର ବନ୍ୟା ଏକକାଳୀନ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳକୁ ପ୍ରଭାବିତ କରିଛି । ବାତ୍ୟାରେ ଚାନ୍ଦବାଲି ଓ ବାସୁଦେବପୁର ବ୍ଲକରେ ସର୍ବାଧିକ କ୍ଷତି ହୋଇଥିବା ବେଳେ ବୈତରଣୀ ବନ୍ୟାରେ ଭଣ୍ଡାରିପୋଖରୀ, ଧାମନଗର ବ୍ଲକ ଅଧିକ ପ୍ରଭାବିତ ହୋଇଛି । ଏହା ବ୍ୟତୀତ ତିହିଡ଼ି, ବନ୍ତ, ଭଦ୍ରକ ବ୍ଲକ ଓ ପୌରାଞ୍ଚଳର ବହୁ ଚାଷ ଜମିରେ ଏବେ ମଧ ପାଣି ଭର୍ତ୍ତି ହୋଇ ରହିଛି । ବହୁ ସ୍ଥାନରେ ଏସ୍‌କାଭେଟର ଏବଂ କେତେକ ସ୍ଥାନରେ ବଡବଡ ପମ୍ପ ସାହାଯ୍ୟରେ ଜଳ ନିଷ୍କାସନ କରାଯାଉଛି । ସ୍ଥାନାନ୍ତରିତ ହୋଇଥିବା ଲୋକମାନେ ପ୍ରାୟତଃ ନିଜ ନିଜ ଘରକୁ ଫେରିଗଲେଣି । ଯେଉଁମାନେ ଏବେବି ଆଶ୍ରୟସ୍ଥଳୀରେ ଅଛନ୍ତି, ସେମାନଙ୍କୁ ଖାଦ୍ୟ ଯୋଗାଣ କରାଯାଉଛି । ସମସ୍ତ ବାତ୍ୟ ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ଘରଭଙ୍ଗାର ଆକଳନ ଆରମ୍ଭ ହୋଇଛି । ଚାନ୍ଦବାଲି ବ୍ଲକକୁ ୭ଜଣ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ପଠାଯାଇଛି । ଏହା ବ୍ୟତୀତ ଆର୍‌ଆଇ, ଅତିରିକ୍ତ ତହସିଲଦାର, ତହସିଲଦାର ଘରକୁ ଘର ବୁଲି ବାସ୍ତବିକ ଚିତ୍ର ଦେଖିବା ସହ ଘରଭଙ୍ଗାର ଆକଳନ କରିବା ଆରମ୍ଭ କରିଛନ୍ତି । ବାତ୍ୟାରେ ହୋଇଥିବା ଚାଷ ସମ୍ପର୍କରେ ମଧ ଆକଳନ କରାଯାଉଛି । ରାସ୍ତଘାଟ ଯେଉଁସବୁ ସ୍ଥାନରେ ଅବରୋଧ ହୋଇଥିଲା, ପ୍ରାୟତଃ ସେସବୁ ଅବରୋଧକୁ ପରିଷ୍କାର କରାଯାଇ ସାରିଲାଣି । ମାତ୍ର କେତେକ ଯେଉଁ ସ୍ଥାନରେ ରାସ୍ତା କଟ୍‌ଅପ୍ ହୋଇଥିଲା, ସେସବୁ ମରାମତି ପାଇଁ କାର୍ଯ୍ୟ ଜାରି ରହିଛି ବୋଲି କହିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ଓ ବନ୍ୟା ପୂର୍ବରୁ ଯେଉଁଭଳି ପଦକ୍ଷେପ ନେଇଥିଲେ, ଫଳ ସ୍ୱରୂପ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଯେଉଁ ବାର୍ତ୍ତା ଥିଲା 'ଜିରୋ କାଜୁଆଲିଟି' ତାହା ସଫଳ ହୋଇ ପାରିଛି । ଜିଲ୍ଲାରେ କେହି ମୃତ୍ୟୁ ବରଣ କରି ନାହାନ୍ତି । ସେଥିଲାଗି ମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ବାତ୍ୟା ପରେ ଏବେ ମଧ ୮୧ଟି ଗ୍ରାମରୁ ଜଳ ନିଷ୍କାସନ ହୋଇ ପାରିନାହିଁ । ସେସବୁ ଗ୍ରାମରୁ ଜଳ ନିଷ୍କାସନ ପାଇଁ ଚେଷ୍ଟା ଜାରି ରହିଛି । ଲୋକେ ଯେପରି ଭୋକିଲା ନ ରହନ୍ତି ସେଥିଲାଗି ରାଜ୍ୟ ସରକାର ୭ଦିନର ରିଲିଫ୍ ଯୋଗାଣର ବ୍ୟବସ୍ଥା କରିଛନ୍ତି । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଅଞ୍ଚଳର ବିଧାୟକ, ସାଂସଦ ନିଜ ପ୍ରଚେଷ୍ଟାରେ ଲୋକଙ୍କ ପାଖରେ ଖାଦ୍ୟ ପହଞ୍ଚାଉଛନ୍ତି ବୋଲି ମନ୍ତ୍ରୀ କହିଥିଲେ । ଏହା ବ୍ୟତୀତ ୨୪ ଘଣ୍ଟା ମଧରେ ସମଗ୍ର ଜିଲ୍ଲାରେ ବିଦ୍ୟୁତ୍ ସରବରାହକୁ ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ବିଭାଗୀୟ ଅଧିକାରୀ ଏହାକୁ ସମ୍ପନ୍ନ କରିବେ ବୋଲି ପ୍ରତିଶୃତି ଦେଇଥିବା ପ୍ରକାଶ କରିଥିଲେ । ଜିଲ୍ଲା ପ୍ରଶାସନ ୨ ତାରିଖ ସୁଦ୍ଧା ପ୍ରକୃତ କ୍ଷୟକ୍ଷତିର ସବିଶେଷ ବିବରଣୀ ସରକାରଙ୍କୁ ଦେବା ସହିତ ୭ ଦିନ ମଧରେ ଜିଲ୍ଲା ଯେପରି ପୂର୍ବାବସ୍ଥାକୁ ଫେରି ଆସିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଭଦ୍ରକର ମାନନୀୟା ସାଂସଦ ମଞ୍ଜୁଲତା ମଣ୍ଡଳ, ଧାମନଗରର ମାନ୍ୟବର ବିଧାୟକ ବିଷ୍ଣୁ ସେଠୀ, ଭଦ୍ରକର ମାନ୍ୟବର ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲା ପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ପ୍ରଣୀତକାନ୍ତ ସାମଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଧାମନଗର ବନ୍ୟା ଅଂଚଳ ପରିଦର୍ଶନ କଲେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ



ଧାମନଗର ,୩୧/୫ (ନି.ପ୍ର): ବାତ୍ୟା 'ୟାସ' ପ୍ରଭାବରେ ପ୍ରବଳ ବର୍ଷା ହେତୁ ବୈତରଣୀ ନଦୀର ଜଳସ୍ତର ବୃଦ୍ଧିପାଇ ତା'ର ଶାଖା ନଦୀ କୋଟୀଳା ଓ ଗେଙ୍ଗୁଟି ନଦୀରେ ବନ୍ୟା ଆସିଥିଲା । କଣ୍ଟିଘାଇ, ଗୌରାଙ୍ଗପୁର ଓ ମଲ୍ଲୀମାହାରା ଏସକେଫରୁ ବନ୍ୟାଜଳ ବାହାରି ଧାମନଗର ବ୍ଲକର ୨୪ଟି ପଂଚାୟତ ସମେତ ଏନଏସିର ୩ଟି ୱାର୍ଡରେ ବିସ୍ତୀର୍ଣ୍ଣ ଚାଷ ଜମି ଜଳମଗ୍ନ ହୋଇଛି। ଫଳରେ ରବିଧାନ, ବାଇଗଣ ଓ ପୋଟଳ ଇତ୍ୟାଦି ପନିପରିବା ଚାଷ ପାଣିରେ ବୁଡ଼ିଯିବା ଫଳରେ ବାତ୍ୟା ଓ ବନ୍ୟା ଦାଉରୁ ଜୀବନ ବଂଚିଯାଇଥିବା ଚାଷୀର ଜୀବିକା ନଷ୍ଟ ହୋଇଯାଇଛି। ରବିବାର ପୂର୍ବାହ୍ନରେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଜଳସେଚନ ବିଭାଗର ଦୁଇ କନିଷ୍ଠ ଯନ୍ତ୍ରୀଙ୍କ ସହିତ ମଲ୍ଲୀମାହାରା ଓ ଗୌରାଙ୍ଗପୁର ଏସ୍‌କେଫ ସମେତ ପଧାନୀ, ନଦୀଗାଁ, ହସନାବାଦ, ପାଳସାହି ଇତ୍ୟାଦି ପଂଚାୟତ ବୁଲିବା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଏଥି ସହିତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିଶୋର ଚନ୍ଦ୍ର ଦାସ, ଅରୁଣ କୁମାର ତ୍ରିପାଠୀଙ୍କ ସହ ନଦୀ ବନ୍ଧର ସୁଦୃଢୀ କରଣ ଓ ଏସକେଫର ମାନ ଉନ୍ନତି କରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପରିଦର୍ଶନ ଓ ସମୀକ୍ଷା ସମୟରେ ଶ୍ରୀ ମଣ୍ଡଳଙ୍କ ସହିତ ପଂଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ସାଂସଦ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ସମିତି ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ହରେକୃଷ୍ଣ ପାଢୀ, ବିଜେଡି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ନଗର ସଭାପତି ସୁଶାନ୍ତ କୁମାର ରାଉତ, ବରିଷ୍ଠ ବିଜେଡି ନେତା ତଥା ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସମେତ ବହୁ ସ୍ଥାନୀୟ ଛାମୁଆ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ପୌରାଞ୍ଚଳ ବାତ୍ୟା ପୀଡିତଙ୍କୁ ସହାୟତା ଓ ଓଡ଼ିଶା ମୋ ପରିବାର ପକ୍ଷରୁ ପଲିଥିନ ବଣ୍ଟନ



ବାଲେଶ୍ୱର,୩୧/୫ (ନି.ପ୍ର): ବାଲେଶ୍ୱର ପୌରାଞ୍ଚଳସ୍ଥିତ ୩୧ନଂ ୱାର୍ଡ଼ କ୍ଷତିଗ୍ରସ୍ତ ବସ୍ତି ବାସିନ୍ଦାଙ୍କୁ ସୋମବାର ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ସମାଜସେବୀ ସୁବାସିନୀ ଜେନା ଏହି ୱାର୍ଡ଼ରେ ପହଞ୍ଚି ବାତ୍ୟା ପିଡ଼ିତଙ୍କୁ ପଲିଥିନ ବଣ୍ଟନ କରିଥିଲେ । ଏଥି ସହିତ ସେମାନେ ପୀଡ଼ିତ ପରିବାରଙ୍କୁ ପାନୀୟ ଜଳ ଓ ରାସନ ସାମଗ୍ରୀ ମଧ ପ୍ରଦାନ କରିଥିଲେ । ପର୍ଯ୍ୟାୟକ୍ରମେ ସମସ୍ତ ପ୍ରଭାବିତ ଅଞ୍ଚଳରେ ରିଲିଫ ସାମଗ୍ରୀ ପହଞ୍ଚଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଜନସାଧାରଣ କୋଭିଡ ନିୟମ ମାନି ଶାନ୍ତି ଶୃଙ୍ଖଳା ରକ୍ଷା ସହ ସହଯୋଗ କରିବାକୁ ବିଧାୟକ ଶ୍ରୀ ଦାସ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ପୂର୍ବତନ କାଉନସିଲର ରଞ୍ଜିତା ମହାପାତ୍ର ଏହି ରଲିଫ ପ୍ରଦାନ କାର୍ଯ୍ୟକୁ ପରିଚାଳନା କରିବା ସହିତ ବାତ୍ୟା ପ୍ରଭାବିତଙ୍କ ଆଶା ପୂରଣ କରିବାରେ ବିଜୁ ଜନତା ଦଳ ସର୍ବଦା ପ୍ରସ୍ତୁତ ଅଛି ବୋଲି ପ୍ରକାଶ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋଜ ରାଉତ, ସୂର୍ଯ୍ୟକାନ୍ତ କର, ଶୁଭମ ସାଇ ମହାପାତ୍ର, ସୀମନ ଦାସମହାପାତ୍ର, ସବିତା ସାହୁ ପ୍ରମୁଖ ରଲିଫ ପ୍ରଦାନ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ସେହିପରି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଶ୍ରୀକୋଣା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଧାୟକ ଶ୍ରୀ ଦାସ ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ରିଲିଫ ପ୍ରଦାନ କାର୍ଯ୍ୟକୁ ତଦାରଖ କରିଥିଲେ ।

# ଗଢାଯିବ କି ଗଢାଯିବ ନାହିଁ ତାହାହିଁ ପ୍ରଶ୍ନ

ସଚିନ ଶ୍ରୀଧର

୧୯୪୭ ମସିହା ବେଳକୁ ଭାରତର ଜନସଂଖ୍ୟା ୩୪ କୋଟି ଥିବାବେଳେ ୨୦୨୦ ମସିହା ବେଳକୁ ଏହା ୪ ଗୁଣ ବୃଦ୍ଧି ପାଇ ୧୩୯ କୋଟିରେ ପହଂଚିଛି। କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ସଂଖ୍ୟା ୧୮ରୁ ୫୧ ଏବଂ ସରକାରୀ କର୍ମଚାରୀଙ୍କ ସଂଖ୍ୟା ୧ ଲକ୍ଷରୁ ୬୬ ଲକ୍ଷକୁ ବୃଦ୍ଧି ପାଇଥିବାବେଳେ ପେନସନ୍ ଉପଭୋକ୍ତାଙ୍କ ସଂଖ୍ୟା ୫୨ ଲକ୍ଷରେ ପହଂଚିଛି ଏବଂ ଏହି ସଂଖ୍ୟାରେ ବୃଦ୍ଧି ଘଟି ଚାଲିଛି। ଏହାର ବିପରୀତ ସଂସଦର ଆକାର ୧୯୫୨ ମସିହାରେ ଉଭୟ ଗୃହର ସଭ୍ୟ ସଂଖା ମିଶି ୭୦୫ ଥିବାବେଳେ ୨୦୨୧ରେ ଏହା କେବଳ ୭୭୨ରେ ପହଂଚିଛି ଯାହାର ସଂଖ୍ୟା ବୃଦ୍ଧି ହାର ୭ ଦଶନ୍ଧି ମଧ୍ୟରେ କେବଳ ୯.୫ ପ୍ରତିଶତ। ତେବେ ସ୍ୱାଧୀନ ଭାରତର ଏହି ଆନୁକ୍ରମିକ ଦଶନ୍ଧିଗୁଡିକ ମଧ୍ୟରେ ସରକାରଙ୍କ ବାସ୍ତବ ଆକାର, ଅସୁମାରୀ ଆନନ୍ଦ ଏବଂ କେତେବେଳେ ଅତି ଅରୁଚିକର ମାର୍ଗରେ ନାଗରିକଙ୍କ ଜୀବନ ଉପରେ ଏହାଦ୍ୱାରା ପଡୁଥିବା ପ୍ରଭାବ ଏବଂ ଏକ ବିବିଧତା ଭରା ଦେଶର ବ୍ୟାପାର ପରିଚାଳନା ପାଇଁ ବୈଧାନିକ ଜଟିଳତା ଅତିମାତ୍ରାରେ ବୃଦ୍ଧି ପାଇଛି। ଗତ ୭ ଦଶନ୍ଧି ମଧ୍ୟରେ ଦେଶର ବାସ୍ତବିକ ଭିତିଭୂମୀ ବହୁଗୁଣରେ ବୃଦ୍ଧି ପାଇଛି ଏବଂ ତଥାପି ମଧ୍ୟ ପୂର୍ବରୁ କ୍ଷମତାରେ ରହିଆସିଥିବା କେନ୍ଦ୍ର ସରକାରଗୁଡିକ ଇତିହାସର କେତେକ ଅସ୍ପଷ୍ଟ କଳ୍ପନାବିଳାଶୀ ଅବଧାରଣା ସହ ନିଜକୁ ବାନ୍ଧି ରଖିଛନ୍ତି କିମ୍ବା ବୋଧହୁଏ ଜଡତା ଦ୍ୱାରା ସ୍ଥାଣୁ ହୋଇ ସେଂଟ୍ରାଲ ଭିସ୍ତାରେ ଖଣ୍ଡିଏ ଇଟା ବି ଯୋଡି ନାହାନ୍ତି। ଏପରିକି ଏହାର ନକ୍ସା ପ୍ରସ୍ତୁତି କରିବା ପାଇଁ ମଧ୍ୟ ଚିନ୍ତା କରାଯାଇନାହିଁ। ପ୍ରଶାସନିକ ଆବଶ୍ୟକତା ଏବଂ ଶାସନ ଏଥିପାଇଁ ପଛେ ନିନ୍ଦାର ପାତ୍ର ହେଉ।

ସମସ୍ତ ବିଶ୍ୱ ମାନଦଣ୍ଡକୁ ବିଚାରକୁ ନେଲେ ଆମ ସଂସଦର ଆକାର ଅତି କ୍ଷୁଦ୍ର। ୨୫ରୁ ୪୦ ଲକ୍ଷ ମତଦାତାଙ୍କୁ ନେଇ ଗଠିତ ଏକ ନିର୍ବାଚନମଣ୍ଡଳୀ ଏହାର ସାଂସଦଙ୍କୁ ଉତରଦାୟୀ କରିବା ଏତେ ସହଜ ନୁହେଁ। ଏହାକୁ ବ୍ରିଟିଶମାନଙ୍କ ସହ ତୁଳନା କରାଯାଉ, ଯାହାର ୱେଷ୍ଟମିନିଷ୍ଟର ଢାଂଚାକୁ ଆମେ ଅନୁସରଣ କରିଛୁ। ୭ କୋଟିରୁ କମ୍ ଲୋକଙ୍କ ପାଇଁ ବ୍ରିଟିଶ ପାର୍ଲାମେଂଟର ହାଉସ ଅଫ କମନସରେ ପ୍ରାୟ ୬୩୦ ଜଣ ନିର୍ବାଚିତ ସଦସ୍ୟ ଅଛନ୍ତି (ଭାରତର ୫ ପ୍ରତିଶତ)। ଭାରତରେ ସାଂସଦମାନଙ୍କ ସଂଖ୍ୟା ସୀମା ନିର୍ଦ୍ଧାରଣ କମିଶନଙ୍କ ଦ୍ୱାରା ସ୍ଥିର ହୋଇଥାଏ ଏବଂ ଅତୀତରେ ୧୯୫୨, ୧୯୬୩, ୧୯୭୩ ଏବଂ ୨୦୦୨ ମସିହାରେ ୪ଟି କମିଶନ୍ ବସି ଏହି ସଂଖ୍ୟା ନିର୍ଦ୍ଧାରଣ କରିଥିଲା। ୨୦୨୬ ବେଳକୁ ଆଉ ଏକ କମିଶନ୍ ବସିବାର ସ୍ଥିର ହୋଇଛି ଏବଂ ୨୦୩୧ ସୁଦ୍ଧା ଅନ୍ୟୁନ୍ୟ ୮୦୦ରୁ ଅଧିକ ଲୋକସଭା ସଦସ୍ୟଙ୍କ ସହ ଏକ ବୃହତର ସଂସଦ ଗଠିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଯଦି ଏବେ ନୁହେଁ ତ କେବେ ଭାରତ ଏଥିପାଇଁ ପ୍ରସ୍ତୁତ ହେବ? କିଛି ନୂଆ ଗଢିବା ବା କରିବା ପାଇଁ ଅନୁମତି ପ୍ରଦାନ କରୁନଥିବା ଭଳି ଭାରତରେ ବିକଶିତ ଏକ ବିଭାଜନକାରୀ ସଂସ୍କୃତି ଭିତରେ ଆମେ ନିରନ୍ତର ଭାବେ ଯୋଡି ହୋଇ ରହିଲେ ସମ୍ଭବତଃ ନୂତନ ସଂସଦର ପ୍ରଥମ ଅଧିବେଶନ ତମ୍ବୁ ତଳେ ବସିପାରେ!

ଯେହେତୁ ଭାରତ କ୍ଷୁଦ୍ର ନିର୍ବାଚନମଣ୍ଡଳୀ ଏବଂ ବୃହତ ସଂସଦ ଆବଶ୍ୟକ କରୁଛି ସେଥିପାଇଁ ନୂତନ ସଂସଦ ଭବନ ନିର୍ମାଣ କରିବାର ଯଥାର୍ଥତା ଅଛି। ଯାହା ବୃହତର, ଅଧିକ କାର୍ଯ୍ୟକ୍ଷମ, ଜ୍ଞାନସମ୍ପନ୍ନ ଏବଂ ଉର୍ଜା ସଂଚୟକାରୀ ହୋଇଥିବ।

ଏବେକାର ସଚିବାଳୟରେ ମୋଟ ୫୧ଟି ମନ୍ତ୍ରଣାଳୟ ମଧ୍ୟରୁ ୨୨ଟି ମନ୍ତ୍ରଣାଳୟ ରହିଛି ଏବଂ ଅନ୍ୟାନ୍ୟ ମନ୍ତ୍ରଣାଳୟଗୁଡିକ ସମଗ୍ର ଦିଲ୍ଲୀର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଭାବରେ ରହିଛି। ଅଧିକ ଉତମ ଏବଂ ଦୃତତର ସମନ୍ୱୟ ବ୍ୟତୀତ ଗୋଟିଏ ଛାତ ତଳକୁ ଆସି ଅଧିକ ନିକଟତର ହେବା ଦ୍ୱାରା କେନ୍ଦ୍ରୀଭୂତ ଗୃହ ପରିଚାଳନା, ସୂଚନା ପ୍ରଯୁକ୍ତି, ଆନୁଷଙ୍ଗିକ ପରିବହନ ଏବଂ ଅପଚୟ ହ୍ରାସ ତଥା ଚପରାସୀ/କିରାଣୀ ସଂଖ୍ୟା ହ୍ରାସ ପାଇଁ ପର୍ଯ୍ୟାପ୍ତ ସମ୍ଭାବନା ସୃଷ୍ଟି ହେବ।

ସୁନିୟୋଜିତ ପ୍ରଚାର ମାଧ୍ୟମରେ ଶବ୍ଦ ବିନ୍ୟାସ ଦ୍ୱାରା ପୃଥୁଳ ଏବଂ ବାସ୍ତବତାରେ ଦୁର୍ବଳ ଆଉ ଏକ ଭୁଲ ଧାରଣା ବ୍ୟାପିବାକୁ ଦିଆଯାଉଛି ଯେ ସତେ ଯେମିତି ପୁରାତନ ଅଟ୍ଟାଳିକାଗୁଡିକୁ ଧ୍ୱଂସ କରିଦିଆଯିବ। ତେବେ ବାସ୍ତବତା ହେଉଛି ଯେ ତିନି ପ୍ରକାରର ପୁରାତନ ଅଟ୍ଟାଳିକା ରହିଛି: ପ୍ରଥମ, ସଂସଦ ଭବନ ଭଳି ପୁରାତନ ଐତିହାସିକ ଅଟ୍ଟାଳିକା, ନର୍ଥ ବ୍ଲକ୍, ସାଉଥ୍ ବ୍ଲକ୍, ଯେଉଁଗୁଡିକୁ ଧ୍ୱଂସ କରିବାକୁ ନ ଦିଆଯାଇ ସେଗୁଡିକର ପୁନରୁଦ୍ଧାର କରାଯିବ। ଦ୍ୱିତୀୟରେ, ନୂତନ ପାର୍ଲାମେଂଟ ଭବନ, ମିଳିତ କେନ୍ଦ୍ରୀୟ ସଚିବାଳୟ, ଏସପିଜି କମ୍ପ୍ଲେକ୍ସ, ପ୍ରଧାନମନ୍ତ୍ରୀ ଏବଂ ଉପରାଷ୍ଟ୍ରପତିଙ୍କ ବାସଭବନ ଭଳି ନୂତନ ଅଟ୍ଟାଳିକାଗୁଡିକୁ ପୁରାତନ ଅଟ୍ଟାଳିକା ସନ୍ନିକଟରେ ନିର୍ମାଣ କରାଯିବ। ତୃତୀୟରେ, କେତେକ କୋଠାକୁ ବାସ୍ତବରେ ନଷ୍ଟ କରିଦିଆଯିବ। କେହି ଦାବି କରିପାରିବେ ନାହିଁ ଯେ ସ୍ୱାଧୀନତା ପରବର୍ତୀ ଭାରତରେ ନିର୍ମିତ କୃଷି ଭବନ, ନିର୍ମାଣ ଭବନ, ରକ୍ଷା ଭବନ, ଶାସ୍ତ୍ରୀ ଭବନ, ଉଦ୍ୟୋଗ ଭବନ, ଆଇଏନସିଏ ପରିସର ଭଳି ଅଟ୍ଟାଳିକା ସୌନ୍ଦର୍ଯ୍ୟବୋଧର ମହାନ୍ ପରିଚାୟକ। ଏଥିମଧ୍ୟରୁ ଅଧିକାଂଶ ସେହି ସମୟରେ ପୂର୍ତ ବିଭାଗର ପୃଥକୀକୃତ ନିର୍ମାଣ ଯାହା ଆଜିର କାର୍ଯ୍ୟ ପରିବେଶରେ ରକ୍ଷଣାବେକ୍ଷଣ ପାଇଁ ବ୍ୟୟବହୁଳ ଏବଂ ଆଧୁନିକ ଦକ୍ଷତାସମ୍ପନ୍ନ କୋଠାବାଡି ପାଇଁ ହେଉଥିବା ଆଦର୍ଶ ବ୍ୟବସ୍ଥା ପାଇଁ ଅନୁପଯୁକ୍ତ।

ଏହାର ନିର୍ମାଣ ବାବଦ ଖର୍ଚ୍ଚକୁ ନେଇ ଯେଉଁସବୁ ଚମତ୍କାର ଅଙ୍କର ଉପସ୍ଥାପନା କରାଯାଉଛି ବାସ୍ତବରେ ସେହି ନୂତନ ସଂସଦ ନିର୍ମାଣ ବାବଦକୁ ୯୭୧ କୋଟି ଟଙ୍କା (୧୩୩ ମିଲିଅନ୍ ଆମେରିକୀୟ ଡଲାର) ଖର୍ଚ୍ଚ ହେବ। ଭାରତୀୟ ଭିତିଭୂମୀ ନିର୍ମାଣ କ୍ଷେତ୍ରର ସୁଦକ୍ଷ ସଂସ୍ଥା ଟାଟା ଏବଂ ଶାପୁର୍ଜୀ ପାଲୋନଜୀ ସଂସ୍ଥା ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ କରାଯାଉଛି। ୪ ବର୍ଷ ମଧ୍ୟରେ ନିର୍ମାଣ ହେବାକୁ ଥିବା ଏହି ସମ୍ପୂର୍ଣ୍ଣ ସେଂଟ୍ରାଲ ଭିସ୍ତା ବାବଦକୁ ୨୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ, ଯାହା ସରକାରଙ୍କ ବାର୍ଷିକ ମୋଟ ରାଜସ୍ୱ କର ୨୦ ଲକ୍ଷ କୋଟି ଟଙ୍କାର ମାତ୍ର ୦.୨୫%। ଏହା ପାଦ ତଳୁ ମାଟି ଖସିଯିବା ଭଳି ଅପରାଧିକ ଅମିତବ୍ୟୟୀ ପଦକ୍ଷେପ ନୁହେଁ ବୋଲି ଅନେକ ସମୀକ୍ଷକ ଆମ କଥାରେ ବିଶ୍ୱାସ କରିବେ।

ଏହାପରେ ପରବର୍ତୀ ଯୁକ୍ତି ଉଠିଲା ଯେ ମହାମାରୀ ଜାରି ଥିବା ବେଳେ ନିର୍ମାଣ କାର୍ଯ୍ୟ ଚାଲୁ ରଖିବା କ'ଣ ବାସ୍ତବରେ ଯୁକ୍ତିଯୁକ୍ତ କି? ମଧ୍ୟଯୁଗରେ, ଅର୍ଥନୀତିଜ୍ଞ ଏବଂ ଅଭିରୁଚିସମ୍ପନ୍ନ ଆର୍ଥିକ ଢାଂଚାର ସହାୟତା ବିନା, ଏପରିକି ନିର୍ବାଚିତ ହେଉନଥିବା ରାଜା ଓ ନବାବମାନେ ମଧ୍ୟ ଦୁର୍ଭିକ୍ଷ ଓ ମହାମାରୀ ସମୟରେ ବିବେକବନ୍ତ ଭାବେ ସାର୍ବଜନୀନ କାର୍ଯ୍ୟ ପାଇଁ ଅର୍ଥ ବ୍ୟୟ କରିବା ସମ୍ପର୍କରେ ଚିନ୍ତା କରୁଥିଲେ। ଏବଂ ଯେଉଁଥିରେ ଦେଶପାଇଁ ଅତି ଆବଶ୍ୟକ କୌଣସି ସମ୍ପତି ନିର୍ମାଣ କରିବା ସମୟରେ ଅତି ଜରୁରୀ ନିଯୁକ୍ତି ସୁଯୋଗ ସୃଷ୍ଟି, ବ୍ୟବସ୍ଥା ମଧ୍ୟକୁ ଅର୍ଥ ପ୍ରବାହ ସୁନିଶ୍ଚିତ କରିବା ତଥା ଏହାର ବହୁମୁଖୀ ପ୍ରଭାବ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଥିଲା।

ଏବେ ବିଶ୍ୱର ସମସ୍ତ ସମୃଦ୍ଧ ରାଷ୍ଟ୍ର ସାର୍ବଜନୀନ ଖର୍ଚ୍ଚକୁ କୋହଳ କରିବା ଏବଂ ନଗଦ ଅର୍ଥ କାରବାରକୁ ସୁଗମ କରି ବାଲାନ୍ସ ସିଟର ଆୟତନ ବୃଦ୍ଧି କରିବାରେ ଲାଗିଛନ୍ତି। ତେଣୁ ଏହିସବୁ ତ୍ରୁଟିସମାଲୋଚନା ଉଦ୍ଦେଶ୍ୟରେ ହିଁ ସମାଲୋଚନାନ୍ତ କରୁଥିବା ବିଶ୍ଳେଷକମାନେ ଯାହା କହିବାକୁ ଚାହାନ୍ତି, ତାହାର ଅର୍ଥ ହେଉଛି, ସମସ୍ତ ସାର୍ବଜନୀକ ବ୍ୟୟକୁ ବନ୍ଦ କରିବା ସହିତ ଆର୍ଥିକ ଗତିବିଧିକୁ ଆହୁରି ଅଧିକ ସ୍ଥାଣୁ କରିବା। ଯଦି ଏଭଳି ହେବ, ତାହେଲେ ଅନ୍ୟ କେଉଁସବୁ ପ୍ରକଳ୍ପ ବନ୍ଦ ହେବା ଉଚିତ୍? ହୁଏତ କିଛି ସଡକ ଓ ରେଳ ପ୍ରକଳ୍ପ, କିଛି ଗୃହ ନିର୍ମାଣ। ଏହାମଧ୍ୟରୁ କେଉଁଟି ସେ ବିଷୟରେ କିଏ ନିଷ୍ପତି ନେବ? ତାହେଲେ ଯେଉଁ ଅଳ୍ପ କିଛି ନିର୍ମାଣ କାର୍ଯ୍ୟ ଦ୍ୱାରା ପ୍ରଗତିର ରଥ ଗଡି ଚାଲିଛି ଚାଲନ୍ତୁ ତାକୁ ଅଟକାଇ ଦେବା ଏବଂ ଆର୍ଥିକ ସଙ୍କଟକୁ ଆହୁରି ଗଭୀର କରିଦେବା। ଆମେ କ'ଣ ଏହିଭଳି ପ୍ରସ୍ତାବ ଦେଉଛୁ?

ତାପରେ ସେମାନେ ଆମକୁ କହୁଛନ୍ତି ଯେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ଅର୍ଥ ବ୍ୟୟ ହେବା ଅଧିକ ଶ୍ରେୟସ୍କର। ଏକଥା ସତ କିନ୍ତୁ ମହାମାରୀ ବିରୁଦ୍ଧରେ ସଂଗ୍ରାମରେ ଅର୍ଥ ସମସ୍ୟା ନୁହେଁ କିନ୍ତୁ କ୍ଷମତା - ପ୍ରଶିକ୍ଷିତ ଡାକ୍ତର, ହସ୍ପିଟାଲ ଶଯ୍ୟା, ସବୁଠାରେ ଉପକରଣ ଉପଲବଧତା ଏବଂ ସମସ୍ୟା ସମ୍ମୁଖରେ ଟଙ୍କା ଫୋପାଡି ରାତାରାତି ଏସବୁ କ୍ରୟ କରିହେବ ନାହିଁ। କିନ୍ତୁ ଏସବୁର ପ୍ରସ୍ତୁତି ପାଇଁ ସମୟ ଲାଗିବ। ନିଃସନ୍ଦେହରେ ଅତ୍ୟନ୍ତ ଜରୁରୀ ଭାବରେ ଏସବୁର ନିର୍ମାଣ କରାଯିବା ଉଚିତ କିନ୍ତୁ ଭିତିଭୂମୀ ନିର୍ମାଣରେ ବିବାଦ କେଉଁଠି ରହିଛି। ଯଦି କୌଣସି ବିଚିତ୍ର ଭାବପ୍ରବଣତା କାରଣ ହେଉ ଅବା କ୍ଷମତାସୀନ ସରକାରଙ୍କ ପ୍ରତି ଶତୃତା ଦ୍ୱାରା ପରିଚାଳିତ କାରଣ ଯୋଗୁଁ ସାର୍ବଜନିକ କାର୍ଯ୍ୟ ଓ ସରକାରଙ୍କ ଦୈନନ୍ଦିତ କାର୍ଯ୍ୟରେ ଗତିରୋଧ ଆଣିବାର ମାନସିକତା ରହିଛି ତାହାହେଲେ ଏକ ମୁମୁର୍ଷୁ ଅର୍ଥନୀତି ଓ ସ୍ୱାଭାବିକ ଅବକ୍ଷୟ ପାଇଁ ପ୍ରସ୍ତୁତ ରହିବା ଆମ ପାଇଁ ଶ୍ରେୟସ୍କର।

ଯେତେବେଳେ କାରଗୁଡିକୁ ଦୁର୍ଲଭ ବିଳାସପୂର୍ଣ୍ଣ ସାମଗ୍ରୀ ବିଚାର କରାଯାଉଥିଲା ଏବଂ ଏପରିକି ମେଟ୍ରୋର ମଧ୍ୟ ପରିକଳ୍ପନା କରାଯାଇନଥିଲା ସେହି ସମୟରେ ପୁରାତନ ଅଟ୍ଟାଳିକାଗୁଡିକ ନିର୍ମାଣ କରାଯାଇଥିଲା। ଏବେ ବାଣିଜ୍ୟିକ ଏବଂ ସରକାରୀ ମୁଖ୍ୟାଳୟଗୁଡିକ ସୁଗମ ପରିବହନ ବ୍ୟବସ୍ଥା ଦ୍ୱାରା ସଂଯୁକ୍ତ ହେବା ଆବଶ୍ୟକ। ଆଗକୁ ପ୍ରସ୍ତାବିତ ସେଂଟ୍ରାଲ ଭିସ୍ତା ମେଟ୍ରୋର ହଳଦିଆ ଓ ବାଇଗଣୀ ଲାଇନକୁ ସଂଯୋଗ କରିବ ଯାହା ଫଳରେ ପୂର୍ବରୁ ସଚିବାଳୟରେ କାର୍ଯ୍ୟ କରୁଥିବା ସରକାରୀ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟର ଅତି ନିକଟରେ ପହଂଚିପାରିବେ ଏବଂ ସେମାନଙ୍କୁ ସଚିବାଳୟ ପରିସର ମଧ୍ୟରେ ଏଣେତେଣେ ଯାନବାହନ ପାର୍କିଂ କରିବାକୁ ପଡିବ ନାହିଁ। ବିମାନ ବନ୍ଦର ଓ ସିଟି ସେଂଟର ନିକଟରେ ସାର୍ବଜନିକ ପରିବହନ ବ୍ୟବସ୍ଥା ବିକାଶ ବା ଟିଓଡିର ଆମେ ଗୁଣଗାନ କରୁଛୁ ଏବଂ ବିଦେଶ ଗସ୍ତରେ ଥିବାବେଳେ ସେଠାରେ ଏହିସବୁ ବ୍ୟବସ୍ଥାକୁ ଦେଖି ଗଦଗଦ୍ ହୋଇଯାଉଛୁ କିନ୍ତୁ ସ୍ୱଦେଶକୁ ଫେରି ଆମେ ସେହି ପୁରୁଣାକାଳିଆ ଓ ଅକାମୀ ସହରାଂଚଳ ବବସ୍ଥା ସହ ଆଗେଇବାକୁ ଦ୍ୱିଧାବୋଧ କରୁନାହୁଁ। ଭବିଷ୍ୟତରେ କାରଗୁଡିକରେ ହାଇଡ୍ରୋକାର୍ବନର ଜ୍ୱଳନ ଉପରେ ଥିବା ନିର୍ଭରଶୀଳତାକୁ ହ୍ରାସ କରିବା ସହ କଟା ହେବାକୁ ଥିବା ଗଛ ତୁଳନାରେ ଅଧିକ ପରିବେଶଗତ ସୁଫଳ ପ୍ରଦାନ କରିବ। କ୍ଷତିଭରଣା ବନୀକରଣ ଯୋଜନା ଅଧିନରେ ଅନେକ ଅନ୍ୟାନ୍ୟ ବହୁ ସ୍ଥାନରେ ଯେକୌଣସିମତେ ଏହି ଗଛସବୁ ପୁନଃରୋପଣ କରାଯିବ।

ସେଂଟ୍ରାଲ ଭିସ୍ତାର ନକ୍ସା ଏବଂ ଯୋଜନାଗୁଡିକର ସଯତ୍ନ ବିଶ୍ଳେଷଣ ଦର୍ଶାଇଥାଏ ଯେ ଏଥିରେ ବିସ୍ତୀର୍ଣ୍ଣ ଚଲାପଥ, ପଥଚାରୀଙ୍କ ନିମନ୍ତେ ଭୂଳତ ମାର୍ଗ, କେନାଲଗୁଡିକ ଉପରେ ପୋଲ, ବେଂଚ, ବୃକ୍ଷରାଜି ଏବଂ ଆଧୁନିକ ସୁବିଧା ବ୍ୟବସ୍ଥାଯୁକ୍ତ ସବୁଜ ଅଂଚଳ ରହିଛି। ଐତିହାସିକ ଭାବେ ଉନ୍ମୁକ୍ତ ସ୍ଥାନରୁ ବଂଚିତ ସମଗ୍ର ପୁରାତନ ଓ ଉତର ଦିଲ୍ଲୀର ଏହି ଅଂଚଳ ସନ୍ଧ୍ୟା ସମୟରେ ଏତେ ଜନଗହଳିପୂର୍ଣ୍ଣ ହୋଇଯାଏ ଯେ ପରସ୍ପରର କଥା ମଧ୍ୟ ସ୍ପଷ୍ଟ ଭାବେ ଶୁଣାଯାଇନଥାଏ। ଆମକୁ ଏହି ପ୍ରଶ୍ନ ପଚାରିବାର ହକ୍ ଅଛି ଯେ ଗତ ୭ ଦଶନ୍ଧି ଧରି ବୃକ୍ଷ, ପରିବେଶ, ଐତିହ୍ୟ ନାମରେ ମୁକ୍ତ ସବୁଜ ଅଂଚଳ ଉପଭୋଗ କରିବାକୁ ଚାହୁଁଥିବା ପରିବାରଗୁଡିକ ନିମନ୍ତେ ମୌଳିକ ସୁବିଧା ନିର୍ମାଣକୁ କାହିଁକି ବାଧା ଦିଆଗଲା?

ଭାରତର ପ୍ରଗଳ୍ଭ ମଧ୍ୟବିତ ଶ୍ରେଣୀର ଏକ ସ୍ୱାଭାବିକ ସାଧାରଣ ଅଭିଯୋଗ ହେଉଛି ଦୁର୍ନୀତି ଓ ସ୍ୱଚ୍ଛତା ଅଭାବ। ଅବଶ୍ୟ, ବେଳେବେଳେ ଏହି ମନ୍ତବ୍ୟ ଠିକ୍ ମଧ୍ୟ। ଏବେ ଭାରତୀୟ ସହରାଂଚଳ କାହାଣୀ ଅନେକ ଉଦାହରଣରେ ପରିପୂର୍ଣ୍ଣ ଯେଉଁଠାରେ ସହର, ମର୍ଯ୍ୟାଦାପୂର୍ଣ୍ଣ ଅଟ୍ଟାଳିକା, ପୋଲ ଆଦି ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀମାନେ ବିଦେଶୀ ସ୍ଥପତିମାନଙ୍କୁ ମନୋନୀତ କରୁଆସୁଥିଲେ ଏବଂ ପଣ୍ଡିତ ନେହରୁଙ୍କ ସମୟରେ ଏହା ଅଧିକ ମାତ୍ରାରେ ଦେଖା ଯାଇଥିଲା। ଫରାସୀ ସ୍ଥପତି ଲେ କରବୁଜିଅରଙ୍କ ଦ୍ୱାରା ଚଣ୍ଡୀଗଡ ସହର ନିର୍ମିତ ହୋଇଥିଲା। ଓଡିଶାର ନୂଆ ରାଜଧାନୀ ଭୁବନେଶ୍ୱର ଜର୍ମାନୀର ସହର ଯୋଜନା ପ୍ରସ୍ତୁତକାରୀ ଏବଂ ସ୍ଥପତି ଓଟ୍ଟୋ କୋନିଗସବର୍ଗର ନିର୍ମାଣ କରିଥିଲେ ଯିଏ ପରବର୍ତୀ ସମୟରେ ଭାରତ ସରକାରଙ୍କ ଗୃହ ନିର୍ମାଣ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଥିଲେ। ପଶ୍ଚିମବଙ୍ଗର ଦୁର୍ଗାପୁର ଇସ୍ପାତ ସହରର ଢାଂଚା ଦୁଇ ଆମେରିକୀୟ ସ୍ଥପତି ଜୋସେଫ ଆଲେନ ଷ୍ଟେନ୍ ଏବଂ ବୋମିନ ପୋକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ପ୍ରସିଦ୍ଧ ସ୍ଥପତି ଷ୍ଟେନ୍ ମଧ୍ୟ ମର୍ଯ୍ୟାଦାପୂର୍ଣ୍ଣ ଇଣ୍ଡିଆ ଇଂଟରନ୍ୟାସନାଲ ସେଂଟର ଏବଂ ଇଣ୍ଡିଆ ହାବିଟାଟ ସେଂଟର ନିର୍ମାଣ କରିଥିଲେ। ଏହି ତାଲିକା ଖୁବ୍ ଦୀର୍ଘ ଏବଂ ଏକଥା ସମିଚୀନ ଯେ ବିଶୃଙ୍ଖଳା ଉପରେ ପର୍ଯ୍ୟବେଶିତ ଭାରତର ଯୋଜନାବିହୀନ ସହରାଂଚଳ ବିକାଶ ବ୍ୟବସ୍ଥା ତୁଳନାରେ ଏହାର ଫଳାଫଳ ଅତି ଉତମ ଥିଲା। କିନ୍ତୁ ଏବେକାର ଭାରତ ଦୁର୍ନୀତୀ, ବିଭାଜନ ଓ ହୋହଲ୍ଲାପୂର୍ଣ୍ଣ ଯୁକ୍ତିତର୍କରେ ଭରା ଯେଉଁଠାରେ କୌଣସି ଉପଯୁକ୍ତ ନିର୍ମାଣ ଉଭୟ ପ୍ରଶାସନିକ ଦୁଃସ୍ୱପ୍ନ ଏବଂ ରାଜନୈତିକ ଅସମ୍ଭବତା।

ସେଂଟ୍ରାଲ ଭିଷ୍ଟା ପ୍ରକଳ୍ପର ନିର୍ମାଣ ଓ ଢାଂଚା ପ୍ରସ୍ତୁତି ପାଇଁ ଯେଉଁ ପରୀକ୍ଷା ପ୍ରକ୍ରିୟା ଅନୁସୃତ ହୋଇଥିଲା ତାହା ଦର୍ଶାଉଛି ଯେ ପ୍ରତିଯୋଗିତାର ମାନଦଣ୍ଡ, ସ୍ଥାପତ୍ୟ, ପରିଷଦ ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା, ଯେଉଁଥିରେ ଅଟ୍ଟାଳିକାର ଉଚ୍ଚତା ଇଣ୍ଡିଆଗେଟଠାରୁ ଅଧିକ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା। ପ୍ରାୟ ଅଧ ଡଜନ ବିଶିଷ୍ଟ ଢାଂଚା ଓ ସ୍ଥାପତ୍ୟ ସଂସ୍ଥା ଏହି ପ୍ରକଳ୍ପର ନିଲାମୀରେ ଭାଗ ନେଇଥିବାବେଳେ ବିମଳ ପଟେଲଙ୍କ ନେତୃତ୍ୱାଧୀନ ଏଚସିପି ଡିଜାଇନ ପ୍ଲାନିଂ ଓ ମ୍ୟାନେଜମେଂଟକୁ ଏହାର ଠିକା ମିଳିଥିଲା। ଏବେ ପ୍ରକୃତ ଘଟଣା ହେଉଛି ସେ ଗୁଜରାଟରୁ ହେଉଥିବାରୁ ଏହାକୁ ନେଇ ନିୟମିତ ଚର୍ଚ୍ଚା ଓ ଗୁଜବ ଜାରି ରହିଲା। ତେବେ ସମୟ ହିଁ କହିବ ବିମଳ ପଟେଲ ଏହି କାର୍ଯ୍ୟକୁ କେତେ ସୁନ୍ଦରଭାବରେ ସମ୍ପନ୍ନ କରୁଛନ୍ତି। କିନ୍ତୁ ଜନ୍ମ ପୂର୍ବରୁ ଶିଶୁଟି ଅସୁନ୍ଦର ହେବ ବୋଲି ନିରାଶାବାଦୀମାନେ ଏହାକୁ ନେଇ ଦୋଷାରୋପ କରିବା ଆରମ୍ଭ କରିଦେଲେଣି। ପକ୍ଷପାତକୁ ଦୂରରେ ରଖି ବସ୍ତୁନିଷ୍ଠତା ଉପରେ ଏତେ ମାତ୍ରାରେ ଗୁରୁତ୍ୱ ଦିଆଯାଇଛି। ତେବେ ସେ ଯାହା ହେଉନା କାହିଁକି ପ୍ରକଳ୍ପ ପ୍ରସ୍ତାବକ ବା ଏହାର ଦାୟିତ୍ୱରେ ଥିବା ବ୍ୟକ୍ତି ଦିଲ୍ଲୀ ଅର୍ବାନ ଆର୍ଟସ୍ କମିଶନ(ଡିୟୁଏସଇ)ଙ୍କ ଠାରୁ ବୈଚାରିକ ଅନୁମତି ପ୍ରାପ୍ତ ହୋଇଛି। କେନ୍ଦ୍ରୀୟ ଭିଜିଲାନ୍ସ କମିଶନଙ୍କ ଦ୍ୱାରା ଆର୍ଥିକ ନିଷ୍ପତି ସବୁ ଅନୁମୋଦନ ଲାଭ କରିଛି। ଅର୍ଥମନ୍ତ୍ରଣାଳୟ ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦେଇଛି। ନୂଆଦିଲ୍ଲୀ ପୌର ନିଗମ (ଏନଡିଏମସି) ଦ୍ୱାରା ପ୍ରକଳ୍ପ ଆକଳନ ଅଧ୍ୟୟନ କରାଯାଇଥିଲା ଏବଂ ପରିଶେଷରେ କେନ୍ଦ୍ରୀୟ ପୂର୍ତ୍ତବିଭାଗ ଦ୍ୱାରା ଏହାର କାର୍ଯ୍ୟାନ୍ୱୟନ ଓ ଟେଣ୍ଡର ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି। ପ୍ରକଳ୍ପକୁ ନେଇ ସମସ୍ତ ନ୍ୟାୟିକ ଆହ୍ୱାନଗୁଡିକୁ ମାନ୍ୟବର ସୁପ୍ରିମକୋର୍ଟ ଶୁଣାଣି କରିଥିଲେ।

ଏତେସବୁ ସତ୍ୱେ ଯଦି ଯୁକ୍ତି ରହିବ ଯେ ଏ ସମସ୍ତ ସଂସ୍ଥା ସହିତ ସାଲିସ୍ କରାଯାଇଛି, ତାହାହେଲେ ଏକ ଦେଶ ଭାବରେ ଆମମାନଙ୍କୁ ନିଜକୁ ଖାରଜ କରିଦେଇ ଟିଭି ଷ୍ଟୁଡିଓରେ ଦେଶପାଇଁ ତାଙ୍କ ହୃଦୟ କାନ୍ଦୁଛି ବୋଲି ଚିତ୍କାର କରୁଥିବା ତଥା ହ୍ୱାଟସଆପ ବିଶ୍ୱବିଦ୍ୟାଳୟରେ ନିଜର ହୃଦୟର କଥାକୁ ବାଂଟି ଚାଲିଥିବା ଲୋକମାନଙ୍କୁ ଦେଶକୁ ଚଳାଇବା ପାଇଁ ଆବଶ୍ୟକ ଜ୍ଞାନର ଏକମାତ୍ର ଅଧିକାରୀ ଭାବେ ସ୍ୱୀକାର କରିନେବାକୁ ହେବ। ଏହା ସ୍ପଷ୍ଟ ଯେ, ସେଂଟାଲ ଭିଷ୍ଟା ପ୍ରକଳ୍ପର ସମାଲୋଚନା ତଥ୍ୟ ଓ ଆବଶ୍ୟକତା ଉପରେ ଆଧାରିତ ନୁହେଁ ବରଂ ସମୟ, ବିଶାଦ, ନୈତିକତା, ପରିବେଶ, ପକ୍ଷୀ, ବୃକ୍ଷରାଜି ଏବଂ ସୌନ୍ଦର୍ଯ୍ୟବୋଧ ତଥା ଏଥିସହିତ ତାଳମେଳ ଥିବା ଅନ୍ୟାନ୍ୟ ଯୁକ୍ତି ଉପରେ ଆଧାରିତ। ଠିକ୍ ସେହିଭଳି ଜଣେ ସମାଲୋଚକଙ୍କ ଦ୍ୱାରା ଏହି ଅଟ୍ଟାଳିକାକୁ 'ହୃଦୟହୀନ'ଭାବେ ବର୍ଣ୍ଣନା କରାଯିବା ନିଶ୍ଚିତଭାବେ ଏକତରଫା ତର୍କ ବା ଆଲୋଚନା। ବିଡମ୍ବନାର କଥା ଏହି କି ଯେ ଆମର ଶୋଷଣକାରୀ ଉପନିବେଶବାଦୀ ଶାସକଙ୍କ ଦ୍ୱାରା ନିର୍ମିତ ଏହି ଅଟ୍ଟାଳିକାଗୁଡିକ ସତେଯେପରି ଗୋଲାମ ରାଷ୍ଟ୍ର ପାଇଁ କରୁଣାର ମହାନ୍ କୀର୍ତି ସଦୃଶ ଦଣ୍ଡାୟମାନ।

+ ପୂର୍ବତନ ଆଇପିଏସ ଅଧିକାରୀ

# ପ୍ଲାଷ୍ଟିକ୍ ବର୍ଜ୍ୟର ବିକଳ୍ପ ଜୈବବିଘଟିତ ଚପଲ

ସମୁଦ୍ରକୁ ଯାଉଥିବା କ୍ଷତିକାରକ ପ୍ଲାଷ୍ଟିକ ବର୍ଜ୍ୟର ମାତ୍ରା ହ୍ରାସ କରିବା ଉଦ୍ଦେଶ୍ୟରେ ଆମେରିକୀୟ ବୈଜ୍ଞାନିକମାନେ ଜୈବବିଘଟନଯୋଗ୍ୟ ଚପଲ ବିକଶିତ କରିଛନ୍ତି। ସାଧାରଣତଃ ନମନୀୟ ପ୍ଲାଷ୍ଟିକ୍‌ରୁ ନିର୍ମିତ ଚପଲ ଓ ଅନ୍ୟ ଜୋତାର ବଜାର ଆବଶ୍ୟକତା ପୂରଣ କରିବା ପାଇଁ ବିଶେଷଜ୍ଞମାନେ ଆଲ୍‌ଗେ ତେଲରୁ ନିର୍ମିତ ପଲିଉରେଥେନ୍ ଫୋମ୍ ତିଆରି କରିଛନ୍ତି। ଶସ୍ତା ଏବଂ ସହଜରେ ମିଳୁଥିବା ଚପଲ ଓ ବିଶ୍ୱର ସବୁଠୁ ଲୋକପ୍ରିୟ ଜୋତାଗୁନିକ ସାଧାରଣତଃ କମ୍ ସମୟ ପାଇଁ ବ୍ୟବହୃତ ହୁଏ। ଦୁର୍ବଳ ସାମଗ୍ରୀ ବ୍ୟବହୃତ ହୋଇଥିବାରୁ ସେଗୁଡ଼ିକୁ ଫିଙ୍ଗିଦିଆଯାଏ। ଏହାପରେ ଚପଲଗୁଡ଼ିକ ବିଘଟିତ ହେବାକୁ ଶହ ଶହ ବର୍ଷ ଲାଗିଯାଏ। ଇତିମଧ୍ୟରେ ସେଗୁଡ଼କ ସମୁଦ୍ର ମଧ୍ୟରେ ପ୍ରବେଶ କରେ, ଫଳରେ ପାଣିକୁ ଦୂଷିତ କରି ସାମୁଦ୍ରିକ ଜୀବନକୁ ବିପଦରେ ପକାଏ। କିନ୍ତୁ ସଦ୍ୟ ବିକଶିତ ଏହି ଚପଲରେ ବ୍ୟବହୃତ କମର୍ସିଆଲ-ଗ୍ରେଡ୍ ଫୋମ୍ ମାତ୍ର ୧୬ ସପ୍ତାମ ମଧ୍ୟରେ ଖତ ଓ ମାଟିରେ ବିଘଟିତ ହୋଇଯାଏ। ଅର୍ଥାତ ଯଦି ଏହାକୁ ଉତ୍ପାଦର ସମୟସୀମାର ଅନୁରୂପ ହେବା ଉଚିତ। ଉତ୍ପାଦ ବର୍ଷେ କିମ୍ବା ଦୁଇ ବର୍ଷ ବ୍ୟବହାର କରିବା ପରେ ସେଥିରେ ବ୍ୟବହୃତ ଉପକରଣ ୫୦୦ ବର୍ଷ ପଡ଼ିନରହୁ ବୋଲି ବୈଜ୍ଞାନିକମାନେ ଚାହୁଁଥିଲେ। ସେଥିପାଇଁ ଏଭଳି ଏକ ଜୈବବିଘଟନଯୋଗ୍ୟ ଚପଲ ପ୍ରସ୍ତୁତିକୁ ଜୋର ଦେଇଥିବା ୟୁନିଭର୍ସିଟି ଫ୍ କାଲିଫର୍ନିଆ ସାନ୍ ଡିଗୋ (ୟୁସିଏସ୍‌ଡି)ର ଷ୍ଟିଫେନ୍ ମେଫିଲ୍ଡ କହିଛନ୍ତି। ଏହି ୟୁନିଭର୍ସିଟି ଦ୍ୱାରା ପ୍ରସ୍ତୁତ ଚପଲର ଫୋମ୍ ପ୍ରାକୃତିକ ପରିବେଶରେ ବିଘଟିତ ହୋଇଥାଏ। ଏ ନେଇ ଶତାଧିକ ଥିଓରି ପରୀକ୍ଷା କରିବା ପରେ ଏହି ବ୍ୟବସାୟିକ ଉପକରଣ ସେମାନଙ୍କ ଆବଶ୍ୟକତା ପୂରଣ କରିଛି। ଏହି ଫୋମ୍‌ରେ ୫୨ ପ୍ରତିଶତ ଜୈବ ଉପାଦାନ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ବୈଜ୍ଞାନିକମାନେ ୧୦୦ ପ୍ରତିଶତ ଜୈବ ଉପାଦାନ ପ୍ରୟୋଗ କରିବେ ବୋଲି ମେଫିଲ୍ଡ କହିଛନ୍ତି। ପ୍ରାକୃତିକ ପରିବେଶରେ ବିଘଟିତ ହୋଇପାରୁଥିବା ପଲିଉରେଥେନ୍ ଉତ୍ପାଦର ବିକାଶ ନିମନ୍ତେ ଆମେରିକୀୟ ଷ୍ଟାର୍ଟଅପ୍ କମ୍ପାନୀ ଆଲ୍‌ଗେନସିସ୍ ମ୍ୟାଟରିଆଲ ସହିତ ୟୁସିଏସ୍‌ଡି ସହବନ୍ଧିତ ହୋଇଛି।

# ବ୍ରେଡ୍ ରସମଲାଇ

ରସମଲାଇ ପଶ୍ଚିମବଙ୍ଗର ଏକ ପ୍ରସିଦ୍ଧ ରେସିପି। ଯଦି ଆପଣଙ୍କ ଘରକୁ ଅଚାନକ ଅତିଥି ଆସିଗଲେ ତେବେ ଏପରି ସମୟରେ କମ୍ ସମୟ ମଧ୍ୟରେ ବ୍ରେଡ୍ ରସମଲାଇ ତିଆରି କରିପାରିବେ।

**ଆବଶ୍ୟକ ସାମଗ୍ରୀ:**

ବ୍ରେଡ୍-୪ ପିସ୍, କ୍ଷୀର-୧ ଲିଟର, ଚିନି-୧୫୦ ଗ୍ରାମ୍, କାଜୁ-୧୦ଟି, ପିସ୍ତା-୮ଟି, ଆଲମଣ୍ଡ-୧୦ଟି, କେଶର-ଅଳ୍ପ।





**ପ୍ରଣାଳୀ:**

ପ୍ରଥମେ ତେଜ୍ ଆଞ୍ଚରେ କ୍ଷୀରକୁ ଫୁଟାଇବା ପରେ ଫ୍ଲେମ କମ୍ କରି ମଧ୍ୟମ ଆଞ୍ଚରେ କ୍ଷୀରକୁ ଅଧା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ। ମଝିରେ ମଝିରେ କ୍ଷୀରକୁ ଚଳାଇବା ଉଚିତ। ଏବେ କ୍ଷୀରରେ ଚିନି ଓ ଅଳ୍ପ ଡ୍ରାଏ ଫ୍ରୁଟ୍‌ସ କାଟି ପକାନ୍ତୁ। ବାକି ଡ୍ରାଏ ଫ୍ରୁଟ୍‌ସକୁ ଗାର୍ନିଶ ପାଇଁ ରଖିଦିଅନ୍ତୁ। ବର୍ତ୍ତମାନ କ୍ଷୀରକୁ ଫୁଟାଇ ଚାରିଭାଗରୁ ଏକ ଭାଗ କରିବାର ଅଛି। ମଝିରେ ମଝିରେ ଚଳାଉଥିବା ଆବଶ୍ୟକ। ସାଇଡ୍‌ରେ ଲାଗୁଥିବା କ୍ରିମ୍‌କୁ ମଧ ଛଡ଼ାଉଥିବା ଉଚିତ। କ୍ଷୀର ଏକଭାଗ ହୋଇଯିବା ପରେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ ଓ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ଏବେ ବ୍ରେଡ୍‌କୁ କୌଣସି ଗିନା ବା କଟରରେ କାଟି ଦିଅନ୍ତୁ। କ୍ଷୀର ଥଣ୍ଡା ହୋଇଯିବା ପରେ ବ୍ରେଡ୍‌କୁ ପକାଇ ସାବଧାନତାର ସହିତ ପାଲଟାଇ ଦିଅନ୍ତୁ। ବ୍ରେଡ୍ ଚାରିପଟରେ କ୍ଷୀର ଲାଗିଯିବା ପରେ ଏକ ପ୍ଲେଟରେ ବ୍ରେଡ୍ ରଖି ତା' ଉପରେ କ୍ଷୀର ଢାଳନ୍ତୁ। ଏବେ କିଛି ଡ୍ରାଇ ଫ୍ରୁଟ୍‌ସ ତା' ଉପରେ ପକାଇ ଗାର୍ନିଶ କରନ୍ତୁ।

# ଜାଣନ୍ତୁ: ଘରେ କିପରି ପ୍ରବେଶ କରିବ ସକାରାତ୍ମକ ଶକ୍ତି

ଚାରିଆଡେ କରୋନାକୁ ନେଇ ହାହାକାର ପରିସ୍ଥିତି ଦେଖିବାକୁ ମିଳୁଛି। ଘର, ବାହାରେ ସବୁଠି ଗୋଟିଏ ପ୍ରକାର ଭୟର ବାତାବରଣ ଭିତରେ ବଞ୍ଚୁଛନ୍ତି ଲୋକ। ପ୍ରତିଦିନ ଏପରି କିଛି କିଛି ଖବର ପାଉଛୁ, ଯାହା ଆମର ମନୋବଳକୁ ଦୋହଲାଇ ଦେଉଛି। ଏହାଦ୍ୱାରା ଘର ଭିତରେ ଏକ ପ୍ରକାର ନକାରାତ୍ମକ ଚିନ୍ତାଧାରା ପ୍ରବେଶ କରୁଛି। ଏପରି ସମୟରେ ଘରେ ସକାରାତ୍ମକ ଶକ୍ତି ପ୍ରବେଶ କରିବା ନିହାତି ଜରୁରୀ। ଏହାଦ୍ୱାରା ଯେକୌଣସି ଅସୁବିଧା ସହ ଲଢ଼େଇ କରିବାକୁ ସାହସ ମିଳିଥାଏ। ପରିବାର ସମସ୍ୟଙ୍କୁ ଏପରି ସମସ୍ୟାରୁ ମୁକୁଳାଇବାକୁ ତଥା ସେମାନଙ୍କ ମନରେ ସକାରାତ୍ମକ ଶକ୍ତି ପ୍ରବେଶ କରାଇବାକୁ ଆମେ ବାସ୍ତୁଶାସ୍ତ୍ରର ସାହାଯ୍ୟ ନେଇପାରିବା।



ବାସ୍ତୁ ଅନୁଯାୟୀ, ଘରେ ସକାରାତ୍ମକ ଶକ୍ତି ମୁଖ୍ୟ ଦ୍ୱାର ଦେଇ ହିଁ ପ୍ରବେଶ କରିଥାଏ। ସେଥିପାଇଁ ଏହି ସ୍ଥାନକୁ ସବୁବେଳେ ସଫାସୁତରା ରଖିବାକୁ ପ୍ରାଥମିକତା ଦେବା ଉଚିତ। ଘରର ମହିଳାମାନେ ପ୍ରତିଦିନ ସକାଳେ ଉଠିବା ମାତ୍ରେ ପ୍ରଥମେ ମୁଖ୍ୟ ଦ୍ୱାର ପ୍ରବାଶ ପଥକୁ ଝାଡୁ କରି ସଫା କରିବା ଦରକାର। ଏହା କରିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ ବୋଲି ବିଶ୍ୱାସ ରହିଛି। ପ୍ରତିଦିନ ଗାଧୋଇ ସାରିବା ପରେ ଭଗବାନଙ୍କ ନିକଟରେ ଧୂପ ଓ ଦୀପ ଦେବା ପରେ ଘରର ମୁଖ୍ୟ ଦ୍ୱାର ନିକଟରେ ସବୁଦିନ ହଳଦୀ ମିଶ୍ରିତ ପାଣି ଛିଞ୍ଚିବା ଦରକାର। ଏହାବ୍ୟତୀତ ମୁଖ୍ୟଦ୍ୱାରରେ ପ୍ରତିଦିନ କିଛି ସ୍ୱଚ୍ଛ ଜଳ ପକାଇ ତାହାକୁ ପରିଷ୍କାର କରିବା ଦରକାର। ଏହା କରିବା ଦ୍ୱାରା ମନକୁ ଶାନ୍ତି ମିଳିଥାଏ ଓ ଘରେ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ଘରର ମୁଖ୍ୟ ପୁରୁଷ ପ୍ରତିଦିନ ନିଜ କାମକୁ ବାହାରିବା ପୂର୍ବରୁ ପୂଜାପାଠ କରିବା ପରେ ଘରର ମୁଖ୍ୟ ଦ୍ୱାରର ୨ ପାର୍ଶ୍ୱରେ ସ୍ୱସ୍ତିକ ଚିହ୍ନ କରିବା ଦରକାର।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧ ଜୁନ୍ ୨୦୨୧ ,ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସାତ ବର୍ଷର ହିସାବ ଫର୍ଦ୍ଦ...

କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ସାତ ବର୍ଷ ପୂରଣ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକାଶବାଣୀ ମାଧ୍ୟମରେ ମାସିକ 'ମନ୍‌କୀ ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଏହି ସାତ ବର୍ଷ ମଧ୍ୟରେ ଦେଶ ସମ୍ମୁଖୀନ ହୋଇଥିବା ଚାଲେଂଜ ଏବଂ ହାସଲ କରିଥିବା ସଫଳତା ସଂପର୍କରେ ଅବତାରଣା କରିଛନ୍ତି। ବାସ୍ତବିକ୍ ବିଗତ ସାତ ବର୍ଷରେ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ଅନେକ ଚାଲେଂଜର ସାମ୍ନା କରିଛି। କିନ୍ତୁ ଭାରତ ସେହି ଚାଲେଂଜଗୁଡ଼ିକୁ ସାମ୍ନା କରି ସଫଳତାର ସହ ନିଜକୁ ବିଶ୍ୱ ସମ୍ମୁଖରେ ଯେ ଏକ ବିରାଟ ଶକ୍ତି ଭାବେ ଉପସ୍ଥାପନ କରିପାରିଛି ତାହା ଅନସ୍ୱୀକାର୍ଯ୍ୟ। ଏହାର ଶ୍ରେୟ ନିଶ୍ଚିତ ଭାବେ ସରକାରଙ୍କ ପ୍ରାପ୍ୟ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କର ମନ୍‌କୀ ବାତ୍ କାର୍ଯ୍ୟକ୍ରମରେ ମୁଖ୍ୟତଃ ଦେଶର ଯେକୌଣସି ଏକ ପ୍ରସଙ୍ଗ ଉପରେ ଆଲୋଚନା କରିଥାନ୍ତି ଏବଂ ଦେଶବାସୀଙ୍କ ସହ ନିଜର ଭାବ ବିନିମୟ କରିଥାନ୍ତି। ତେଣୁ ଏନଡିଏ ସରକାରର ସାତ ବର୍ଷ ପୂର୍ତ୍ତିର ଉପଲବ୍ଧିକୁ ସେ କେବଳ ଦେଶବାସୀ ନୁହଁନ୍ତି, ସମଗ୍ର ବିଶ୍ୱ ନିକଟରେ ଉପସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ଯେଉଁସବୁ ପ୍ରଙ୍ଗ ଉପରେ ଆଲୋକପାତ କରିଛନ୍ତି ତାହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଅବଶ୍ୟ ସ୍ମରଣୀୟ। କରୋନା ମହାମାରୀକୁ ଏକ ବିରଳ ତଥା ଗୋଟିଏ ଶତାବ୍ଦୀରେ ଥରେ ଅନୁଭୂତ ହୋଇଥିବା ଏକ ବିରଳ ସଂକଟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା କେବଳ ଭାରତ ପାଇଁ ନୁହେଁ, ସମଗ୍ର ମାନବ ସଭ୍ୟତା ପାଇଁ ମହାସଂକଟ ସୃଷ୍ଟି କରିଛି। ଏହାର ପ୍ରଥମ ଓ ଦ୍ୱିତୀୟ ଲହରକୁ ଭାରତ ଯେଉଁଭଳି ଭାବେ ସାମ୍ନା କରିଛି ସେଥିପାଇଁ ସେ ନିଜ ସରକାରଙ୍କୁ ନୁହେଁ, ଦେଶର ଚିକିତ୍ସା ବ୍ୟବସ୍ଥା ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ଏବଂ ଲକ୍ଷ ଲକ୍ଷ କରୋନା ଯୋଦ୍ଧାଙ୍କୁ ତାହାର ଶ୍ରେୟ ପ୍ରଦାନ କରିଛନ୍ତି। ଏହି ସଂକଟ ଦେଶକୁ ନିଜର ଚିକିତ୍ସା ସଂସାଧନକୁ ସଜାଡ଼ିବା ଏବଂ ବହୁଗଣିତ କରିବା ନିମନ୍ତେ ସୁଯୋଗ ଦେଇଛି ଓ ଭାରତ ତାହା କରି ଦେଖାଇଛି। ତେଣୁ କରୋନାର ପ୍ରଥମ ଲହର ପରି ଦ୍ୱିତୀୟ ଲହର ଉପରେ ମଧ୍ୟ ଭାରତ ବିଜୟ ହାସଲ କରିବ ବୋଲି ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଦୃଢ଼ ଆଶ୍ୱାସନା ଦେଇଛନ୍ତି। କରୋନା ମହାମାରୀର ମୁକାବିଲା ବିଶ୍ୱର ଅନେକ ରାଷ୍ଟ୍ରଙ୍କ ଆର୍ଥିକ ଓ ସାମାଜିକ ମେରୁଦଣ୍ଡ ଦୋହଲାଇ ଦେଇଛି। ପ୍ରାୟ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତ ଭଳି ଏକ ରାଷ୍ଟ୍ର ଗତ ୧୪ ମାସ ମଧ୍ୟରେ କେବଳ ଏହାର ମୁକାବିଲା ସକାଶେ ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବ୍ୟାପକ କରିନାହିଁ; ଅପରପକ୍ଷେ ଏହା ବିଶ୍ୱର ଅନେକ ରାଷ୍ଟ୍ରଙ୍କୁ ସହାୟତାର ହାତ ବଢ଼ାଇଛି। ଏକଥା ସତ ଯେ, କରୋନାର ଦ୍ୱିତୀୟ ଲହର ଏବେ ଭାରତକୁ ଅସ୍ତବ୍ୟସ୍ତ କରିଛି, କିନ୍ତୁ ତାହାର ମୁକାବିଲା ମଧ୍ୟ ଜାରି ରହିଛି। ଏହା ଯେକୌଣସି ଏକ ସରକାର ଓ ଦେଶ ପାଇଁ ସବୁଠାରୁ ବଡ଼ ଚାଲେଂଜ। ସେହିଭଳି ଦେଶର ଆଭ୍ୟନ୍ତରୀଣ ଓ ବାହ୍ୟ ନିରାପତ୍ତାର ସୁରକ୍ଷା, ଆତଙ୍କବାଦୀଙ୍କଠାରୁ ନେଇ ସୀମା ବିବାଦ ପର୍ଯ୍ୟନ୍ତ ସକଳ ପ୍ରକାର ଚାଲେଂଜକୁ ସାମ୍ନା କରିବା, ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଅନେକ ବଳିଷ୍ଠ ଓ ଐତିହାସିକ ପଦକ୍ଷେପ ଗ୍ରହଣ ଓ ତାହାର ସୁଫଳ ଦେଶବାସୀଙ୍କୁ ପ୍ରଦାନ, ଗ୍ରାମାଂଚଳ ବିକାଶ ପ୍ରକ୍ରିୟାକୁ ବୈପ୍ଳବିକ ମାତ୍ରାରେ ତ୍ୱରାନ୍ୱିତ କରିବା ଦିଗରେ ତାଙ୍କ ସରକାର ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସକୁ ମହାମନ୍ତ୍ର ଭାବେ ଗ୍ରହଣ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନିକଟ ଅତୀତରେ ସଂଘଟିତ ଏକାଧିକ ସାମୁଦ୍ରିକ ଝଡ଼ବାତ୍ୟା ଭଳି ପ୍ରାକୃତିକ ଆପଦା ସଂପର୍କରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମିଳିତ ସହଯୋଗ୍ ଦ୍ୱାରା ହିଁ ଏଭଳି ସଂକଟକୁ ମୁକାବିଲା କରାଯାଇପାରିଛି; ଯାହା ସହଭାଗୀ ସଂଘୀୟ ବ୍ୟବସ୍ଥାର ବାସ୍ତବ ଉଦାହରଣ। ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଗତ ସାତବର୍ଷ ଭିତରେ ଭାରତ ଅନେକ ଚାଲେଂଜର ସମ୍ମୁଖୀନ ହୋଇଛି ଏବଂ ସେସବୁକୁ ସଫଳତାର ସହ ମୁକାବିଲା କରିଚାଲିଛି। ଏହା ହିଁ ବିଶ୍ୱରେ ଭାରତର ଏକ ନୂତନ ପରିଚୟ ସୃଷ୍ଟି କରିଛି।

## ମନ ଦୃଢ କରିବାର ବେଳ



ଶରତ କୁମାର ଦାସ

> ଏକ ସ୍ଥିର ଓ ସୁସ୍ଥ ମନ ମାଧମରେ ମସ୍ତିଷ୍କ ଦୃଢ ସଂକଳ୍ପ ନେବାରେ ସମର୍ଥ ହୋଇଥାଏ । ଯାହା ଫଳରେ ବ୍ୟକ୍ତିଗତ ଜୀବନ ହେଉ ଅବା ଗୋଷ୍ଠୀଗତ ଜୀବନ ହେଉ-ଆମକୁ ସଫଳତା ମିଳିଥାଏ। ମନ ରୁଗ୍ଣ ବା ଭାରାକ୍ରାନ୍ତ ହୋଇଗଲେ ସଠିକ ନିଷ୍ପତ୍ତି ନିର୍ଣ୍ଣୟ ସମ୍ଭବପର ନୁହେଁ। ନିଷ୍ପତ୍ତି ନିର୍ଣ୍ଣୟ ମଣିଷର ସାମାଜିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଏକ ଭୁଲ ନିଷ୍ପତ୍ତି ର ଯନ୍ତ୍ରଣା ମଣିଷକୁ ସବୁଦିନ ପାଇଁ ଭୋଗିବାକୁ ପଡେ। ତେଣୁ ମନର ସୁସ୍ଥତା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍।

କଥାରେ ଅଛି ମନର ମୂଳେ ଏ ଜଗତ । ପୁଣି କୁହାଯାଏ ଯା'ର ମନ ଯେଡେ, ତା'ର ପ୍ରଭୁ ସେଡେ । ମନ ଦୃଢ କଲେ ଗଡିଆ ଗଙ୍ଗା ଇତ୍ୟାଦି ଇତ୍ୟାଦି । ଉପରୋକ୍ତ ଉକ୍ତିର ସତ୍ୟତା ତଥା ଯଥାର୍ଥତା କେବଳ ଆଜି ପାଇଁ ନୁହେଁ କେଉଁ କାଳରୁ ରହିଆସିଛି । ପ୍ରାଚୀନରୁ ଆଧୁନିକ ଓ ଆଧୁନିକ ରୁ ଆରମ୍ଭ କରି ଉତ୍ତର ଆଧୁନିକ ଯୁଗ ପର୍ଯ୍ୟନ୍ତ ଉପରୋକ୍ତ ଉକ୍ତିର ପ୍ରାସଙ୍ଗିକତାର ପ୍ରମାଣ ମିଳେ । ମନ ବିନା ଶରୀର ଚାଳକ ବିହୀନ ଜାହଜ ସଦୃଶ। ମନର ନିର୍ଦ୍ଦେଶ ବିନା ମସ୍ତିଷ୍କର ସଂଚାଳନା ପ୍ରାୟତଃ ସମ୍ଭବପର ନୁହେଁ। ପୁନଶ୍ଚ ମନର ଦୃଢତା ବିନା ଶରୀର ସ୍ୱୟଂ ନିଷ୍କ୍ରିୟ । ମନ ଦୁର୍ବଳ ହେଲେ ଶରୀର ସ୍ୱତଃ ଦୁର୍ବଳ ହୋଇଯାଏ

ଯାହାଫଳରେ ଅନେକ ରୋଗ ବେମାର ଧସେଇ ପଶନ୍ତି ଓ ଆମକୁ ମନଇଚ୍ଛା କବ୍ଜା କରନ୍ତି । କେବଳ ଏକ ସୁଦୃଢ ମନକୁ ନେଇ ଆମେ ରୋଗ ସହିତ ଲଢିପାରିବା ଓ ଜୟ ଲାଭ କରିପାରିବା ମଧ୍ୟ ।

ଏକ ସ୍ଥିର ଓ ସୁସ୍ଥ ମନ ମାଧମରେ ମସ୍ତିଷ୍କ ଦୃଢ ସଂକଳ୍ପ ନେବାରେ ସମର୍ଥ ହୋଇଥାଏ । ଯାହା ଫଳରେ ବ୍ୟକ୍ତିଗତ ଜୀବନ ହେଉ ଅବା ଗୋଷ୍ଠୀଗତ ଜୀବନ ହେଉ- ଆମକୁ ସଫଳତା ମିଳିଥାଏ । ମନ ରୁଗ୍ଣ ବା ଭାରାକ୍ରାନ୍ତ ହୋଇଗଲେ ସଠିକ ନିଷ୍ପତ୍ତି ନିର୍ଣ୍ଣୟ ସମ୍ଭବପର ନୁହେଁ। ନିଷ୍ପତ୍ତି ନିର୍ଣ୍ଣୟ ମଣିଷର ସାମାଜିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଏକ ଭୁଲ ନିଷ୍ପତ୍ତି ର ଯନ୍ତ୍ରଣା ମଣିଷକୁ ସବୁଦିନ ପାଇଁ ଭୋଗିବାକୁ ପଡେ । ତେଣୁ ମନର ସୁସ୍ଥତା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍ । ଏଥିପାଇଁ ଉପଯୁକ୍ତ ଶାରୀରିକ ପରିଶ୍ରମ, ସୁଷମ ତଥା ସନ୍ତୁଳିତ ଖାଦ୍ୟ ଗ୍ରହଣ, ନିୟମିତ ବ୍ୟାୟମ, ଯୋଗାଭ୍ୟାସ, ପ୍ରାଣାୟମ, ସକାରାତ୍ମକ ଚିନ୍ତାଧାରା, ଈଶ୍ୱର ଭକ୍ତି, ସଂଯମତା, ପରିଷ୍କାର ପରିଚ୍ଛନ୍ନତା, ସାମୟିକ ଉତ୍ତେଜନାରୁ ନିବୃତ୍ତ ରହିବା ଇତ୍ୟାଦିର ଆବଶ୍ୟକତା ରହିଛି । ଏତଦବ୍ୟତୀତ କାମ, କ୍ରୋଧ, ଲୋଭ, ମୋହ, ହିଂସା,ଈର୍ଷା, ଅସୂୟା ଇତ୍ୟାଦିରୁ ଆମ ନିଜକୁ ଯଥାସମ୍ଭବ ଦୂରେଇ ରଖିବାକୁ ପଡିବ । ଶରୀରର ଅସୁସ୍ଥତାରୁ ମୁକ୍ତି ପାଇଁ ଆମକୁ ଉପଯୁକ୍ତ ପରାମର୍ଶ ସହିତ ନିୟମିତ ଔଷଧ ସେବନ କରିବାକୁ ପଡେ । ମାତ୍ର ମନର ଅସୁସ୍ଥତାରୁ ମୁକ୍ତି ପାଇଁ ଆମେ ନିଜକୁ ଦୃଢ ତଥା ସଂଯମୀ କରିବାକୁ ପଡିବ। ମନକୁ ସର୍ବାଗ୍ରେ ଖୁସି ରଖିବାକୁ ପଡିବ। ଅବସାଦ କବଳରୁ ଯଥା ସମ୍ଭବ ଦୂରେଇ ରହିବାକୁ ପଡିବ । କାରଣ କଥାରେ ଅଛି ଦେହ ଦରଜକୁ ଔଷଧ ଅଛି ,କିନ୍ତୁ ମନ ଦରଜକୁ କୌଣସି ଔଷଧ ନାହିଁ । ଏବେ ସାଂପ୍ରତିକ ପରିସ୍ଥିତିକୁ ନେଇ ଆଲୋଚନା କରାଯାଉ। ଅଧୁନା କରୋନା ମହାମାରୀର କରାଳତା ସମଗ୍ର ଜନଜୀବନକୁ ଖିନଭିନ କରିସାରିଲାଣି। ସତ କହିବାକୁ ଗଲେ କରୋନାର ତାଣ୍ଡବଲୀଳା ମଣିଷର କଳିଜାକୁ ଟାଣି ଓଟାରି ବିଦାରି ସାରିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ଏହାଦ୍ୱାରା କେବଳ ମଣିଷର ମନ ଯେ ଦୁର୍ବଳ ହୋଇଛି ତାହା ନୁହେଁ ବରଂ ସାମଗ୍ରିକ ଭାବେ ମଣିଷ ସମୁଦାୟ ର ମନ ବି କ୍ଷତିଗ୍ରସ୍ତ ହେବାରେ ଲାଗିଛି । ବର୍ତ୍ତମାନ ମଣିଷ ଏକ ଶଙ୍କାକୁଳ ପରିବେଶ ମଧ୍ୟରେ ଆବଦ୍ଧ । ଚତୁଃପାର୍ଶ୍ୱରେ ତା'ର ଭୟର ବଳୟ । ମନର ବିକାଶରେ ଏହା ଘୋର ଅନ୍ତରାୟ ସୃଷ୍ଟି କରୁଛି ।ଫଳତଃ ମନ ବିକାରଗ୍ରସ୍ତ ଓ ବିଷାଦଗ୍ରସ୍ତ ହେବାରେ ଲାଗିଛି । ଏକ ଭୟତ୍ରସ୍ତ ପରିବେଶ ମନ, ପ୍ରାଣ ଓ ଶରୀରକୁ ପଙ୍ଗୁ କରି ବିପର୍ଯ୍ୟସ୍ତର ଶେଷ ପାହାଚକୁ ଟାଣିନେଉଛି । ମାତ୍ର ଏ ଘୋର ଦୁର୍ଦ୍ଦିନ ସମୟରେ ମନକୁ ଦୁର୍ବଳ କରିବା ଉଚିତ୍ ନୁହେଁ । ମାନସିକ ଭୟ କେବେ ବି ରୋଗକୁ ସଫଳତାର ସହିତ ପ୍ରତିହତ କରିପାରିବ ନାହିଁ । ଆମକୁ ଜାଣିବାକୁ ପଡିବ ଭୟ ଆରୋଗ୍ୟର ବିକଳ୍ପ ନୁହେଁ।

ଏହା ସତ୍ୟ ଯେ ସଂପ୍ରତି ସମଗ୍ର ମାନବ ସମାଜ ଏକ ଦୁର୍ବଳ ମାନସିକତାର ଯୂପକାଠରେ ଆଉଟି ପାଉଟି ହେଉଛି ଯାହା । ଏହାର ମୁଖ୍ୟ କାରଣ ହୋଇପାରେ ବିଶ୍ୱାସହୀନତା । ମଣିଷର ନିଜ ଉପରେ ତଥା ନିଜ ମନ ଉପରେ ନା ଭରସା ନା ଉପଯୁକ୍ତ ନିୟନ୍ତ୍ରଣ ରହୁଛି । ବିଶ୍ୱସନୀୟତାର ସ୍ୱର୍ଣ୍ଣାଭ ଆଭା ଆସ୍ତେ ଆସ୍ତେ ନିଷ୍ପ୍ରଭ ହେବାକୁ ବସିଲାଣି । ଏହାଦ୍ୱାରା ମନର ଯଥାର୍ଥ ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । କରୋନା ମହାମାରୀ ମଣିଷର ନିଜ ଉପରେ ଥିବା ବିଶ୍ୱାସକୁ ଜାଳିପୋଡି ଧ୍ୱଂସ କରିସାରିଲିଣି । ପ୍ରତି ମୁହୂର୍ତ୍ତରେ କୋଉଠି ନା କୋଉଠି ନକାରାତ୍ମକ ଚିନ୍ତାଧାରା ନିଜ ଇଚ୍ଛା ବିରୁଦ୍ଧରେ ସବାର କରୁଛି ଆମ ମନ ଉପରେ । ନିଜକୁ ତଥା ନିଜ ଆତ୍ମୀୟସ୍ୱଜନଙ୍କୁ ହରାଇବାର ଭୟ ସମଗ୍ର ଚିନ୍ତା ଚେତନାର ଜାଜ୍ୱଲ୍ୟମାନ ଦୀପାଳିକୁ ନିର୍ବାପିତ କରିବାରେ ବ୍ୟସ୍ତ। ଆମ ଚତୁଃପାର୍ଶ୍ୱର ହୃଦୟ ବିଦାରକ ତଥା ଭୟ ଉଦ୍ରେକ ଛବି ମଧ ଆମ ସମସ୍ତଙ୍କୁ ଏକ ଭୀତତ୍ରସ୍ତ ପରିବେଶ ମଧକୁ ଠେଲି ଦେଇଛି । ଏଥିରେ ସନ୍ଦେହ ନାହିଁ । ତେବେ କଥା ଉଠୁଛି ଯେ ଏଥିରୁ କ'ଣ ମୁକ୍ତି ନାହିଁ ? ଏମିତି କ'ଣ ଧ୍ୱଂସ ହୋଇଯିବ ମଣିଷ ସମାଜ? ତେବେ ଗୋଟିଏ ଉପାୟ ହେଉଛି ପ୍ରଥମେ ଆମେ ଏ ଘୋର ସଙ୍କଟ ସମୟରେ ନିଜକୁ ନିଜେ ଦୃଢ କରିବା । ନିଜ ମନକୁ ସଂକ୍ରମିତରୁ ରକ୍ଷାକରିବାକୁ ପଡିବ । ନିଜ ଉପରେ ଓ ନିଜ ପରିବେଶ ଉପରେ ଆମକୁ ଗଭୀର ବିଶ୍ୱାସ ରଖିବାକୁ ପଡିବ। ଆମକୁ ସର୍ବୋପରି ସର୍ବାଧିକ ଆଶାବାଦୀ ହେବାକୁ ପଡିବ । ନୈରାଶ୍ୟ ଯେ କୌଣସି ବିପର୍ଯ୍ୟୟର ନିଦାନ ନୁହେଁ, ଏ କଥା ଆମକୁ ମନେ ରଖିବାକୁ ପଡିବ । ଦୃଢ ସଂକଳ୍ପ ସହ କାର୍ଯ୍ୟ ଆରମ୍ଭ କରିବାକୁ ପଡିବ। ଅନ୍ଧାର ଭିତରେ ଯେ ଆଲୋକର ସତ୍ତା ବିଦ୍ୟମାନ ଏ କଥା ଯେପରି ସ୍ମରଣ ରହେ ସେଥିପ୍ରତି ଯତ୍ନବାନ ହେବାକୁ ପଡିବ । ପ୍ରତି ରାତିର ଘନ ଅନ୍ଧକାର ପରେ ସିନ୍ଦୂରା ଫାଟେ ଓ ସୂର୍ଯ୍ୟ ଉଦୟ ହୁଏ ଏକ ନୂଆ ସମ୍ଭାବନାକୁ ନେଇ । ହୋଇପାରେ ହୁଏତ ଏକ ନୂଆ ସମୀକରଣ, ତଥାପି ଦୃଢମନ ସହିତ ଆମକୁ ଗ୍ରହଣ କରିବାକୁ ପଡିବ କୌଣସି ନୂତନତ୍ୱକୁ । ଆସ୍ତିକତା ଆଜି ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । ନାସ୍ତିକତା ବିନାଶର ବଳିଷ୍ଠ ମାର୍ଗ ହୋଇପାରେ । ଝୁଣ୍ଟି ଝୁଣ୍ଟି ଆମକୁ ଆଗେଇବାକୁ ପଡିବ।ଧୀରେ ଧୀରେ ନଇଁପଡିଥିବା ଅଣ୍ଟାକୁ ସତର୍କତା ସହ ସଳଖ କରିବାକୁ ପଡିବ। ଦୁର୍ବଳମନା ବ୍ୟକ୍ତି ହିଁ ସହଜରେ ହାରିଯିବାର ସମ୍ଭାବନା ଥାଏ । ମାତ୍ର ହାରିବା ଆମ ଜୀବନର ଲକ୍ଷ୍ୟ ନୁହେଁ ।

ଏକ ଦୃଢ ତଥା ସଂକଳ୍ପବଦ୍ଧ ମନ କେଡେ କେଡେ ରୋଗକୁ ହରାଇବାର ନଜିର ଅଛି । କ୍ୟାନସର୍ ହେଉ ବା ଏଡ୍ସ, କରୋନା ହେଉ ବା ଅନ୍ୟ କୌଣସି ଜଟିଳ ରୋଗ ସହଜରେ ପରାଜୟ ସ୍ୱୀକାର କରିବ ଏକ ଦୃଢମନ ସମ୍ବଳିତ ଗଭୀର ଆତ୍ମପ୍ରତ୍ୟୟ ନିକଟରେ । ଆମ ସମାଜରେ ଏପରି କେତେ ମାରାତ୍ମକ ବ୍ୟାଧିଗ୍ରସ୍ତ ଲୋକ ଅଛନ୍ତି ଯେଉଁମାନେ କି ନିଜର ଦୃଢ ମନୋବଳକୁ ପାଥେୟ କରି ରୋଗ ମୁକ୍ତ ହେବା ସହିତ ଅନ୍ୟମାନଙ୍କ ପରି ସାଧାରଣ ଜୀବନଯାପନ କରିବାରେ କୌଣସି ଅସୁବିଧା ନାହିଁ ।

ତେଣୁ ଆମକୁ କୌଣସି ପରିସ୍ଥିତିରେ ବିଚଳିତ ନହୋଇ ସୁଚିନ୍ତିତ ଉପାୟରେ ସଂଗ୍ରାମ କରିବାକୁ ପଡିବ । ଅନେକ ସମୟରେ ଦେଖାଯାଇଛି ମେଡିକାଲ ବିଦ୍ୟା ଯାହା ନକରି ପାରିଛି ଏକ ଦୃଢ ଇଚ୍ଛା ଶକ୍ତି ବଳରେ ମଣିଷ ତାହା ସଫଳତାର ସହ ସମ୍ଭବ କରିପାରିଛି । ମନ ଦୁର୍ବଳ ହୋଇଗଲେ ଔଷଧ ବି ଠିକ୍ କାର୍ଯ୍ୟ କରିପାରେ ନାହିଁ ବୋଲି କୁହାଯାଇଥାଏ। ରୋଗ ପ୍ରତିରୋଧ ଶକ୍ତି କ୍ରମଶଃ ଦୁର୍ବଳ ହେବାର ସମ୍ଭାବନା ଥାଏ ।

ତେଣୁ ନିଜ ଉପରେ ସଂପୂର୍ଣ୍ଣ ଆସ୍ଥା ପ୍ରକଟ କରି ଡାକ୍ତରଙ୍କ ପରାମର୍ଶ ପୂର୍ବକ ଉପଯୁକ୍ତ ଔଷଧ ସେବନ କଲେ ଆମେ ସହଜରେ ମହାମାରୀ ବିରୁଦ୍ଧରେ ଜୟ ଲାଭ କରିପାରିବା । ସୁତରାଂ ଏ ବେଳ ମନକୁ ଦୃଢ କରିବାର ବେଳ । ଏ ବେଳ ବିଷାଦର ବେଳ ନୁହେଁ, ବରଂ ଦୃଢ ମନୋବଳ ସହ ଉପଯୁକ୍ତ କାର୍ଯ୍ୟାନ୍ୱୟନର ବେଳ । ସର୍ବୋପରି ଏ ବେଳ କେବଳ ପଦ୍ଧତିଗତ ପରୀକ୍ଷାର ବେଳ ନୁହେଁ, ବରଂ ସକଳ ସରକାରୀ ନୀତିନିୟମକୁ ମାନି ଜ୍ଞାନ ଗରିମାର ସଫଳ ପ୍ରୟୋଗର ବେଳ । ତେବେ ଆସନ୍ତୁ ଆମେ ସମସ୍ତେ ଏ ଦୁର୍ଗତି ସମୟରେ କେବେ ଆମ ମନକୁ ଦୁର୍ବଳ କରିବା ନାହିଁ ବୋଲି ଏକାଗ୍ର ଚିତ୍ତରେ ଦୃଢ ସଂକଳ୍ପ ନେବା ।ତେବେ ଯାଇ ଆମ ହାତ ପାପୁଲିରେ ଧରାଦେବ ସଫଳତା ହିଁ ସଫଳତା ।


+ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ମହାମାରୀ ବେଳେ ଏନଜିଓମାନେ ଗଲେ କୁଆଡ଼େ ?



ଗୋପାଳ ମହାପାତ୍ର

କରୋନା ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନାମାନ କରୁଛନ୍ତି। ସରକାରଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିବା ପାଇଁ ଅନେକ ସଂସ୍ଥା ମଧ ହାତ ବଢାଇଛନ୍ତି। କିନ୍ତୁ ଏ ସମୟରେ ଏନସିସି ଓ ଏନଏସଏସ କେଉଁଠି ଲୁଚିଯାଇଛି। ଏମାନଙ୍କ ପାଇଁ ସରକାର ହଜାର ହଜାର କୋଟି ଟଙ୍କା ବାର୍ଷିକ ବ୍ୟୟ କରିଥାନ୍ତି ଏବଂ ସରକାରୀ ନିଯୁକ୍ତିବେଳେ ଏମାନଙ୍କୁ ଏକ୍ସଟ୍ରାମାର୍କ ଦିଆଯାଇଥାଏ। କିନ୍ତୁ ଏବେ ସେମାନଙ୍କ ସେବା ଦେଶ ଚାହୁଁଥିବା ବେଳେ ସେମାନେ କେଉଁଠି ? ଅନ୍ୟପକ୍ଷରେ ସରକାରଙ୍କ ଠାରୁ ଲୋକଙ୍କୁ ସେବା ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ନେଉଥିବା ପିକୃତ ସ୍ୱେଚ୍ଛାସେବୀ ସଂଗଠନ (ଏନଜିଓ)ମାନଙ୍କର ଏ ଦୁର୍ଦ୍ଦଶା ସମୟରେ ଦର୍ଶନ ମିଳୁନାହିଁ। ଦେଶର ଏଭଳି ସଙ୍କଟ ସମୟରେ ସ୍ୱେଚ୍ଛାସେବୀ ସଂଗଠନମାନେ ଆଗେଇ ଆସିଲେ କରୋନା ବିରୁଦ୍ଧରେ ଲଢ଼େଇ ମଧ ଆହୁରି ଜୋରଦାର ହୋଇପାରନ୍ତା। ଦେଶରେ ଏବେ ଯେତିକି ପିକୃତ ସ୍ୱେଚ୍ଛାସେବୀ ସଂଗଠନ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧା ସଂଗଠନ ଯଦି ଅଣ୍ଟା ଭିଡ଼ନ୍ତେ ତେବେ ମଧ କରୋନାକୁ ସାମ୍ନା କରିବା ସହଜ ହୋଇପଡ଼ନ୍ତା।

ପ୍ରାକୃତିକ ତଥା କୃତ୍ରିମ ଆପଦ ବିପଦ ବେଳେ ଏନଜିଓ (ସ୍ୱେଚ୍ଛାସେବୀ ସଂଗଠନ) ମାନଙ୍କର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୁଏ ଏପରିକି ଏମାନଙ୍କ ଅସ୍ତିତ୍ୱକୁ ନେଇ ପ୍ରଶ୍ନ ଉଠେ। ପ୍ରଶାସନକୁ ଏଥିପାଇଁ ସମାଲୋଚନା ମଧ କରାଯାଏ। କାରଣ କେଉଁ କାରଣ ପାଇଁଏହି ସଂସ୍ଥାମାନଙ୍କୁ କୋଟିକୋଟି ଟଙ୍କା ପ୍ରତିବର୍ଷ ଦିଆଯାଏ ଉତ୍ତର ମଧ ସ୍ୱଷ୍ଟ। ଅନେକ ଏନଜିଓଙ୍କ ପଛରେ ରାଜନୀତିଜ୍ଞ ବା ବଡ଼ବଡ଼ ଲୋକଙ୍କର ହାତ ରହିଛି। ଏଇଥିପାଇଁ ସରକାର ବଜେଟରେ ଏମାନଙ୍କ ପାଇଁ ହଜାର ହଜାର କୋଟି ଟଙ୍କାର ବ୍ୟୟବରାଦ କରିଥାନ୍ତି। ଏମାନଙ୍କ ବିରୁଦ୍ଧରେ ଅଭିଯୋଗର ଫର୍ଦ୍ଦ ମଧ ଲମ୍ବା। ଦେଶରେ ଯେତେସବୁ ଏନଜିଓ ଅଛନ୍ତି ସେମାନେ ଉଚ୍ଚ ମୂଲ୍ୟବୋଧ ସ୍ଥାପନ କରିବା। ସେବା ଏବଂ ପରୋପକାର କରିବା ଭଳି ଆଦର୍ଶ କଥା କହି ପିକୃତ ହୋଇଛନ୍ତି ଓ ସରକାରଙ୍କ ଠାରୁ ସହାୟତା ପାଉଛନ୍ତି। କିନ୍ତୁ ପ୍ରକୃତ ପକ୍ଷେ ଏମାନେ କରୁଛନ୍ତି କ'ଣ ? ସରକାରୀ ଅର୍ଥକୁ ହଡପ କରି ନିଜ ସ୍ୱାର୍ଥ ସାଧନ କରୁଥିବା କଥା ମଧ ଅଭିଯୋଗ ହେଉଛି। ଏମାନଙ୍କ କାର୍ଯ୍ୟକଳାପ ଉପରେ ବିଶ୍ଳେଷଣ କରିବା ତଥା ଏମାନଙ୍କ ଦୃଷ୍ଟିଭଙ୍ଗୀ ବାବଦରେ ଲୋକଙ୍କୁ ଅବଗତ କରାଇବାର ସମୟ ଆସିଛି।

ଦେଶ ସ୍ୱାଧୀନ ହେବା ପରଠାରୁ ସ୍ୱେଚ୍ଛାସେବୀ ସଂଗଠନ (ଏନଜିଓ) ମାନେ ଦେଶର ଅବହେଳିତ ଲୋକଙ୍କୁ ସହାୟତା କରିବା ଏବଂ ଲୋକଙ୍କ ସାମାଜିକ-ଆର୍ଥିକ ସ୍ଥିତିକୁ ସୁଧାରିବା ଦିଗରେ କାର୍ଯ୍ୟ କରିଆସୁଛି ବୋଲି କୁହାଯାଉଛି। ଦେଶରେ ଏବେ ୩୩ଲକ୍ଷ ଏନଜିଓ ପିକୃତ ହୋଇଛନ୍ତି ଓ ଏହି ସଂଗଠନମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ମାନେ ସହାୟତା ଯୋଗାଇ ଦେଉଛନ୍ତି। ଏହି ସଂଗଠନମାନଙ୍କ ମଧ୍ୟରୁ ଅନେକ ମଧ ବିଦେଶରୁ ସହାୟତା ପାଉଛନ୍ତି। କିନ୍ତୁ ଅନେକ ସଂଗଠନ ଠିକ୍ ଭାବେ ଆୟକର ରିଟର୍ଣ୍ଣ ଦାଖଲ କରୁନାହାଁନ୍ତି ଏବଂ ଏମାନଙ୍କ ଠାରୁ ଆୟବ୍ୟୟରେ ହିସାବ ନେବା ପାଇଁ କେହି ନାହାଁନ୍ତି। ଓଡ଼ିଶା ଓ ଅନ୍ୟ କେତେକ ରାଜ୍ୟରେ ଏନଜିଓ ମାନେ ଆଜୀବିକା, ସାମୁଦାୟିକ ସଂଗଠନ ଓ ସାମୁଦାୟିକ ସମ୍ପତ୍ତି ନିର୍ମାଣ ପାଇଁ ସରକାରଙ୍କ ଠାରୁର ସହାୟତା ନେଉଛନ୍ତି। କିନ୍ତୁ ଆପଦବିପଦ ବିଶେଷ କରି ବର୍ତ୍ତମାନ ଦେଶରେ ଦେଖାଦେଇଥିବା ସଙ୍କଟ ସମୟରେ ଏମାନେ ସାମିଲ ନହେବା ଘଟଣାକୁ ନେଇଅନେକ ପ୍ରଶ୍ନ ଉଠୁଛି। ସ୍ୱେଚ୍ଛାସେବୀ ସଂଗଠନମାନେ କ'ଣ ପ୍ରକୃତରେ ଲୋକଙ୍କ ସେବା କରିବାକୁ ଚାହାଁନ୍ତି ନା କେବଳ ସରକାରୀ ସହାୟତା ପାଇଁ କାମ କରନ୍ତି ସେବ କଥାକୁ ନେଇ ତର୍ଜମା କରାଯିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ଗୁଇନ୍ଦା ସଂସ୍ଥାର ରିପୋର୍ଟ କହୁଛି ଯେ, ଅନେକ ଏନଜିଓଙ୍କ କାର୍ଯ୍ୟକଳାପ ରାଷ୍ଟ୍ରପାଇଁ କ୍ଷତିକାରକ, ସାର୍ବଜନିକ ହିତକୁ ପ୍ରଭାବିତ କରିପାରେ ଏପରିକି ଦେଶର ସୁରକ୍ଷା, ବୈଜ୍ଞାନିକ ଏପରିକି ଆର୍ଥିକ ହିତ ଉପରେ ପ୍ରତିକୂଳ ପ୍ରଭାବ ପକାଇ ପାରେ। ରିପୋର୍ଟରେ କୁହାଯାଇଛି ଯେ, ବିଦେଶୀ ସହାୟତା ପ୍ରାପ୍ତ ଅନେକ ଏନଜିଓ ଦେଶରେ ବିଚ୍ଛିନ୍ନତାବାଦ ଏବଂ ମାଓବାଦକୁ ପ୍ରୋତ୍ସାହିତ କରୁଛନ୍ତି। ଅନେକ ଅର୍ଥ ଧର୍ମାନ୍ତରଣ, ବିଶେଷ କରି ଆଦିବାସୀମାନଙ୍କୁ ଖ୍ରୀଷ୍ଟିଆନ କରିବା ପାଇଁ ଖର୍ଚ୍ଚ କରାଯାଉଛି। ଅନେକ ଏନଜିଓ ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ର ଏବଂ ଖନନ କାର୍ଯ୍ୟକୁ ମଧ ବିରୋଧ କରୁଛନ୍ତି। ଏସବୁ ପରେ ମଧ ହାତ ଗଣତି କିଛି ଏନଜିଓ କରୋନା ସମୟରେ ଲୋକଙ୍କ ସହାୟତା ପାଇଁ ଆଗେଇ ଆସିଛନ୍ତି।

ଦେଶରେ ସ୍ୱେଚ୍ଛାସେବୀ ସଂଗଠନ ରହିବା ଆବଶ୍ୟକ କିନ୍ତୁ ଏମାନେ ନିଜ କାମ ସାଧୁତା, ପାରଦର୍ଶିତା ସେବାଭାବନା ନେଇ କରିବା ମଧ ଆବଶ୍ୟକ। ଏଠି ଆଉ ଏକ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କିମାରେ। ପ୍ରଶ୍ନଟି ହେଉଛି ଦେଶ ସ୍ୱାଧୀନ ହେବା ପରଠାରୁ ଏନଜିଓମାନେ କେତେ ଟଙ୍କା ନେଇଛନ୍ତି ଓ କ'ଣ ସବୁ କାମ କରିଛନ୍ତି ? ଯଦି ସେମାନେ ପାଇଥିବା ସରକାରୀ ଅର୍ଥର କିଛି ଭାଗ ଲୋକଙ୍କ ସେବାରେ ବିନିଯୋଗ କରିଥାନ୍ତେ ତେବେ ଏ ଦେଶ ଆଜି ସୁନାର ଦେଶ ପାଲଟି ଯାଇଥାନ୍ତା ବୋଲି ଅନେକଙ୍କ ମତ। ବର୍ତ୍ତମାନର କରୋନା ସମୟରେ କେଉଁ କେଉଁ ଏନଜିଓ କାର୍ଯ୍ୟ କରୁଛନ୍ତି ସେ ବାବଦରେ ସରକାରଙ୍କ ପାଖରେ କିଛି ତଥ୍ୟ ଅଛି କି ? ଉତ୍ତର ହେଉଛି ବୋଧହୁଏ ନାହିଁ।

ଏନଜିଓ ମାନଙ୍କର ଭୂମିକା ରହିଛି ଓ ରହିବ କିନ୍ତୁ ଏମାନେ ଏମାନଙ୍କ ଉଦ୍ଦେଶ୍ୟ ଅନୁରୂପ କାର୍ଯ୍ୟ କରୁଛନ୍ତି କି ନାହିଁ ସେ କଥା ଦେଖିବା ସରକାରଙ୍କ ଦାୟିତ୍ୱ। ଜନତାଙ୍କ ଟିକସ ପ୍ରଦତ୍ତ ଅର୍ଥକୁ ସରକାର ସେଇ ଜନତାଙ୍କ ସେବା ପାଇଁ ଏନଜିଓ ମାନଙ୍କୁ ଦେଇଥାନ୍ତି। ଏଣୁ ସେମାନେ ଠିକ୍ ଭାବରେ କାମ କରୁଛନ୍ତି ନା ନାହିଁ ସେ କଥା ଦେଖିବାର ଦାୟିତ୍ୱ ମଧ ସରକାରଙ୍କର । ସରକାର ଓ ଏନଜିଓମାନେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ ଓ ଜଣେ ଅନ୍ୟର ପୁରକ ଭୂମିକା ନିର୍ବାହ କରିବା ଆବଶ୍ୟକ। ବର୍ତ୍ତମାନ ସମୟରେ ଏନଜିଓମାନେ ଆଗେଇ ଆସିବା ଉଚିତ ଅନ୍ୟଥା ଆଗାମୀ ଦିନରେ ସେମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ପ୍ରଶ୍ନ ଉଠିବ।


+ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪


## କବିତା କୋଣାର୍କ

### ତୁ ମୋ ଜୀବନ ସାଥୀ...

ପବିତ୍ର କୁମାର ସାହୁ

ହେ ପ୍ରିୟତମା ତୁମେ ଥିଲେ ପାଶେ
ମୋ ମନ ପିକଶକୁନିଟି
ବକୁଳ କାନନେ ସୁମଧୁର ତାନେ
ଗାଇଉଠେ ଗୀତାର୍ ଧରି
ଉଚ୍ଛୁଳା ପ୍ରେମର ମଧୁ ସଂଗୀତ ।

ତୁମ ବିମ୍ବୋଷ୍ଠି ରକ୍ତିମ ଆଭା
ଉଷା ଉତ୍ପଳ ପରି ଚାରୁହାସ୍ୟ
ଗଜଗାମିନୀ ମୃଦୁଭଙ୍ଗୀ ଚାଲି
ଆଉ ତୁମ ମୃଗ
ନୟନାର ବକ୍ର ଚାହାଁଣି
ଯେମିତି ରୋମାଞ୍ଚିତ କରୁଛି
ମୋ ସଦ୍ୟଜାତ ପ୍ରେମର
ଉତ୍ ଫୁଲ୍ଲିତ କଅଁଳ ତନୁର
ପ୍ରତି ଅବୟବ ।

ମୋ ଜୀବନେ ଆସି
ଦିବାନିଶିର ଶାନ୍ତ
ନିରୋଳ ମୁହୂର୍ତ୍ତ ଓ ଶୁଭବେଳାରେ
ନେତ୍ର ହୃଦ ପାରାବାରେ
କାର୍ତ୍ତିକର ପୂଣ୍ୟ ମାସରେ
ପ୍ରାତଃ ଶିଶିର ମୁକ୍ତା ପ୍ରେମନୀର ଢାଳି
ପ୍ରଶମିତ କଲ ମୋ ହୃଦେ
ଜ୍ୱଳନ୍ତ ପ୍ରେମର ଲାଭା ଗିରି ।

ବୈଶାଖର ସୂର୍ଯ୍ୟମୁଖୀ ପୁଷ୍ପପରି
ହସୋଲ୍ଲାସ ଭରି
ଫଗୁଣର ମଳୟ ସମୀର ବିଞ୍ଚି
ନିଦାଘ ଜହ୍ନର ଥଣ୍ଡା ଜ୍ୟୋସ୍ନାର
ପ୍ରୀତି ସ୍ୱର୍ଶ ଦେଇ
ଅପୂର୍ଣ୍ଣ ଆକାଂକ୍ଷାରେ ପୂର୍ଣ୍ଣତା ଭରି
ଅବିରତେ ଢାଳିଲ ପ୍ରେମସୁଧାବାରି
ଯେହ୍ନେ ବିତରେ କିରଣ ରବି ।

ବାସ୍ତବରେ ହେ ପ୍ରିୟତମା ତୁମେ
ମୋ ଅନ୍ତରର ଜୀବନସାଥୀ,
ନ ହେଲେ ତୁମ ଦର୍ଶନେ କ'ଣ
ଏ ମନରେ ଉଙ୍କି ମାରୁଥିବା ଅତୁଆ
ପ୍ରଶ୍ନ ଗୁଡାକ ଆପଣା ଛାଏଁ
ଉତ୍ତର ପାଇ ନିରବୀ ଯାଆନ୍ତେ କି ?

ଜନ୍ମୁଥିବା ବିଷାଦ, ରାଗ, ଅଭିମାନ
ମନକୁମନ ଧୂଳିସାତ୍ ହୋଇ
ଝଡ଼ ତୋଫାନରେ ମିଳେଇ
ଯାଆନ୍ତେ କି ?

ଆଉ ସିଂହ ଗର୍ଜନ ସମ କମ୍ପୁଥିବା
କଳେବରଟା କ'ଣ ପଲକରେ
ପାଷାଣ ମଣିଷଟା ପରି ଶାନ୍ତ, ଭଦ୍ର
ହୋଇ ଯାଆନ୍ତା କି ?

ସେଥିପାଇଁ ପରା ଚିର ସାଥି ତୁମେ
ମୋ ମନ ଇନ୍ଦ୍ରଭୁବନେ
ନବବଧୂ ସାଜି ଶବାରୀ ଚଢି
ମୋ ହସ୍ତ ସାନନ୍ଦେ ଧରିଲ
ନବମଲ୍ଲୀ ଅତର ମାଖି
ରଜନୀଗନ୍ଧାରେ ଗଜରା ବାନ୍ଧି
ସୁବାସ ମହକାଇ ମୋ ହୃଦ ପ୍ରାଙ୍ଗଣେ
ଥିରି ଥିରି ପାଦ ଥାପି
ବେଦନା କଳୁଷ ହରିଲ ।


+ସଂସ୍କୃତ ଶିକ୍ଷକ
ଅତାସାହି, ଆନନ୍ଦପୁର, କେନ୍ଦୁଝର
ମୋ : ୯୭୭୭୫୬୦୯୨୧


## କବିତା କୋଣାର୍କ

### ପ୍ରଳୟ ପରେ...

ସୁବ୍ରତ ମଲିକ



ପ୍ରଳୟ ଚାଲିଯାଏ ସତ
କିଛି ଦିନ ପରେ
କିନ୍ତୁ ଛାଡିଯାଏ ପଦଚିହ୍ନ
ବର୍ଷ ବର୍ଷ ପାଇଁ
ଇତିହାସ ତା'କୁ
ମନେରଖିବ ବୋଲି ।

ସେ ଦିଏ ଗରିବକୁ ଗରିବିପଣ,
ଭୋକିଲାକୁ ଭୋକ,
ତୃଷ୍ଣାତୁରକୁ ଶୋଷ ।

ସେ କାରଣ ସାଜେ
ରାଜନେତାଙ୍କ ସମ୍ପତ୍ତି ବୃଦ୍ଧିର
ବିରୋଧୀଙ୍କୁ ପ୍ରଶାସନିକ
ଦୁର୍ବଳତା କାଢ଼ିବାର
ସରକାରଙ୍କୁ ନିଜ
ଅପାରଗତା ଢାଙ୍କିବାର
ଧନୀକମାନଙ୍କୁ ଏସବୁ
ଉପଭୋଗ କରିବାର ।

ବୈଦ୍ୟୁତିକ ଗଣମାଧ୍ୟମ ବି
କିଛି ଟି.ଆର.ପି ଆଶାରେ
ବଡ଼ା ଚଡ଼ା ଖବର ଦିଅନ୍ତି
ମାଲିକମାନଙ୍କ ନିର୍ଦ୍ଦେଶରେ ।

ଲାଭରେ ରୁହନ୍ତି ସମସ୍ତେ
ଖଟିଖିଆ ମଜଦୂରୀ
ଦରିଦ୍ରଲୋକଙ୍କ ବ୍ୟତୀତ
ଯାହାର ସେ ନେଇଯାଏ
ଝାଟିମାଟି ଘର,
ଗାଈ ଗୋରୁ ଛେଳି
ମେଣ୍ଢା କୁକୁଡ଼ା ପଲ
କ୍ଷେତରେ ଫଳିଥିବା ସୁନାର ଫସଲ
ଯେତେସବୁ ଝାଳ ବୁହା ଅର୍ଜିତ ସମ୍ପତ୍ତି
ପ୍ରତିବଦଳେ ଦେଇ ଲୋହ ଓ
କୋହର ଆର୍ତ୍ତନାଦ ।


+ମଙ୍ଗଳପୁର, ଅସୁରାଳି, ଭଦ୍ରକ
ମୋ: ୭୦୦୮୩୧୫୯୧୬


### ବନ୍ଧୁ ହେବ ତ ଏମିତି...

ଦୁଷ୍ମନ୍ତ ବେହେରା



ଆପଣା ଭବିଷ୍ୟତ ନ ଭାବି
ଛାଇ ହୋଇ ରହିଛ ମୋ ପାଖେ
ମନ ସହିତ ମନ ମିଶେଇ ତୁମେ
ଦେହ ସାଥେ ଦେଉ ବଳସମେ !

ଦରଦ ସହି ହସି ଦେଉ ହସ
ହାତ ସହିତ ହାତ ଦେଇ କହୁ
ଏ ତ ଜୀବନ ବନ୍ଧୁ ତୁମେ ମୋ
ବନ୍ଧୁ ଲକ୍ଷ୍ୟ ସପନ ସାଥି !

ଭରସା ଦେଇଛ ଜୀବନ ଦେଇଛ
ଦେଇଛ ତୁମ ମମତା ସାଥେ ବାନ୍ଧି
ତୁମ ଋଣ କି ମୁଁ ସୁଝି ପାରିବି
ଲକ୍ଷେ ରାଜନର ସାଥି !

ଆଶା ଯେମିତି ତୁମ ସାହାଯ୍ୟ
ସେମିତି ମନୁ ନ ପାରେ ଭୁଲି
ଏ ଜନମେ ତୁମ ପାଇଁ କି ମୂଲ୍ୟ
ଦେବି ତୁମେ ଜୀବନଠାରୁ ବେଶୀ !

ଦୁନିଆ ରାଇଜେ ବୁଲି ଭୁଲି
ନ ଯିବ ତୁମେ ବନ୍ଧୁ କଥା ଦେଲି
ଦେହ ରକ୍ତ ଦେଇ
ତୁମ ଜୀବନ ରଖିବି
ଏ କଥା ଦେଲି ତୁମକୁ ଆଜି !

ଦୁନିଆ ଦେଖିବ ତୁମେ ମୋ ବନ୍ଧୁ
ମୁଁ ତୁମ ବନ୍ଧୁ ନଥିବା ଆମେରେ ଏଠି
ଜଗତ କହିବ ବନ୍ଧୁ ଥିଲେ ଏ ଦୁହେଁ
ଚିହ୍ନ ଅଛି ଆଜି ସାକ୍ଷୀ !


ରାସୋଳ,ମୁଣ୍ଡିଆପଷି
ଢେଙ୍କାନାଳ
ମୋ -୯୯୩୭୬୫୨୫୦୪




ଧ୍ୱନି ପ୍ରତିଧ୍ୱନି
♣ ବାଲେଶ୍ୱର ♣ ମଙ୍ଗଳବାର, ଜୁନ୍ ୦୧, ୨୦୨୧ ୫

# କବିତାମାଳା

(ମନୋଜ୍ଞ କବିତାର ସମାହାର)

## ଯାସ

**ମୌସୁମୀ ଦାସ**



ତୁ ଖାଲି ଉଜାଡି ଜାଣୁ
ଧୀର ଗତିରେ ଆସି
ତାଣ୍ଡବର କରାଳ

ଯେମିତି,ଛପିଛପି ଆସି ପଛରୁ
ଅଚାନକ ଶୀକାର କରେ ଝିଟିପିଟି
ଅପ୍ରତ୍ୟାଶିତ ଓ ଦୁର୍ନିର୍ବାର...!

ଆଙ୍କି ଜାଣୁ ବିନାଶର ଚିତ୍ର
ସାବ୍-ଜା ସରସତାକୁ କରୁ ଧୂଳିସାତ୍
ଭସେଇନେଉ
କୁଟାଅରାକର ଆଶ୍ରା
ସଯତ୍ନସାଇତା ଖୋରାକ,

ଅଣଚାଶରେ ନବଖଣ୍ଡ କରୁ
ଶୀର୍ଣ୍ଣ ପଞ୍ଜରା,
ଜୁଆରିଆ ଧକ୍କାରେ ଓଟାରି ନେଉ
ପିଣ୍ଡରୁ ପ୍ରାଣ,
ଦାଣ୍ଡରୁ ଗୋଧନ,
ଅମାରରୁ ଧାନ।

ହେଲେ ତୁ କି ଜାଣୁ,
ପ୍ରଳୟ ପରେ
ବିନାଶର ସ୍ତୁପ ଭିତରୁ
ପୁଣିଥରେ ପତ୍ରର କୁଆଁ ମେଲେ
ଗଛ ସହ ମଣିଷ ବି
ସଳଖି ଠିଆହୁଏ
ଲଢିବାର ଟାଣପଣରେ...

ଛଣ କୁଟା ଏକାଠି କରି
ପାଦଥାପେ ଶିଥିଳ ମାଟିରେ,
ଫୁଲ ଫୁଟାଏ
ଡଙ୍କମୋଡି ଝାଉଁଳି ପଡ଼ିଥିବା ଲଟାରେ,
ଶୂନ୍ୟ ଆଖିରେ ବୁଣେ ସପନ ଓ
କିଆରିରେ ଧାନ ।

ଯେତେଥର ଅଜାଡିବୁ ଜୀବନ
ସେତେଥର
ଫିନିକ୍ସର ଜୀବନ୍ୟାସ ପରି ,
ପାଉଁଶ ସ୍ତୁପରୁ
ତେଜି ଉଠିବ ମାନବ,
ପଥରୁ ପୃଥିବୀ ଯାଏଁ ପୁଣିଥରେ
ଅଙ୍କୁରି ଉଠିବ ପ୍ରାଣ ।

## ଅର୍ପଣ

**ଗୀତାଶ୍ରୀ ପ୍ରିୟମ୍ବଦା**



ରାତି ଘନେଇ ଆସିଲେ
ଘଣା ପେଲୁଥାଏ ମୁହୂର୍ତ୍ତ
ଘାରି ହୁଏ ଅବସୋସ
ଗଣ୍ଠି ପକାଇବାକୁ
ଅତୀତ ଅଦରକାରୀ
ଚିରା ଫଟାର ପଣତ ।
କଣ୍ଟାଝଣ୍ଟାର ପଥ
ମସୃଣ ଶିଉଳି ଚାଦର
ଗହଳିଆ ବୁଦା ଫାଙ୍କରେ
ଲୁଚି ବସିଛି ଆତଙ୍କ
ପ୍ରତାରଣାର ପତ୍ର ଶିରାରେ
ଲେଖି ହୋଇ ଯାଇଛି
ଅସଂଯତ ଅନୁରାଗ
ଅସହାୟ ମନ ।
ସମର୍ପଣର ପୃଷ୍ଠାରେ
ବିତୃଷ୍ଣାର କଳାଦାଗ
ଅଦରକାରୀ ନାଲିରଂଗିଆ
ମହାକାଳ ଫଳ,
ବିଚକ୍ଷଣ ଛଳନାର
ପୁଳାପୁଳା ଅସନ୍ତୋଷ
ଅନାୟାସେ ବାନ୍ଧିଦିଏ
ଚଳଚଞ୍ଚଳ ନିରିମାଖି
ଛଳଛଳ ଝରଣାର ଧାର ।
ଏମିତି କେମିତି ହୁଏ,
ରାତିକ ପାଇଁ ଶେଫାଳି
ପୁନେଇ ପାଇଁ କଇଁ
ଅପେକ୍ଷା କରିଥାଏ
ଯୁଗରୁ ଯୁଗାନ୍ତର
ଇଚ୍ଛାଥାଏ ଗଢ଼ିବାକୁ
ପ୍ରେମର କୋଣାର୍କ
ଛନ୍ଦ ବିହୀନ ସରଳ କ୍ଷଣ
ଭୂଗୋଳର ଭୂମିପରେ
ବସନ୍ତର ମୋହ
ଯେଉଁଠି
ଉତୁରିପଡ଼େ ରତମ୍ବରୀ
ଖୋଲିଯାଏ ରହସ୍ୟ
ରୂପ ପସରାର
ବାସ୍ତବସତ୍ୟ,
ମୋହମତ୍ତ ଆୟୁଷର
ଫର୍ଦ୍ଦ ଫର୍ଦ୍ଦ ଅଙ୍କ ।

+ ଅଧ୍ୟାପିକା : ଶିକ୍ଷାବିଭାଗ
ଖଡିଆଳ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଖଡିଆଳ,
ନୂଆପଡା

## କବି ଓ କବିତା

**ରବି ରାୟ**



କବି ଲେଖୁଥାଏ !
ସମାଜର ଜାତିର ଦେଶର ସମସ୍ୟା
କବି ଲେଖେ ଜୀବନ ଜଞ୍ଜାଳ,
ତେଲ ଲୁଣ ସଂସାରର କଥା ।
'କବି' କହେ ଜୀବନ ଦର୍ଶନ
ଆତ୍ମା, ପରମାତ୍ମା ଜୀବ ଓ ପରମ,
ଶୂନ୍ୟ ଚେତନା ଅବଚେତନବାଣୀ ।
ଜ୍ଞାନ ଓ ପ୍ରଜ୍ଞାର ଭୌତିକ ଅଧିଭୌତିକ
ମହାଶୂନ୍ୟ ବାର୍ତ୍ତା ।

"କବି" କଲମରୁ ଝରିପଡ଼େ
ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟର ଛଟା,
"କବି" ଖୋଜେ ସାଗର ଗର୍ଭରୁ
ଝଲମଲ ମୁକ୍ତା ଓ ପ୍ରବାଳ
ଶାମୁକାର ଆଖି, ପ୍ରବହମାନ
ନଦୀର ତରଙ୍ଗର ସ୍ୱନ ।
ଶ୍ୟାମଳ କେଦାର ସୁନାର ଫସଲ
ବ୍ରହ୍ମାଣ୍ଡ ସର୍ଜନା ବିଲୟର ଗାଥା ।

"କବି" ଲେଖେ ପ୍ରେମ ପ୍ରୀତି
ବିଚ୍ଛେଦ ଓ କାରୁଣ୍ୟ କବିତା ।
"କବି"ର କଲମୁ କ୍ଷରେ ରାଜନୀତି,
ଶାସନ ପ୍ରଶାସନ ନୂତନ ଦିଗନ୍ତ,
"କବି" କଳ୍ପନାରେ ମଜ୍ଜିରହେ
ଭୂମିରୁ ଭୂମା ପରିଯନ୍ତ ॥
ଜନ୍ମରୁ ମୃତ୍ୟୁ ପୁନଃ ଆଗମନ
ଜୀବନ ଚକ୍ରର ଗତାନୁଗତିକ
ପରିମାର୍ଜିତ କଥା
"କବି" ବୁଡ଼ିରହେ ଆପଣା,
ଚେତନ ଅବଚେତନ ହୃଦେ,
ଉଡ଼ନ୍ତା ପକ୍ଷୀର ଡେଣାରେ, ଭୋର ବେଳାର
ଅରୁଣ ରଙ୍ଗରେ ।

ଫୁଲରେ ଫୁଲରେ ଝରଣା ଲମ୍ଫରେ
ଲେଖୁଥାଏ ଜୀବନ ସଂଗୀତ
କବି ସମାଜର ମୁଖ୍ୟ ମେରୁଦଣ୍ଡ ।
କବିତାରେ ଉଦ୍‌ଭାସିତ ହୁଏ, ଯୁଗଯୁଗାନ୍ତର ପାଇଁ
ଅଭିନବ ବଂଚିବାର ନୂତନ କୌଶଳ,
ଶତାବ୍ଦୀର ନୂତନ ସଂଧାନ ।

"କବି" ଶିଳା ପରେ ଲେଖୁଥାଏ, ପତ୍ରରେ ପତ୍ରରେ
ସାରସ ମାଛରଙ୍କା ଭଦଭଦଳିଆ,
ପ୍ରଜାପତି ଡେଣାରେ
ପ୍ରତି ମୁହୂର୍ତ୍ତରେ ଆଙ୍କୁଥାଏ କବିତାର ନୂତନ ସର୍ଜନା ।
ଜନ ମାନସରେ ଜୀବନର ନୂତନ ଚେତନା
କବି ଓ କବିତା
ଦେଶ, ଜାତି ପାଇଁ ସଦା ସମର୍ପିତ,
କବି ଓ କବିତା ଯୁଗ ଯୁଗାନ୍ତର
ନବ ଦିଗନ୍ତର ଅମର ଆଲେଖ୍ୟ
ଅମର ଆଲେଖ୍ୟ ।

+ ଦୈତାରି ଲୁହାପଥର ଖଣି ପ୍ରକଳ୍ପ,
ଓଡ଼ିଶା ଖଣି ନିଗମ, ଦୈତାରି
ପୋ- ତାଳପଦା
ପିନ-୭୫୮୦୨୬, କେନ୍ଦୁଝର
ମୋ: ୮୭୬୩୮୮୩୪୪୬

## ମଶାଣିର ଫୁଲ

**ଡ. ହରିଶ୍ଚନ୍ଦ୍ର ବେହେରା**



କେଉଁ ଫୁଲ ଫୁଟେ ମଶାଣିରେ
ଦେଖିଛୁ ନବଘନ ?
ଯେଉଁଠିକି ଚାହିଁଲେ ତ ଦିଶେ

ମୁର୍ଦ୍ଦାର ପୋଡ଼ା ପାଉଁଶ
ଉତ୍ତରକୁ ମୁଣ୍ଡ କରି ଶୋଇଥିବା ପିତୁଳା
ଛିଣ୍ଡା କୁଲା ଛାଂଚୁଣି
ଅଧା ପୋଡ଼ା କାଠ ଗଣ୍ଡି ।

କେଇଟା ଗଛ ଅଛିଯେ ଫୁଟେନି ଫୁଲ
ନିଶାଭର ରାତିରେ ଶୁଭେ
ପ୍ରେତିନୀ ଚିରଗୁଣୀ ଙ୍କ କିଳି କିଲା ସେଇଠୁ ।

ଏବେତ ଶହଶହ ଘୃଣିତ ଶବ ପୋଡ଼ାର ଦୃଶ୍ୟ
କେହି ଆଙ୍କୁନି ଚିତ୍ର ପିତୁଳା କି
ପୋତୁନି କଳା ତୁଳସୀ ।

କୁଆଡ଼େ ଗଲେ ଜଗୁ ଡିଆଡ଼ିମାନେ
ସେମାନଙ୍କ କୋମଳ ହୃଦୟ
ଦୁଚାରୁଣୀ ପାପଗର୍ଭାଙ୍କୁ ପୋଡିବା ବେଳେ
ମଉଳା ନୀଳକଇଁ ପରି
ସୁନାଗୁଣାରେ ଝଟକୁ ଥିବା ମୁହଁ ଉପରେ
ଜହ୍ନ ତରାସିବା ବେଳେ !

ଏବେ ତ ଶବ ଖୋଲିବା ମନା
ତେଲ ହଳଦୀ ଲଗେଇ ଗଧେଇବା ମନା
ପୁଅ କି ଝିଅ ଦେଇପାରିବେନି ମୁହଁରେ ନିଆଁ
ଜ୍ଞାତି କୁଟୁମ୍ବଙ୍କ କାନ୍ଧଟିଏ ବି ମିଳୁନି
ଶବ ଭାଗ୍ୟରେ
ଗାଁ ମନାକରିଦେଇଛି ସେମାନଙ୍କ ଦୁଃଖ
ବାନ୍ଧିବାକୁ ପଣତ କାନିରେ ।

ମୁରଦାର ଉପରେ କେହି
ଦେଉନାହାନ୍ତି ଫୁଲଟିଏ
କେହି ପକାଉନାହାନ୍ତି ଗୋବର ପାଣି
ଖଇ କଉଡ଼ି ଶବ ପଛରେ
ରାମ୍ ନାମ ସତ୍ୟହେ କଥା ଛାଡ...

ଶୋକ ସଂତପ୍ତଙ୍କ ପାଇଁ କେହି କହୁ ନାହାନ୍ତି
ପଦେ ଆହା...

ବିତିଥିବା ଦିନମାନଙ୍କୁ ଏବେ
ମଶାଣି ଝୁରେ
ଶବକୁ କୁଣ୍ଢେଇ ଏକା ଏକା କାନ୍ଦେ
କେହି ନଥିବା ବେଳେ ।

+ କଲ୍ୟାଣ ନଗର, ଅଙ୍ଗାରଗଡିଆ,
ବାଲେଶ୍ୱର

## ଚାଲାକ୍ ଲୋକ

**ଡକ୍ଟର ଶ୍ରୀହରି ଧଳ**



ଚାଲାକ ଲୋକ
ଖାଇଲା ଖାଇଲା ବାଘ
ହୁରି ବେଳକୁ
ପଛରେ ନଥାଏ କି-
ମୁଣ୍ଡକାଟ ବେଳକୁ
ଆଗରେ ନଥାଏ ।

ଥାଏ ନିଶ୍ଚୟ
ସବୁ ହାତେଇ ନେଉଥିବା-
ଗୋଟି ଚାଳନାରେ ।

ଚେସ୍ ବୋର୍ଡରେ
ମୋଟେ ହାରୁନଥାଏ-
ଚାଲାକ ଲୋକ,
ହାଡ଼ରେ ନଥାଏ-
ହାରିବାର ଦରଜ

ଚାଲାକ୍ ଲୋକ
ଚର୍ଚ୍ଚାରେ ନଥାଏ କି
କୁସ୍ତାରେ,
ହୁରିରେ ନଥାଏ କି
ଗୁହାରିରେ ।

ଥାଏ ଗୋଟେ ସିନ୍ଧିବାଟ-
ଖୋଜାରେ ନିଶ୍ଚୟ,
ଫିଟିଯିବାକୁ ଯଉଘରୁ,
ମୁଠେଇ ନେବାକୁ ମୁଠାରେ
ମୁଠାଏ ଆକାଶ ।
ମନ୍ଥନ ଶେଷକୁ
ସବୁତକ ଅମୃତ ନିର୍ଯ୍ୟାସ ।

ଚାଲାକ ଲୋକ
ହାରୁନଥାଏ କି-
ହରାଉନଥାଏ ।

ଲଢ଼େଇ ଶେଷକୁ
ଫୁଲ ହାରଟେ-
ହକ୍ ଥାଏ ତାର,
ଅଥଚ-
ଗଡୁନଥାଏ ମୁଣ୍ଡ କି
ଛିଡ଼ି ପଡୁନଥାଏ -
ମୁଣ୍ଡରେ ବଜ୍ର ।
ସବୁବେଳେ-
ନିରାପଦ ଦୂରତାରେ ଥାଏ-
ଜଣେ ଚାଲାକ ଲୋକ ।

+ ତାଉଁତରା, କପାସିଛକ, ଚିତାଳୋ
ଯାଜପୁର-୬୨



## ଜହ୍ନରାତି

**ବିଶ୍ୱରଞ୍ଜନ ଦାଶ**



ମୋ ମନ
ନିରୁଦ୍ଦିଷ୍ଟ କାଚକେନ୍ଦୁ ଅଛୁଆଁ ଆକାଶ
ତା ଆଖି
ଶୁଷ୍କ ଗାଡ଼ିଆରେ ତୃଷାର୍ତ୍ତ ଚାତକ,
ଆମ ପ୍ରେମ ଖୋଜେ ନିରୋଳା ଜହ୍ନରାତିଟେ
ଝର୍କା ସେପାଖ ନିଷିଦ୍ଧ ପୃଥିବୀରେ ।।

ପାହାଡ଼ି ଝରଣା ଭଳି
ହଠାତ ଝରିପଡ଼େ ସମ୍ମୋହନ
ମୁଁ ମିଳେଇଯାଏ ସେ ଅଜଣା ରାଗରେ,
ହୁତୁ ହୁତୁ ନିଆଁ ଜଳେ ପାଣିରେ
ସେ ତରଳେ ମହମ ପରି
ପାଦ ମୋର ଢଳ ଢଳ ପାରଦ
ମତୁଆଲା ପବନ ବି ଛାଡି ଦେଇଯାଏ
ଅଫେରା ମହକର ଚିହ୍ନଟେ
ଦେହଘଷା ଉଲ୍କା ପରି ।

ପାହାନ୍ତାକୁ ନା ଭଲପାଏ ସେ କି ମୁଁ
ଚୋରେଇନିଏ ଯିଏ
ଜହ୍ନରାତିର ଶିହରଣ
ବିଶାଳ ସୀମାହୀନ ଭୟ ଡେଇଁ
ମୁଁ ପହଞ୍ଚିଯାଏ ତା ଝର୍କା ପାଖେ
ସେ ବୁଣି ହେଇଯାଏ ଦଲକାଏ ଆଶ୍ଚର୍ଯ୍ୟରେ
ମୋର ପହଞ୍ଚିବାକୁ ଅବିଶ୍ୱାସ କରି
ସରିଯାଏ ଋତୁଟିଏ ତୃଷାର୍ତ୍ତ ଚାତକର
ଗୋଟେ ପ୍ରେମ ପକ୍ଷର ପ୍ରତିକ୍ଷାରେ ।।

ଦୁଷ୍ଟ ବସନ୍ତ ଯେତେ ଚହଲିଲେବି
କଷି ଦେହ ବୋହି
ସେ ପେଙ୍ଗୁଇନ ପ୍ରେମ
ଉଡି ପାରେନି ମୋ ଉଷ୍ମତାର ସହରକୁ
ମନ ଖୋଲି କେବେ ଯଦି ଉଡେ,
ମୋ ପାପୁଲିରେ
ଯେତେ ଘୋଡେଇଲେ ବି ତାର ଡେଣା
ଅପହଞ୍ଚ ତା ଜଖମକୁ ମୋ ମଲମ
ମାଲୁମ ବାହାରେ
ଏଠି ପ୍ରତିଟି ରାତିର ଘା
ଏକା ଜହ୍ନରାତି ଭୁଲେଇବ କେମିତି ଯେ ।।

+ ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ: ୯୭୭୮୧୧୫୯୦୪

## ନାରୀ କେବେ ଖୋଲାବହି ନୁହେଁ ...

**ବୃନ୍ଦାବନ ଦାସ**



ନାରୀ ଏକ ବହି
କେବେ ବି ଖୋଲାନୁହେଁ ,
ଟିକେ ପବନର ଅଙ୍ଗୁଳି ସ୍ପର୍ଶରେ
ପୃଷ୍ଠା ତା'
ଆଦୌ ଫଡଫଡ ନୁହେଁ
ପୁରୁଷ ପରି ।

ଅସରନ୍ତି ପୃଷ୍ଠାର ବହିଟିଏ ଯେ
ନା' ପଢିହୁଏ ନା'
ବୁଝିହୁଏ ସହଜରେ ,
ଯେତେ ପଢିଲେ ଲାଗେ
ନୂଆ ଅବୁଝା
ସଦାକାଳେ ସେ ରହସ୍ୟଘେରରେ ।

ତାକୁ ପଢିବାର ଅନୁଭବ ଓ ଅନୁଭୂତି
କେବଳ ନାରୀ ହିଁ ବତେଇପାରିବ
କେଉଁଠାରେ ସେ ଥାଏ
କେଉଁ ଭାବର ମୋହରେ
ବନ୍ଧା ପଡିଥାଏ ।

ବହୁରୂପା ।
ମା' ଛଡା ବୁଝିହୁଏ କିଏ ବେଶି !
ସ୍ତ୍ରୀ ବହୁତ କମ୍
ପ୍ରେମିକା ତ' ଆଦୌ ନୁହେଁ ...
ପୁରୁଷ ଲୁଚିଲୁଚି
ବେଶି ପଢେ ପ୍ରେମିକାକୁ ,
ବୁଝୁ ଅବା ନବୁଝୁ
ଅନ୍ଧାରରେ ଯେତେ ଝୁଣ୍ଟିଲେ ବି...

ନାରୀ ଅଛିଣ୍ଡା ହରଣ
ସରୁ ନଥିବା ଗୁଣନ ।

କାଚକାନ୍ଥ ସେପଟେ ସେ
ମହମହ ସମ୍ମୋହନ
ଝରକା ସେପଟର
ଗୋଲାପ ପାଖୁଡାରେ
ମୁହଁ ଗେଞ୍ଜୁଥିବା କାକର ଟୋପାରେ
ତା' ପ୍ରେମ...
କେତେକ୍ଷଣ ଅବା !

କିଏ ଅନଳ କିଏ ପତଙ୍ଗ ?
ବାଜେକଥା ସବୁ ..
ତତଲା ନିଃଶ୍ୱାସ ଟିକକ ପାଇଁ
ତା' ମାୟାରେ ଫଶିଥିବା
ପୁରୁଷକୁ ପଚାର
ସେ କହିବ, ହଜି ଯାଇଥିବା
କେତେ ବାଟର ଠିକଣା ।

+ ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା -୭୫୪୨୮୯
ମୋ-୯୭୭୭୮୪୩୦୩୧

## ଶବ୍ଦ-ନିଶବ୍ଦର ଲୁଚକାଳି

**ସଂଘମିତ୍ରା ରାଏଗୁରୁ**



କେଉଁ ଋତୁ ଦେଖ ରାତି ହୋଇ ଆଜି
ଲୁଚିଛି ପଲକ ତଳେ
ନଈର ଧାରରେ ଜହ୍ନର ଜୋଛନା
ଧିପ୍ ଧିପ୍ ଏଠି ଜଳେ

ଜଳିବା-ଜାଳିବା ନିଆଁ ଠୁ ଛଡେଇ
ପାଣିକୁ ଦେଇଛି କିଏ
ଗୋଲାପ ଫୁଲର ଗୋଲାପି ବାସ୍ନା
କୃଷ୍ଣଚୁଡା କାହିଁ ହୁଏ

ହେବାକୁ ତ ସାଥି ଚାନ୍ଦର ଚକୋରୀ
ହୋଇପାରିଲାନି କେବେ
ତୁମର ମୋର କଦମ୍ବର ବନ
ଯମୁନା ଉଜାଣି ଏବେ

ଯେବେ ମୁଁ ଲେଖିଛି ବାକି କଥା ମୋର
ସିନ୍ଦୁରର ସୀମା ଡେଇଁ
ସେବେ ସେବେ ତୁମେ ଶବ୍ଦର ପାଲିଙ୍କି
ନିଶବ୍ଦେ ଦେଲ ଭସେଇ

ହଜିବାର ଥିଲା ଯାହା ହଜେଇଲା
ଚଇତିର ଚଇତାଳି
କେମିତି ଗୋ ତୁମେ ? ମୋତେ ତ ଘାରୁଛି
କ୍ଷଣ କ୍ଷଣ ଏଠି
ଶବ୍ଦ-ନିଶବ୍ଦର ଲୁଚକାଳି

+ ରାୟପୁର,ଛତିଶଗଡ଼
(ମୋ) ୭୬୯୩୮୮୬୩୫୫

## ମାଟି କଣ୍ଢେଇ

**ରମାକାନ୍ତ ଦାସ**



ମାଟିକଣ୍ଢେଇରେ ଖେଳୁଥିଲା ଯିଏ
ଯିବ ସିଏ ଶାଶୁଘର
କାନ୍ଦିକାନ୍ଦି ସେ ବାପଘରୁ ବିଦା ହେବ
ଯିବ ସିଏ ପରଘର ।
ଯିଏ ଥିଲା ଦିନେ ଘରର ଲକ୍ଷ୍ମୀ
ସେ ହେଲା ଆଉ କାହା ଘରଣୀ
ବାପା କାନ୍ଦୁଥାଏ, ମା କାନ୍ଦୁଥାଏ
ମନେ ପକାଇ ତା କାହାଣୀ ।
ଛାଡ଼ିଦେଇ ଯାଏ ତା ପିଲାଦିନ
ସେ ତାର ବାପାଘରେ
ନୂଆପରିଚୟ ନେଇ ସେ ବଞ୍ଚଇ
ସେ ତାର ଶାଶୁଘରେ ।
ଯେତେ ଦୁଃଖ, କଷ୍ଟ ହଉଥିଲେ ତାକୁ
ସେ କହେ ଅଛି ମୁଁ ଖୁସି
ଶାଶୁ, ନଣନ୍ଦର ଗଞ୍ଜଣା
ସହି ପାରେନା ସେ
କାନ୍ଦୁଥାଏ ନିତି ବସି ।
ବାପଘରେ ଥିଲା ଖୁସିରେ ସେ ଥିଲା
କରୁଥିଲା କେତେ ମଉଜ
ଶାଶୁଘରେ ରହି ଦୁଃଖକୁ ସହୁଛି
ଦୁଃଖରେ କାଟେ ତା ଦିନ ।
ଗରିବଘରର ଝିଅ ବୋଲି ସେ
ଆଣିନି ଏତେ ଯୌତୁକ
ବଡଘର ବୋହୂ ବୋଲି ପରା ସେ
ପାଉଥାଏ ଏତେ ଦୁଃଖ ।
ଚୁଲି ପାଖେ ବସି ମୁଣ୍ଡେ ହାତଦିଏ
ତର୍କାରୀକୁ ଦିଏ ପୋଡି
ଲୋଭି ଶାଶୁ ତାର କିଛି ନ ବୁଝିକି
କରଇ ତା ସାଥେ କଳି ।
ସବୁକଥା ସହି କିଛି କୁହେ ନାହିଁ
ସ୍ୱାମୀକୁ କୁହେ ତା ଦୁଃଖ
ସ୍ୱାମୀ ତାର କଥା କିଛି ନ ଶୁଣଇ
କହେ ତୁ କହୁଚୁ ମିଛ ।
କେତେଦିନ କେତେବର୍ଷ ବିତିଯାଏ
ଏମିତି ଯନ୍ତଣା ସହି
ବାପା ମାଙ୍କୁ ସେ କିଛି ନ କୁହଇ
ସବୁ ଲୁହ ଯାଏ ପିଇ ।
ଏମିତି କଷ୍ଟକୁ ନ ସହି ପାରି ସେ
ବାଧ ହୋଇ ପିଏ ବିଷ
ଶେଷ କଥା ତାର ଲେଖିଦେଇ ଯାଏ
ସବୁ ତା କପାଳ ଦୋଷ ।
ବାପା ମା ଏହି କଥା ଶୁଣିସାରି
ମୁଣ୍ଡରେ ପୁରାନ୍ତି ଛନକା
ବଡଘର ଦେଖି ବାହାଦେଇଥିଲେ
ଶେଷରେ ହେଲା ଏ ଦଶା ।
ମାଟିକଣ୍ଢେଇଟି ଭାଙ୍ଗିଗଲା ଆଜି
ଦିନଗଲା ତାର ସରି
ଏମିତି ଦୁଃଖ କାହାକୁ ନଦିଅ
ଆହେ ପ୍ରଭୁ ଶ୍ରୀହରି ।।

+ ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
(ମୋ) ୯୬୬୮୮୧୫୩୬୯

## ସୁପ୍ରଭାତ...

**ସନ୍ଧ୍ୟା ରାଣୀ ଦାଶ**



ସକାଳର ଆଇନାକୁ ଦେଖ ଥରେ
ସକାଳକୁ ଉପଭୋଗିବା ପାଇଁ
ତ୍ୟାଗିବାକୁ ପଡେ ଆଳସ୍ୟ..
ଜୀବନରେ କରିବାକୁ ପଡ଼େ
ଅନେକ ସଂକଳ୍ପ
ଉଦ୍ୟମରତ ଥିଲେ ହିଁ
ବଢିହୁଏ ଆଗକୁ
ଚଢ଼ି ହୁଏ ସଫଳତାର
ପାହାଚ ସବୁକୁ

ଇତିହାସ ମୂକସାକ୍ଷୀ
ସଫଳତା ଆଉ ବିଫଳତାର
ଏହା ହିଁ ତ ଦିନଚର୍ଯ୍ୟା..
ଅନୁଭବର ଦୁନିଆ ଇଏ
ସତରେ ଏକ ଅଦ୍ଭୁତ ଦୁନିଆ
ଲେଖାହୁଏ ଅନେକ
ଆତ୍ମକାହାଣୀ, ଆତ୍ମବେଦନା
ଆତ୍ମସଂଶ୍ଲେଷଣ, ଆତ୍ମବିଶ୍ଳେଷଣ
ଅନୁଭବୀ ହିଁ ଜାଣେ
ସେ ସବୁର ମୂଲ୍ୟ ଓ ମହତ୍ତ୍ୱ...

ଯଦି ଅଛି ମନେ ଦୃଢ଼ ସଂକଳ୍ପ
ଆତ୍ମବିଶ୍ୱାସର ସହିତ ମାଡିଚାଲ ଆଗକୁ
ଶୌର୍ଯ୍ୟ ଆଉ ସଭ୍ୟତାର ପ୍ରତୀକକୁ ନେଇ
ପ୍ରଶ୍ନଚିହ୍ନ ସବୁ ପରିଣତ କରି ଉତ୍ତରରେ..

ଏ କ୍ଷୁଦ୍ର ଜୀବନ
ଆଜି ଅଛି, କାଲି ନାହିଁ
ଚାଲ ଜୀଇଁ ଯିବା ସାଥୀ
ହସିଖୁସି ଆଉ ମିଳିମିଶି...

+ କୋରାପୁଟ

# ରାଜ୍ୟରେ ୫ଜଣ କୋଭିଡ ସେବକଙ୍କୁ ନିଯୁକ୍ତ ଦେଲା କଂଗ୍ରେସ

ଭୁବନେଶ୍ୱର,୩୧/୫ (ନି.ପ୍ର): ଟିକା ନେବା ପଞ୍ଜିକରଣକୁ ସୂଚାରୁରୂପେ କରିବା ପାଇଁ ଭାରତୀୟ ଜାତୀୟ କଂଗ୍ରେସର ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଜାତୀୟ କଂଗ୍ରେସ ସାମାଜିକ ଗଣମାଧ୍ୟମ ଓଡ଼ିଶାର ୫ ଜଣଙ୍କୁ "କଂଗ୍ରେସ କୋଭିଡ ସେବକ" ଭାବେ ଦାୟିତ୍ୱ ଦେଇଛନ୍ତି । ଓଡ଼ିଶା କଂଗ୍ରେସ ସାମଜିକ ଗଣମାଧ୍ୟମ ର ଅଧ୍ୟକ୍ଷ ଅଭିଷେକ ମହାନନ୍ଦ କହିଛନ୍ତି ଓଡ଼ିଶାରୁ "କଂଗ୍ରେସ କୋଭିଡ ସେବକ" ଭାବେ ମନୋନୀତ ହୋଇଥିବା ଚେତନ ମିଶ୍ର, ଚନ୍ଦନ ରାୟ, ମୁରଲୀଧର ନାୟକ, ମିହିର ରାୟ ଓ ସୁବାଷ ନାୟକ ପାଂଚଜଣ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର କଂଗ୍ରେସ ଜିଲ୍ଲା ସଭାପତି ଏବଂ ନେତୃବୃନ୍ଦଙ୍କ ସହ ଆଲୋଚନା କରି ଜିଲ୍ଲାସ୍ତର, ବ୍ଲକସ୍ତର ଓ ପଂଚାୟତ ସ୍ତରର କୋଭିଡ ସେବକ ମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ସହିତ ଏହି କାର୍ଯ୍ୟକୁ ଆଗେଇ ନେବାରେ ସାହାଯ୍ୟ କରିବେ ।

# ଲକ୍‌ଡାଉନ୍‌ରେ ରାଜଧାନୀରେ ଲୁଟ୍ ଉଦ୍ୟମ : କଟିଗଲା ମହିଳାଙ୍କ ବେକ



ଭୁବନେଶ୍ୱର,୩୧/୫ (ନି.ପ୍ର): କରୋନା ପାଇଁ ଲକ୍‌ଡାଉନ୍ ଚାଲିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ଜଣେ ମହିଳାଙ୍କ ଠାରୁ ଲୁଟ୍ ଉଦ୍ୟମ ହୋଇଛି । ଏଥିରେ ମହିଳା ଜଣଙ୍କ ଆହତ ହୋଇଛନ୍ତି । ତାଙ୍କ ବେକରେ ଆଘାତ ଲାଗିଛି । ରାଜଧାନୀର ନୟାପଲ୍ଲୀ ଭିଆଇପି ଅଞ୍ଚଳର ମୁଖ୍ୟ ରାସ୍ତାରେ ଏ ଘଟଣା ଘଟିଛି । ପୂରା ଘଟଣା ସିସିଟିଭିରେ କଏଦ ହୋଇଛି । ଏଥିରେ ଦେଖିବାକୁ ମିଳିଛି ଯେ ମହିଳା ଜଣଙ୍କ ଚାଲି ଚାଲି ଯିବା ପରେ ଦୁର୍ବୃତ୍ତ ତାଙ୍କ ପାଖକୁ ଆସି କିଛି କହୁଛି ଓ ପରେ ପରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକରେ ଆଘାତ କରିଛି । ମହିଳା ଜଣଙ୍କ ଜୋରରେ ଚିତ୍କାର କରିବାରୁ ଦୁର୍ବୃତ୍ତ ସେଠାରୁ ଦୌଡ଼ି ପଳାଇଛି । ତେବେ କିଛି ବାଟ ଯାଇ ସେ ପୁଣି ମହିଳାଙ୍କ ନିକଟକୁ ଦୌଡ଼ିଛି । ତେବେ ମହିଳା ଜଣଙ୍କ ରାସ୍ତାର ଅପରପାର୍ଶ୍ୱକୁ ଦୌଡ଼ି ପଳାଇଛନ୍ତି ଓ ଦୁର୍ବୃତ୍ତ ସେଠାରୁ ଫେରାର ହୋଇଯାଇଛି । ମହିଳା ଜଣଙ୍କ ଏକ ଘରୋଇ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଥିବା ବେଳେ ପୁଲିସ୍ ସିସିଟିଭି ଫୁଟେଜକୁ ସଂଗ୍ରହ କରି ଖୋଳତାଡ଼ କରୁଛି ।

# ୪ ଲକ୍ଷ ୨୫ ହଜାର ମେଟ୍ରିକ୍ ଟନ୍ ରବିଧାନ ସଂଗୃହୀତ

## ଧାନସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କର : ମନ୍ତ୍ରୀ



ଭୁବନେଶ୍ୱର,୩୧/୫ (ନି.ପ୍ର): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପ୍ୟାକ୍ସ/ ଲ୍ୟାମ୍ପସ୍ ଜରିଆରେ ରାଜ୍ୟର ୧୪ଟି ଜିଲ୍ଲାରୁ ଅଦ୍ୟାବଧି ୪ ଲକ୍ଷ ୨୫ ହଜାର ମେଟ୍ରିକ୍ ଟନ୍ ରବିଧାନ ସଂଗ୍ରହ କରାଯାଇଛି । ସୋସାଇଟିଗୁଡ଼ିକ ରେ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ଅନୁପାଳନ କରି ରବିଧାନ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ନାମ ପଂଜୀକରଣ କରିଥିବା ଚାଷୀମାନେ ଯେପରି ସହଜରେ ଓ ସୁବିଧାରେ ମଣ୍ଡିରେ ସେମାନଙ୍କ ଧାନ ବିକ୍ରି କରିପାରିବେ ସେଥି ନିମନ୍ତେ ସମସ୍ତ ପଦକ୍ଷେପ ନେବା ପାଇଁ ପ୍ୟାକ୍ସ ଓ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଚଳିତ ବର୍ଷ ରବିଧାନ ସଂଗ୍ରହ ପାଇଁ ମୋଟ ୨ ଲକ୍ଷ ୩୨ ହଜାର ୪୦୯ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ । ତନ୍ମଧ୍ୟରୁ ଅଦ୍ୟାବଧି ୨ ଲକ୍ଷ ୨୦ ହଜାର ୨୪୩ ଜଣ ଚାଷୀଙ୍କର ଜମିଜମା ବାବଦ ତଥ୍ୟ, ବ୍ୟାଙ୍କ ଆକାଉଂଟ, ଆଧାର କାର୍ଡ଼, ଜଳସେଚିତ ଜମିର ପରିମାଣ ଇତ୍ୟାଦିର ଯାଂଚ ପ୍ରକ୍ରିୟା ସରିଛି । ଏଥି ମଧ୍ୟରୁ ଏ ପର୍ଯ୍ୟନ୍ତ ୬୩ ହଜାର ୮୨୭ ଜଣ ଚାଷୀଙ୍କଠାରୁ ମୋଟ ୪ ଲକ୍ଷ ୨୫ ହଜାର ମେଟ୍ରିକ୍ ଟନ୍ ଧାନ କିଣାଯାଇଛି, ଯାହାର ମୂଲ୍ୟ ପ୍ରାୟ ୭୯୩ କୋଟି ଟଙ୍କା । ଚଳିତ ରବିରେ ଅଦ୍ୟାବଧି ରାଜ୍ୟର ୧୦୨୦ଟି ଧାନସଂଗ୍ରହ କେନ୍ଦ୍ର ମାଧ୍ୟମରେ ରବିଧାନ ସଂଗ୍ରହ କରାଯାଉଛି । ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଝାରସୁଗୁଡ଼ା, କଳାହାଣ୍ଡି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ଧାନସଂଗ୍ରହ କରାଯାଉଥିବାବେଳେ ଖୁବ୍ ଶୀଘ୍ର ଅନ୍ୟ ତିନୋଟି ଜିଲ୍ଲା : କୋରାପୁଟ, ଖୋର୍ଦ୍ଧା ଓ ଯାଜପୁରରୁ ରବିଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ କରାଯିବ । ମଇ ମାସରୁ ଆରମ୍ଭ ହୋଇଥିବା ରବିଧାନ ସଂଗ୍ରହ କାର୍ଯ୍ୟ ଆସନ୍ତା ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଦ୍ୟାବଧି ଅଧିକ ଧାନସଂଗ୍ରହ ହୋଇଥିବା ଜିଲ୍ଲା ମଧ୍ୟରେ ବରଗଡ଼ ଜିଲ୍ଲାରେ ୨ ଲକ୍ଷ ୮ ହଜାର ୮୯ ମେଟ୍ରିକ୍ ଟନ୍, ସୁବର୍ଣ୍ଣପୁରରେ ୮୧,୮୨୪ ମେଟ୍ରିକ୍ ଟନ୍, ସମ୍ବଲପୁରରେ ୫୩,୬୩୦ ମେଟ୍ରିକ୍ ଟନ ଓ କଳାହାଣ୍ଡି ଜିଲ୍ଲାରେ ୫୦,୬୧୦ ମେଟ୍ରିକ୍ ଟନ୍ ଧାନସଂଗ୍ରହ କରାଯାଇଛି ।

# ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ପାଇଁ ଆଉ କେତେ ବର୍ଷ ନେବେ ନବୀନ ବାବୁ : ପଞ୍ଚାନନ



ଭୁବନେଶ୍ୱର ,୩୧/୫ (ନି.ପ୍ର): ୨୦୦୦ ମସିହାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିଆସିଲେଣି । ତାଙ୍କ ପିତା ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ କରିବା କଥା ସେବେଠାରୁ ହିଁ କହିଆସୁଛନ୍ତି । ଏବେ ପଞ୍ଚମ ପାଳିର ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ପୁଣି ଥରେ ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ କରିବା କଥା ଉଠାଇଛନ୍ତି । ଏହି ସ୍ୱପ୍ନ ପୂରଣ କରିବାକୁ ନବୀନ ବାବୁଙ୍କୁ ଆଉ କେତେ ବର୍ଷ ଲାଗିବ ? ରବିବାର ଏକ ପ୍ରେସ୍ ବିବୃତି ଜାରି କରି ପୂର୍ବତନ ଅର୍ଥମନ୍ତ୍ରୀ ତଥା କଂଗ୍ରେସ ନେତା ପଞ୍ଚାନନ କାନୁନଗୋ କେତୋଟି ପ୍ରଶ୍ନ ଉଠାଇଛନ୍ତି ।

ଶ୍ରୀ କାନୁନଗୋ ଅଭିଯୋଗ କରିଛନ୍ତି, ଯେଉଁମାନେ ବିଜୁ ବାବୁଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନଙ୍କ ମୁହଁରୁ ଗୋଟିଏ କଥା ବିଜୁ ବାବୁ କହୁଥିବା ଶୁଣିବାକୁ ମିଳେ । ତାହା ହେଉଛି ରାଜ୍ୟର ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଓ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା । ପ୍ରତ୍ୟେକ ପରିବାରକୁ ମୁଣ୍ଡ ଗୁଞ୍ଜିବାକୁ ସ୍ଥାୟୀ ବାସଗୃହ ଓ ରାଜ୍ୟରେ ସବୁ ଯୁବକ ଯୁବତୀଙ୍କୁ କର୍ମନିଯୁକ୍ତିର ସୁଯୋଗ ମିଳୁ । ଯାହା ଏ ପର୍ଯ୍ୟନ୍ତ ସମ୍ଭବ ହେଲାନାହିଁ । ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ନାରା ଦିଆଯାଉଛି । ଅଥଚ ପ୍ରତି ଗାଁରେ ମଦ ଦୋକାନ ଖୋଲି ପୁରୁଷମାନଙ୍କୁ ମଦୁଆ କରେଇବାକୁ କଣ ବିଜୁ ବାବୁ ସ୍ୱପ୍ନ ଦେଖିଥିଲେ ? ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ମୁକାବିଲା କରିବାରେ ଓଡ଼ିଶା ସରକାର ଦକ୍ଷତା ଅର୍ଜନ କରିଛନ୍ତି । ୨୧ ବର୍ଷ ଭିତରେ ୭ଟି ବାତ୍ୟାକୁ ମୁକାବିଲା କରିବା ପରେ ବି ସରକାର ବାତ୍ୟା ପ୍ରପୀଡ଼ିତ ଜିଲ୍ଲାମାନଙ୍କରେ ଲୋକମାନଙ୍କୁ ପକ୍କାଘର ଯୋଗାଇ ପାରିଲେ ନାହିଁ । ଏ ସରକାର କେବଳ ପ୍ରଚାର, ପ୍ରତିଶୃତି ଓ ପ୍ରତାରଣା କରିବା ଛଡ଼ା ଆଉ କିଛି ଜାଣନ୍ତିନି ବୋଲି ଶ୍ରୀ କାନୁନଗୋ କଟାକ୍ଷ କରିଛନ୍ତି ।

# ମୋଦି ସରକାରଙ୍କ ୭ ବର୍ଷ ପୂର୍ତ୍ତିକୁ ସେବା ପାଇଁ ସମର୍ପିତ ଦିବସ ଭାବେ ପାଳିଲା ବିଜେପି

## ♦ସମସ୍ତ ସାଂଗଠନିକ ଜିଲ୍ଲାରେ ସେବା କାର୍ଯ୍ୟ ଓ ରକ୍ତଦାନ
## ♦ସଟଡାଉନ୍ କାରଣରୁ ୨ ଦିନ ଧରି ପାଳନ କରାଯିବାକୁ ନିଷ୍ପତ୍ତି

ଭୁବନେଶ୍ୱର,୩୧/୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨ୟ ପାଳିର ୨ ବର୍ଷ ପୂର୍ତ୍ତି ତଥା ୭ ବର୍ଷ ପୂର୍ତ୍ତି ଅବସରରେ ଆଜିର ଦିନକୁ ଭାରତୀୟ ଜନତା ପାର୍ଟୀ ଦେଶବ୍ୟାପୀ ସେବା ଦିବସ ଭାବେ ପାଳନ କରୁଛି । କରୋନା ସଂକ୍ରମଣଜନିତ ଲକ୍‌ଡାଉନ / ସଟ୍‌ଡାଉନ କାରଣରୁ ସେବା ଦିବସକୁ ଆଜି ଓ ଆସନ୍ତାକାଲି ୨ ଦିନ ଧରି ପାଳନ କରାଯିବାକୁ ନିଷ୍ପତି ନିଆଯାଇଛି । ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଆଜି ରାଜ୍ୟର ସମସ୍ତ ସାଂଗଠନିକ ଜିଲ୍ଲାରେ ବିଜେପି କାର୍ଯ୍ୟକର୍ତ୍ତାମାନେ ସେବା କାର୍ଯ୍ୟ ଓ ରକ୍ତଦାନ କରିଛନ୍ତି । ଏହି ଅବସରରେ ବିଜେପି କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ସମସ୍ତ ପଂଚାୟତ ଏବଂ ସହରାଂଚଳର ସମସ୍ତ ୱାର୍ଡରେ ସେବା ଦିବସ ପାଳନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ବିଜେପି କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ଅଂଚଳରେ ମାସ୍କ, ସାନିଟାଇଜର, ଗ୍ଲୋବ୍ସ, ଅକ୍ସିମିଟର, ଥର୍ମାଲ ଗନ୍, ପିପିଇ କିଟ୍, କାଢା ପାନୀୟ, ଶୁଖିଲା ଖାଦ୍ୟ ବଂଟନ କରିଛନ୍ତି । ବୁଲା ପଶୁଙ୍କୁ ପାର୍ଟୀ କାର୍ଯ୍ୟକର୍ତ୍ତାମାନେ ଖାଦ୍ୟ ବଂଟନ କରିଥିଲେ । ଏଥି ସହ ବିଜେପି କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ଅଂଚଳରେ କୋଭିଡ୍ ସଂକ୍ରମଣ ବିଷୟରେ ସଚେତନତା ସୃଷ୍ଟି କରାଇବା ସହ ଥର୍ମାଲ ଗନ୍ ଓ ଅକ୍ସିମିଟର ଜରିଆରେ ସ୍ଥାନୀୟବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଯାଂଚ କରିଥିଲେ । ସେହିପରି ରାଜ୍ୟର ପ୍ରତ୍ୟେକ ସାଂଗଠନିକ ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜିତ କରାଯାଇ ରକ୍ତ ସଂଗ୍ରହ କରାଯାଉଛି । ଆଜି ନୟାଗଡ, ବଲାଙ୍ଗୀର, ରାଉରକେଲା, ସୁନ୍ଦରଗଡ, ଜଗତସିଂହପୁର, ଅନୁଗୁଳ, ଢେଙ୍କାନାଳ, କୋରାପୁଟ, ଗଂଜାମ, ନବରଙ୍ଗପୁର, ଆଦି ଜିଲ୍ଲାରେ ପାର୍ଟୀ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଛି । ରାଜ୍ୟ ସଭାପତି ସମୀର ମହାନ୍ତି ପୁରୁଣା ଭୁବନେଶ୍ୱର ସ୍ଥିତ ସୁନ୍ଦରପଦାଠାରେ ସ୍ଥାନୀୟ ବାସିନ୍ଦାଙ୍କୁ ମାସ୍କ, ସାନିଟାଇଜର, ଶୁଖିଲା ଖାଦ୍ୟ ବଂଟନ କରି କୋଭିଡ୍ ସଂକ୍ରମଣ ବିଷୟରେ ସଚେତନା କରିଥିଲେ । କରୋନା ସଂକଟ ସମୟରେ ଭାରତୀୟ ଜନତା ପାର୍ଟୀ ନିଜ ସମସ୍ତ ରାଜନୈତିକ କାର୍ଯ୍ୟକ୍ରମକୁ ସ୍ଥଗିତ ରଖି କାର୍ଯ୍ୟକର୍ତ୍ତାଙ୍କ ଜରିଆରେ ଲୋକଙ୍କ ସେବାକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରୁଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଜିଲ୍ଲା ସଭାପତି ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୟଶ୍, ବାତ୍ୟା ଓ ବନ୍ୟା ପ୍ରଭାବିତ ଅଂଚଳ ବୁଲି ଦେଖିବା ସହ ଭଦ୍ରକ ଜିଲ୍ଲା ଦୋସିଙ୍ଗା, ଜାଗୁଳା, ଧାମରା ପଂଚାୟତର ବିଭିନ୍ନ ଗ୍ରାମକୁ ଯାଇ ପ୍ରଭାବିତଙ୍କୁ ମାସ୍କ, ସାନିଟାଇଜର, ଶୁଖିଲା ଖାଦ୍ୟ ବଂଟନ କରିଛନ୍ତି । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ପ୍ରମୁଖ ସାମିଲ ହୋଇଥିଲେ । ଅନ୍ୟତମ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ୟଶ୍ ବାତ୍ୟା ଓ ବନ୍ୟା ପ୍ରଭାବିତ ଅଂଚଳରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ସମୀକ୍ଷା କରିବା ସହ ପାର୍ଟୀ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇ ମାସ୍କ, ସାନିଟାଇଜର, ଶୁଖିଲା ଖାଦ୍ୟ ବଂଟନ କରିଥିଲେ । ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ସୁନ୍ଦରଗଡରେ, ପୂର୍ବତନ ରାଜ୍ୟ ସଭାପତି କେ.ଭି.ସିଂହଦେଓ, ସାଂସଦ ବସନ୍ତ ପଣ୍ଡା, ସୁରେଶ ପୂଜାରୀ, ନିତେଶ ଗଙ୍ଗଦେବ, ବିରୋଧୀ ଦଳ ମୁଖ୍ୟ ସଚେତକ ମହୋନ ମାଝୀ, ବିଧାୟକ ମୁକେଶ ମହାଲିଙ୍ଗ, ନାଉରୀ ନାଏକ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜୟନ୍ତ ଷଡଙ୍ଗୀ, ନବଚରଣ ମାଝୀ, ପ୍ରକାଶ ସୋରେନ, ସନାତନ ବିଜୁଳି, ଭବାନୀ ଭୋଇ, କୁସୁମ ଟେଟେ, ଶଙ୍କର ଓରାମ, ଡ.ବୁଧନ ମୁର୍ମୁଙ୍କ ସମେତ ପାର୍ଟୀର ବହୁ ପଦାଧିକାରୀ ଏବଂ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ଅଂଚଳରେ ସେବା କାର୍ଯ୍ୟ ଓ ରକ୍ତଦାନ ଶିବିରରେ ସାମିଲ ହୋଇଥିଲେ ।

# ଜୁଆର ପାଣି ରୋକିବାକୁ ହେବ ଦୀର୍ଘ ମିଆଦି ଯୋଜନା

ଭୁବନେଶ୍ୱର,୩୧/୫ (ନି.ପ୍ର): ୧୦ଟି ଉପକୂଳବର୍ତ୍ତୀ ଜିଲ୍ଲାର ତଟବର୍ତ୍ତୀ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି । ବିଶ୍ୱ ବ୍ୟାଙ୍କ ସହାୟତାରେ ୧୯୪୪ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ ଚାଲିଛି । ପ୍ରଥମ ପର୍ଯ୍ୟାୟରେ ୩୮୦ କିମି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ପଥର ବନ୍ଧ ବନ୍ଧାଯିବ ଓ ତା' ଉପରେ ଜାଲ ପକାଯାଇ ପବନ ରୋକିବାକୁ ଗଛ ଲଗାଯିବ । ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ ଶନିବାର ଏହି ଦେଇଛନ୍ତି । ପୂର୍ବରୁ ଜାତୀୟ ବିପର୍ଯ୍ୟୟ କ୍ଷତି ପରିଚାଳନା ପ୍ରକଳ୍ପ ଜରିଆରେ ରାଜ୍ୟର ଚାରିଟି ଜିଲ୍ଲା କେନ୍ଦ୍ରାପଡ଼ା, ଜଗତସିଂପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ୫୨ କିଲୋମିଟର ଦୀର୍ଘ ଲୁଣା ବନ୍ଧର ସୁରକ୍ଷା କାର୍ଯ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ କରାଯାଇଥିଲା । ବିଶ୍ୱ ବ୍ୟାଙ୍କ ସହୟତାରେ ୨୦୧୩-୧୬ରେ ଏହି ବନ୍ଧ ନିର୍ମାଣ କରାଯାଇଥିଲା । ଏହା ମଧ୍ୟରେ ୫ଟି ବାତ୍ୟା ପରେ ବି ଲୁଣା ବନ୍ଧର ବିଶେଷ କ୍ଷତି ହୋଇ ନାହିଁ । ଲୁଣାବନ୍ଧର ସ୍ଥାୟୀତ୍ୱ ଓ ଦୃଢ଼ତାକୁ ଦୃଷ୍ଟିରେ ରଖି ଅଗ୍ରାଧିକାର ଭିତ୍ତିରେ ଦୁର୍ବଳ ସ୍ଥାନଗୁଡ଼ିକୁ ଚିହ୍ନଟ କରି ରାଜ୍ୟରେ ୧୬୫୦ କିଲୋମିଟର ଲୁଣାବନ୍ଧକୁ ପ୍ରାୟ ୬ ହଜାରରୁ ୭ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ କରାଯିବା ପାଇଁ ବିଭାଗ ତରଫରୁ ପ୍ରସ୍ତାବ ରହିଛି । ବାତ୍ୟା ୟାସ୍ ପରବର୍ତ୍ତୀ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଆଜି ଜଳସମ୍ପଦ ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ କରାଯାଇଥିଲା । ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କ ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ ଅଧିକାରୀ ଓ ଯନ୍ତ୍ରୀମାନେ ନିଷ୍ଠାର ସହ ଦୁର୍ବଳ ନଦୀବନ୍ଧର କାର୍ଯ୍ୟ କରନ୍ତୁ, ଯାହା କି ଆଗାମୀ ଦିନରେ ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପ୍ରତିରୋଧକ ହୋଇପାରିବ । ଜରୁରୀ ମରାମତି ଆବଶ୍ୟକତା ଥିବା କ୍ଷେତ୍ରରେ ଅର୍ଥ ପ୍ରତିବନ୍ଧକ ସାଜିବ ନାହିଁ । ସର୍ବୋଚ୍ଚ ଯନ୍ତ୍ରୀ ଇଂ ରଥ ସୂଚନା ଦେଇଥିଲେ ଯେ ରାଜ୍ୟରେ ବିଭିନ୍ନ ନଦୀରେ ଜଳ ସ୍ତର କମିଛି ଓ ବନ୍ୟା ସ୍ଥିତି ଧୀରେ ଧୀରେ ସୁଧୁରୁଛି । ବାତ୍ୟା ପରିପ୍ରେକ୍ଷୀରେ ବନ୍ୟା ସ୍ଥିତିକୁ ନଜରରେ ରଖି ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ଅବବାହିକାରେ ଥିବା ବୃହତ ଓ ମଧ୍ୟମ ଜଳଭଣ୍ଡାରଗୁଡ଼ିକର ସୁପରିଚାଳନା କରାଯାଇଥିଲା ।

# ଅକ୍ସିଜେନ ସିଲିଣ୍ଡର ଭର୍ତ୍ତି ଅଛି ନା ନାହିଁ ଜାଣିବା ପରେ ଶୋଉଛନ୍ତି ସବୁ ଜିଲ୍ଲାପାଳ : ସ୍ୱାସ୍ଥ୍ୟ ବିଭାଗ



ଭୁବନେଶ୍ୱର,୩୧/୫ (ନି.ପ୍ର): ରାଜ୍ୟରେ କୋଭିଡ ସ୍ଥିତି ସହ ଅକ୍ସିଜେନ ଯୋଗାଣ ନେଇ ଆଜି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛନ୍ତି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର । ସେ କହିଛନ୍ତି ଯେ ଯେତିକି ପଜିଟିଭ ରୋଗୀ ଅଛନ୍ତି ୮୬ ପ୍ରତିଶତ ରୋଗୀ ହୋମ ଆଇସୋଲେସନରେ ଅଛନ୍ତି । ପୂର୍ବରୁ କ୍ରିଟିକାଲ କେୟାର ବେଡ଼ (ଆଇସିୟୁ ଓ ଭେଣ୍ଟିଲେଟର)ରେ ୮୨ ପ୍ରତିଶତ ରୋଗୀ ରହୁଥିବାବେଳେ ଏବେ କ୍ରିଟିକାଲ କେୟାର ବେଡ଼ରେ ରୋଗୀ ସଂଖ୍ୟା ୭୨ ପ୍ରତିଶତକୁ ଖସିଆସିଛି । ଆମ ରାଜ୍ୟରେ ମେଡିକାଲ ଅକ୍ସିଜେନ ୬୭ ମେଟ୍ରିକ ଟନର ଆବଶ୍ୟକତା ରହୁଛି । ତାହାକୁ ଆଖି ଆଗରେ ରଖି ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ଅଛି । ଆମ ରାଜ୍ୟରେ କୌଣସି ବି ହସ୍ପିଟାଲରେ ଅକ୍ସିଜେନର ଅଭାବ ନାହିଁ । ସବୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ରାତିରେ ଶୋଇବାକୁ ଯିବା ପୂର୍ବରୁ ଜିଲ୍ଲାର କୋଭିଡ ହସ୍ପିଟାଲରେ ଅକ୍ସିଜେନ ସିଲିଣ୍ଡର ଭର୍ତ୍ତି ହୋଇ ଅଛି ନା ନାହିଁ ସୂଚନା ପାଇବା ପରେ ହିଁ ବିଶ୍ରାମ ନିଅ । ଏଥିପାଇଁ ଅକ୍ସିଜେନ ଯୋଗାଣ ପାଇଁ ଯେଉଁ ଟିମ କାମ କରୁଛି ସେଥିରେ କୌଣସି ତ୍ରୁଟି ଦେଖାଯାଇନାହିଁ । ଶ୍ରୀ ମହାପାତ୍ର କହିଛନ୍ତି ଯେ କେବଳ ଆମ ରାଜ୍ୟର ଅକ୍ସିଜେନ ଚାହିଦାକୁ ମେଣ୍ଟାଇନୁ ବରଂ ପାଖାପାଖି ୧୮ଟି ରାଜ୍ୟକୁ ଅକ୍ସିଜେନ ଯୋଗାଯାଉଛି । ଏବେ ପର୍ଯ୍ୟନ୍ତ ୨୫ ହଜାର ମେଟ୍ରିକ ଟନ ଅକ୍ସିଜେନ ଯୋଗାଇ ସାରିଲୁଣି । ସେହିପରି ଯଦି ତୃତୀୟ ଲହରୀ ଆସେ ସେଥିପାଇଁ ମଧ୍ୟ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ରସ୍ତୁତି କରିଛନ୍ତି । ଆସନ୍ତା ମାସେ କିମ୍ବା ଦୁଇ ମାସ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆରଟିପିସିଆର ଲ୍ୟାବ ସ୍ଥାପନ କରାଯିବ । ତେବେ ଆଗକୁ ରଜ, ସାବିତ୍ରୀ ଆସୁଛି । ଏହି ସମୟରେ ଲୋକମାନେ ଅଧିକ ସତର୍କ ହେବା ଉଚିତ୍ ।

# ରାଜ୍ୟରେ ମିଳୁନି ମ୍ୟୁକର ମାଇକୋସିସ୍ ଇଂଜେକସନ୍




ଭୁବନେଶ୍ୱର ,୩୧/୫ (ନି.ପ୍ର): ମ୍ୟୁକର ମାଇକୋସିସ (ବ୍ଲାକ ଫଙ୍ଗସ୍) ରୋଗୀ ସଂଖ୍ୟା ରାଜ୍ୟରେ କ୍ରମଶଃ ବଢ଼ି ବଢ଼ି ଚାଲିଥିବାବେଳେ ଏହି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ଜୀବନ ରକ୍ଷାକାରୀ ଇଂଜେକସନ ଲିପୋଜୋମାଲ ଆମ୍ଫୋଟେରିସିନ-ବି ଏବେ ମିଳୁନି । ଫଳରେ ଆକ୍ରାନ୍ତଙ୍କ ସମ୍ପର୍କୀୟମାନେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ବ୍ଲାକ୍ ଫଙ୍ଗସ୍‌ରେ ଆକ୍ରାନ୍ତ ହୋଇ ରାଜଧାନୀ ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଜଣେ ୩୧ ବର୍ଷୀୟ ଯୁବକଙ୍କ ସଂପର୍କୀୟମାନେ ୧୦ ଦିନ ହେଲା ଖୋଜୁଛନ୍ତି ଏହି ଇଂଜେକସନ । ଏ ସଂକ୍ରାନ୍ତରେ ସେମାନେ ଔଷଧ ନିଗମ, ବିଏମସି କମିସନର, ରାଜ୍ୟ, କେନ୍ଦ୍ର ସରକାରଙ୍କ ପ୍ରତିନିଧିଙ୍କୁ ଲିଖିତ ଭାବରେ ଜଣାଇଛନ୍ତି । ମାତ୍ର ଏଯାଏ ଇଂଜେକସନ୍ ଯୋଗାଡ଼ ହୋଇ ପାରିନାହିଁ । ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ମ୍ୟୁକର ମାଇକୋସିସ ଚିକିତ୍ସାଧୀନ ରୋଗୀ ଏମିତି ଔଷଧ ନ ପାଇଁ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ବ୍ୟାପକ ଭାବରେ ଏହି ଇଂଜେକସନର କଳାବଜାରୀ ହେବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଆଶଙ୍କା କରାଯାଉଛି । ଫୁଲବାଣୀର ଜ୍ୟୋତୀର୍ମୟ ପାଣିଗ୍ରାହୀ(୩୧)ଙ୍କ ମଧୁମେହ କିମ୍ବା କୌଣସି ଗୁରୁତର ରୋଗ ବି ନଥିଲା । ଏହା ସତ୍ତ୍ୱେ ସେ ମ୍ୟୁକରମାଇକୋସିସ ଭଳି ରୋଗରେ ଆକ୍ରାନ୍ତ ହେବେ ବୋଲି ପରିବାର କେବେ ଚିନ୍ତା ମଧ୍ୟ କରିନଥିଲେ । କୋଭିଡ ମୁକ୍ତ ହେବାର ୪ରୁ୫ ଦିନ ପରେ ତାଙ୍କ ଆଖି ପାଖ ଫୁଲିବା ସହିତ ଲାଲ ହୋଇଯାଇଥିଲା । ଏହାପରେ ପାଟି ପାଖରେ ମଧ୍ୟ ଫୁଲି ଯାଇଥିଲା । ତେଣୁ ସନ୍ଦେହ ହେବାରୁ ସେ ଡାକ୍ତରଙ୍କ ପରାମର୍ଶରେ ଏମ୍‌ଆରଆଇ କରିବାରୁ ମ୍ୟୁକରମାଇକୋସିସ ହୋଇଥିବା ଜଣାପଡ଼ିଥିଲା । ରାଜ୍ୟର ତୃତୀୟ ବ୍ୟକ୍ତି ଭାବରେ ତାଙ୍କ ଠାରେ ଏହି ରୋଗ ଚିହ୍ନଟ ହୋଇଥିଲା । ମାତ୍ରାଧିକ ଷ୍ଟେରଏଡ ବ୍ୟବହାର ଏହାର କାରଣ ବୋଲି କୁହାଯାଉଛି । ଗତ ୧୩ ତାରିଖରେ ସେ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହେବାର ଗୋଟିଏ ଦିନ ପରେ ତାଙ୍କର ଅସ୍ତ୍ରୋପଚାର କରାଗଲା । ଏହାର ଠିକ୍ ପରେ ଲିପୋଜୋମାଲ ଆମ୍ଫୋଟେରିସିନ-ବି କୋର୍ସ ଅର୍ଥାତ ସମୁଦାୟ ୬୦ଟି ଇଂଜେକସନ୍ ଦେବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ଦୈନିକ ପ୍ରାୟ ୬ଟି କରି ଲଗାତାର ୧୦ ଦିନ ଦିଆଯିବା କଥା । ବର୍ତ୍ତମାନ ପର୍ଯ୍ୟନ୍ତ ଜ୍ୟୋର୍ତିମୟଙ୍କୁ ସମୁଦାୟ ୨୦ଟି ଇଂଜେକସନ୍ ଦିଆଯାଇଛି । ଅବଶିଷ୍ଟ ୪୦ଟି ଇଂଜେକସନ ପାଇଁ ୧୨ ଦିନ ହେଲା ପରିବାର ଚେଷ୍ଟା କରୁଥିଲେ ମଧ୍ୟ ସଫଳ ହୋଇ ପାରି ନାହାନ୍ତି । ଏଥିପାଇଁ ସରକାରଙ୍କ ନିକଟରେ ଆବେଦନ କରାଯିବା ସହିତ ରାଜ୍ୟରେ ସ୍ଥିତ ସମସ୍ତ ଔଷଧ ଦୋକାନ, ରାଜ୍ୟ ବାହାରର ଔଷଧ ଦୋକାନ ସହିତ ଯୋଗାଯୋଗ କରାଯାଇଛି, କିନ୍ତୁ ଏହା ମିଳୁ ନାହିଁ । ଲିପୋଜୋମାଲ ଆମ୍ଫୋଟେରିସିନ-ବି ଇଂଜେକସନର ସରକାରୀ ମୂଲ୍ୟ ୬୮୦୦ ଏବଂ ୭୮୦୦ ଟଙ୍କା । ଏହାର ସୀମିତ ସଂଖ୍ୟକ ଯୋଗାଣ ହେଉଥିବାରୁ ସରକାରୀ ନିୟନ୍ତ୍ରଣରେ ରହୁଛି । ଡାକ୍ତରଖାନାର ଆବଶ୍ୟକତା ଅନୁଯାୟୀ ସରକାରଙ୍କ ପକ୍ଷରୁ ଏହା ଦିଆଯାଉଛି । ରୋଗୀଙ୍କ ଆବଶ୍ୟକତାର ସୁଯୋଗ ନେଇ ରାଜ୍ୟ ଏବଂ ଦେଶରେ ଏହାର ବ୍ୟାପକ କଳାବଜାରୀ ହୋଇ ୩୫ରୁ ୩୮ ହଜାର ଟଙ୍କା ମଧ୍ୟରେ ବିକ୍ରି ହେଉଛି । ଏପରିକି ଏହି ଇଂଜେକସନ ନାମରେ ଅନେକ ନକଲି ଇଂଜେକସନ ମଧ୍ୟ ବିକ୍ରି ହେଉଛି । ଲିପୋଜୋମାଲ ଆମ୍ଫୋଟେରିସିନ-ବିର ବିକଳ୍ପ ଇଂଜେକସନ ୧୧ ହଜାର ଟଙ୍କାରେ ବିକ୍ରି ହେଉଛି । ମାତ୍ର ଏହାର ଲିପୋଜୋମାଲ ଭଳି ଉପାଦେୟ ନୁହେଁ । ୩୦୦ ଟଙ୍କା ମୂଲ୍ୟର ଅନ୍ୟ ଏକ ବିକଳ୍ପ ଇଂଜେକସନର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ କ୍ରିଏଟିନିନ୍ ବୃଦ୍ଧି କରି କିଡନି ଖରାପ କରୁଛି । ଏଭଳି ସ୍ଥିତିରେ ରାଜ୍ୟ, କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦେବେ ଆଶା ରହିଛି । କରୋନା ମହାମାରୀ ସମୟରେ ମ୍ୟୁକର ମାଇକୋସିସକୁ ଦେଶର ବିଭିନ୍ନ ସ୍ଥାନରେ ଏକ ନୋଟିଫାଏଡ୍ ବା ଅଧିସୂଚିତ ରୋଗ ଭାବେ ଘୋଷଣା କରାଯାଇଛି । ତେଣୁ ଏହାକୁ ନେଇ ଭୟର ପରିବେଶ ରହିଛି । ତେବେ ଏହି ରୋଗରେ ପୀଡ଼ିତ ଅନେକ ବ୍ୟକ୍ତି ସୁସ୍ଥ ହେବାରେ ଲାଗିଛନ୍ତି । ଲକ୍ଷଣ ଦେଖା ଦେବା ସହିତ ରୋଗୀ ଡାକ୍ତରଖାନାକୁ ଆସିଲେ ଏହାର ଚିକିତ୍ସା ସମ୍ଭବ ହେବ ବୋଲି କହିଛନ୍ତି ଏମ୍ସ ଭୁବନେଶ୍ୱରର ଜଣେ ଡାକ୍ତର ।

# କୋଭିଡ-୧୯ ଓ ଗୃହ ସଙ୍ଗରୋଧ




ଭୁବନେଶ୍ୱର,୩୧/୦୫ (ନି.ପ୍ର): ଚିକିତ୍ସକଙ୍କ ପରାମର୍ଶ ଅନୁସାରେ କୋଭିଡ-୧୯ ରୋଗୀ ଗୃହ ସଙ୍ଗରୋଧରେ ରହିଲେ ସୁସ୍ଥ ରହିବା ସହ ଶୀଘ୍ର ଆରୋଗ୍ୟ ଲାଭ କରିଥାଏ ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ ଓ କ୍ଷେତ୍ରପଚାର ବ୍ୟୁରୋ ପକ୍ଷରୁ ଆଜି କୋଭିଡ-୧୯ ବିରୁଦ୍ଧରେ ସଂଗ୍ରାମ ଓ ଗୃହ ସଂଘରୋଧ ଉପରେ ଆୟୋଜିତ ୱେବିନାରରେ ଯୋଗଦେଇ ବିଶିଷ୍ଟ ଚିକିତ୍ସକ ଓ ବୁଦ୍ଧିଜୀବୀ ଏହି ମତ ପୋଷଣ କରିଛନ୍ତି । ଏଥିରେ ଯୋଗଦେଇ ଭୀମସାରର ସହକାରୀ ଅଧାପକ ଡକ୍ଟର ବିଶ୍ୱରଞ୍ଜନ ରାଉତରାଏ କୋଭିଡ-୧୯ ରୋଗୀ ଆଦୌ ହତୋତ୍ସାହିତ ନ ହୋଇ ଘରୋଇ ସଂଘରୋଧ ନିୟମ ମାନିବା ସହ ଚିକିତ୍ସକଙ୍କ ପରାମର୍ଶରେ ଉପଚାର କଲେ ଶୀଘ୍ର ଆରୋଗ୍ୟ ହୋଇପାରିବ ବୋଲି କହିଥିଲେ । ଏଥିରେ ଯୋଗଦେଇ ଡକ୍ଟର ସନ୍ଦୀପ ମିତଲ କହିଥିଲେ ଯେ, ଗୃହ ସଙ୍ଗରୋଧ ରୋଗୀ ଦିନକୁ ଛଅମିନିଟ୍ ଲେଖାଏଁ ଦୁଇଥର ୱାର୍କ କରିବା ସହ ଅମ୍ଳଜାନ ମାତ୍ରା ସମୟ ଅନୁଯାୟୀ ମାପିବା ଆବଶ୍ୟକ । ଅମ୍ଳଜାନ ମାତ୍ରା ୯୪ରୁ କମ୍ ହେଲେ ବା ଜ୍ୱର ନିରବଚ୍ଛିନ୍ନ ଭାବେ ଅଧିକ ରହିଲେ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ହସ୍‌ପିଟାଲରେ ଭର୍ତ୍ତି ହେବା ଦରକାର ବୋଲି କହିଥିଲେ । ଏଥିରେ ଅଂଶଗ୍ରହଣ କରି ସ୍ୱାସ୍ଥ୍ୟ ସୁଧାରେ ପ୍ରଶିକ୍ଷକ ସୁସ୍ମିତା ପାତ୍ର ଜୀବନ ଶୈଳୀ ଠିକ୍ ରଖି ସନ୍ତୁଳିତ ଖାଦ୍ୟ, ଶାରୀରିକ ଦକ୍ଷତା, ମାନସିକ ଚାପ, ବିଶ୍ରାମ ଓ ଜଳ ଶୁଷ୍କତାରୁ ନିଜକୁ ମୁକ୍ତ ରଖିଲେ ରୋଗ ପ୍ରତିରୋଧକ ଶକ୍ତିର ବିକାଶ ସହ କୋଭିଡ ସଂକ୍ରମଣରୁ ରକ୍ଷା ପାଇବ ବୋଲି କହିଥିଲେ । ୱେବିନାରୀ ଅଂଶଗ୍ରହଣ କରି ଯୁବ ଚିକିତ୍ସାବିତ୍ ଡକ୍ଟର ସିର୍ଦ୍ଧାର୍ଥ ପଣ୍ଡା ଗୃହ ସଙ୍ଗରୋଧରେ ଥିବା କୋଭିଡ ସଂକ୍ରମିତ ରୋଗୀ ସକାରାତ୍ମକ ଭାବନା ସହ ରହିବା ରଖିବା ବ୍ୟତୀତ ମନଇଚ୍ଛା ବା ଶୁଣାଶୁଣିରେ ଔଷଧ ସେବନ ନ କରି ଚିକିତ୍ସିକଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି କହିଥିଲେ । ଏଥିରେ ଅଧକ୍ଷତା କରି ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀ ଗୃହ ସଙ୍ଗରୋଧରେ ରହିଥିବା କୋଭିଡ ରୋଗୀ ମନସ୍ତାତ୍ତ୍ୱିକ ସ୍ତରରେ ଯେପରି ଆଘାତ ନ ପାଏ, ପରିବାରର ଅନ୍ୟାମାନେ ତା'ଠାରୁ ଦୂରତା ରକ୍ଷା କଲେ ମଧ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଦରକାର ବୋଲି କହିଥିଲେ । ଶତକଡା ୯୦ଭାଗ ରୋଗୀ ସାମାନ୍ୟରୁ ମଧ୍ୟମ ଧରଣର ହୋଇଥିବାରୁ କେହି ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଥିଲେ । କ୍ଷେତ୍ରପ୍ରଚାର ବ୍ୟୁରୋ ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ୱେବିନାରକୁ ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟ ଗଣମାଧ୍ୟମ ଯୋଗାଯୋଗ ଅଧିକାରୀ ଡକ୍ଟର ପ୍ରଦୀପ କୁମାର ଚୌଧୁରୀ ପରିଚାଳନା କରିଥିଲେ । ଏଥିରେ ବକ୍ତାଗଣ ଅଂଶଗ୍ରହଣକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । କ୍ଷେତ୍ର ପ୍ରଚାର ସହାୟକ ଶ୍ରୀ ଜୀବନ କୁମାର ସାମନ୍ତ ସିଂହାର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ବରିଷ୍ଠ ଉପଦେଷ୍ଟା ସଦାନନ୍ଦ ସାହୁଙ୍କ ପରଲୋକ



ଭଦ୍ରକ,୩୧/୦୫ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକର ଜଣେ ବରିଷ୍ଠ ଉପଦେଷ୍ଟା ଓ ସେବକ ସଦାନନ୍ଦ ସାହୁ ବାର୍ଦ୍ଧକ୍ୟ ଜନିତ ଭୁବନେଶ୍ୱର ଠାରେ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ସେ ଜଣେ ସମାଜସେବୀ, ଆଧଡ୍ମିକବାଦୀ, କବି, ଲେଖକ ଭାବେ ବହୁ ଖ୍ୟାତ । ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର ପ୍ରତିଭା ଚିର ଦୀପ୍ତିମନ୍ତ । ସେ ମଧ ବହୁ ସାରସ୍ୱତ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ତାଙ୍କର ବହୁମୁଖୀ ପ୍ରତିଭା ନିମନ୍ତେ ସେ ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ । ସେ ଜଣେ ସରଳ, ମିଷ୍ଟଭାଷୀ, ପରୋପକାରୀ, ମଣିଷ ଥିଲେ । ସେ ଦୀର୍ଘକାଳ ଧରି ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଜଣେ ମାର୍ଗଦର୍ଶକ ତଥା ବରିଷ୍ଠ ଉପଦେଷ୍ଟା ଭାବେ କାର୍ଯ୍ୟ ନିର୍ବାହ କରୁଥିଲେ । ତାଙ୍କ ବିୟୋଗରେ ପ୍ରଚାର ସମିତି ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ସମିତି ପକ୍ଷରୁ ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମା, ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ଶରତ ଚନ୍ଦ୍ର ମହାନ୍ତି, ପଦ୍ମଲୋଚନ ମହାପାତ୍ର, କମଳାକାନ୍ତ ମଲ୍ଲିକ, ଅନ୍ନପୂର୍ଣ୍ଣା ସାହୁ, ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ଦେ ପ୍ରମୁଖ ଶୋକବ୍ୟକ୍ତ କରି ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ଜ୍ଞାପନ କରିଛନ୍ତି ।

## ୨୪ ଘଂଟାରେ ସୁସ୍ଥ ହେଲେ ୧୦୪୦୫ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୩୧/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ ଆଉ ୧୦୪୦୫ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିସହ ରାଜ୍ୟରେ ମୋଟ ସୁସ୍ଥ ସଂଖ୍ୟା ୬ ଲକ୍ଷ ୮୦ ହଜାର ୯୩୨କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୧୪୪୯ ଜଣ ସୁସ୍ଥ ହୋଇଥିବାବେଳେ କଟକ ଜିଲ୍ଲାରେ ୯୫୪ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଅନୁଗୁଳରେ ୯୦୮, ସୁନ୍ଦରଗଡ଼ରେ ୭୦୫, ମୟୂରଭଞ୍ଜରେ ୫୬୪, ଯାଜପୁରରେ ୪୯୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଅନ୍ୟପକ୍ଷରେ ଭଦ୍ରକରେ ୪୮୨, ପୁରୀରେ ୪୭୨, ସମ୍ବଲପୁରରେ ୩୫୪, ବରଗଡ଼ରେ ୩୩୧ ଜଣ ସୁସ୍ଥ ହୋଇଛନ୍ତି । ଜଗତସିଂହପୁରରେ ୩୦୯, କେନ୍ଦ୍ରାପଡ଼ାରେ ୩୦୫, ବଲାଙ୍ଗୀରରେ ୨୭୪, ନବରଂଗପୁରରେ ୨୫୫, କୋରାପୁଟରେ ୨୫୧, ଗଞ୍ଜାମରେ ୨୪୨, ବୌଦ୍ଧରେ ୨୦୦ ଜଣ, ନୟାଗଡରୁ ୧୯୦, ଝାରସୁଗୁଡ଼ାରୁ ୧୮୬ , ବାଲେଶ୍ୱରରୁ ୧୮୧, ରାୟଗଡାରୁ ୧୭୨, ଢେଙ୍କାନାଳରୁ ୧୫୫, କେନ୍ଦୁଝରରୁ ୧୪୯, ସୁବର୍ଣ୍ଣପୁରରୁ ୧୨୩, ଦେବଗଡରୁ ୧୦୬ , ମାଲକାନଗିରିରୁ ୧୦୨, କନ୍ଧମାଳରୁ ୮୨, ଗଜପତିରୁ ୬୮, ନୂଆପଡାରୁ ୫୧ ଜଣ, କଳାହାଣ୍ଡିରୁ ୩୬ ଏବଂ ଷ୍ଟେଟପୁଲ୍‌ରୁ ୨୫୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପିକକ୍ ପକ୍ଷରୁ ବିଶ୍ୱ ତମ୍ବାକୁ ....

ନିମନ୍ତେ ବ୍ୟାପକ ଜନ ସଚତନତା ଦରକାର । ଏହି ସଭାରେ ଯୋଗ ଦେଇ ବିଶିଷ୍ଟ ଚକ୍ଷୁ ରୋଗ ବିଶେଷଜ୍ଞ ଓ ରୋଟାରୀ କ୍ଲବ୍ ୟୁନିକ୍, ଭୁବନେଶ୍ୱରର ଅଧ୍ୟକ୍ଷ ଡାକ୍ତର ସରୋଜ କୁମାର ତ୍ରିପାଠୀ କହିଲେ ତମ୍ବାକୁ ସେବନ ଆମ ଶରୀର ର ସମସ୍ତ ଅଙ୍ଗ କୁ ପ୍ରଭାବିତ କରିଥାଏ ଓ ଶରୀର ଉପରେ ଏହାର ପ୍ରଭାବ ଅତ୍ୟନ୍ତ କ୍ଷତିକାରକ । ଏହା ଆମର ଫୁସଫୁସ୍ କୁ ଦୁର୍ବଳ କରିଦେଇଥାଏ ଓ କୋଭିଡ ମହାମାରୀ ପରି ରୋଗ ର ସମ୍ଭାବନା କୁ ମଧ୍ୟ ବଢାଇ ଥାଏ । ବିଶିଷ୍ଟ ଦାନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସ୍ୱରୂପ ମହାନ୍ତି ତମ୍ବାକୁ ସେବନ ର ଶରୀର ଉପରେ କ୍ଷତିକାରକ ପ୍ରଭାବ କୁ ବୁଝାଇବା ସହିତ କହିଲେ ଯେ ତମ୍ବାକୁ ସେବନ ରୁ ମିଳୁଥିବା ସାମୟିକ ଖୁସି ପାଇଁ ଦୁର୍ଲ୍ଲଭ ଶରୀର କୁ ନଷ୍ଟ କରିବା ଅନୁଚିତ । ଶିକ୍ଷା ଓ ସଚେତନତା ମାଧ୍ୟମରେ ଲୋକଙ୍କ ମଧ୍ୟରେ ମାନସିକ ପରିବର୍ତ୍ତନ ଆଣିବା ସମ୍ଭବ । ପିକକ୍ ଅଧ୍ୟକ୍ଷା ଡଃ ମିନାକ୍ଷୀ ପଣ୍ଡା ତମ୍ବାକୁ ସେବନର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ସମ୍ବନ୍ଧ ବିଶେଷ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରଦିପ କୁମାର ବେହେରା, ସୁକାନ୍ତ ନାୟକ, ଶ୍ରୀମତୀ ଉଷାରାଣୀ ବେହେରା ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ ।

## କେନ୍ଦ୍ର ସହ ବିବାଦ ମଧ୍ୟରେ....

ନୂଆ ବିବାଦ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅଲାପନ ବନ୍ଦୋପଧାୟଙ୍କ ବଦଳି ନିର୍ଦ୍ଦେଶ ଉପରେ ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେଇଥିବା ଚିଠିରେ ମମତା ଲେଖିଛନ୍ତି, ପଶ୍ଚିମବଙ୍ଗ ସରକାର କରୋନା ସଂକ୍ରମଣ ଓ ବାତ୍ୟା ଜନିତ କ୍ଷୟକ୍ଷତି ଭଳି କଠିନ ସମୟରେ ମୁଖ୍ୟ ଶାସନ ସଚିବଙ୍କୁ ଛାଡି ପାରିବ ନାହିଁ, କି ଛାଡୁ ନାହିଁ । ରାଜ୍ୟ ସରକାରଙ୍କ ସହ କୌଣସି ବିଚାର ବିମର୍ଶ ନକରି ଏହି ନିଷ୍ପତି ନିଆଯାଇଥିବାରୁ ଚକିତ ଓ ସ୍ତବ୍ଧ । ପଶ୍ଚିମବଙ୍ଗବାସୀଙ୍କ ସ୍ୱାର୍ଥକୁ ଆଖିରେ ରଖି ବିନମ୍ରତାର ସହ ଅନୁରୋଧ କରୁଛି ମୁଖ୍ୟ ଶାସନ ସଚିବ ଅଲାପନ ବନ୍ଦୋପାଧାଙ୍କୁ ଦିଲ୍ଲୀ ଡାକରା ନିଷ୍ପତିର ପୁର୍ନବିଚାର କରି ରଦ୍ଦ କରନ୍ତୁ ବୋଲି ଚିଠିରେ ଲେଖିଛନ୍ତି ମମତା ବାନାର୍ଜୀ । ମୁଖ୍ୟ ଶାସନ ସଚିବ ଅଲାପନଙ୍କ ମେ ୩୧ରେ ଅବସର ହେବାକୁ ଥିବା ବେଳେ ପୂର୍ବରୁ ତାଙ୍କ କାର୍ଯ୍ୟକାଳ ବଢାଇବାକୁ କେନ୍ଦ୍ରକୁ ଚିଠି ଲେଖିଥିଲେ ମମତା ସରକାର । ଆଉ କେନ୍ଦ୍ରର ଅନୁମୋଦନ ପରେ ଅଲାପନଙ୍କ କାର୍ଯ୍ୟକାଳକୁ ୩ ମାସ ବୃଦ୍ଧି କରାଯାଇଛି । ହେଲେ ବାତ୍ୟା ୟାସର ସ୍ଥିତି ସମୀକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରୁ ଏହି ବିବାଦ ଆରମ୍ଭ ହୋଇଛି । ବାତ୍ୟା ଜନିତ କ୍ଷୟକ୍ଷତିର ସମୀକ୍ଷା ପାଇଁ ମେ ୨୮ରେ ପଶ୍ଚିମବଙ୍ଗ ଯାଇଥିଲେ ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ସହ ଅଧା ଘଂଟା ବିଳମ୍ବରେ ପହଂଚିଥିଲେ ମୁଖ୍ୟ ଶାସନ ସଚିବ ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକକୁ ବିଳମ୍ବରେ ଆସିବା ପରେ କେନ୍ଦ୍ର ଦିଲ୍ଲୀ ଡାକରା ନିର୍ଦ୍ଦେଶ ଜାରି କରିଥିଲା ସୋମବାର ସକାଳ ୧୦ଟା ସୁଦ୍ଧା ଦିଲ୍ଲୀରେ ହାଜର ହେବାକୁ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଅଲାପନ ବନ୍ଦୋପାଧାୟଙ୍କୁ ନୋଟିସ ଦେଇଥିଲେ ମଧ ସେ ଯାଇ ନାହାନ୍ତି । ଦିନ ୧୦ଟା ବେଳେ ହାୱଡାରେ ଏକ କରୋନା ସଂପର୍କିତ ଭର୍ଚୁଆଲ ବୈଠକ କରିଛନ୍ତି ।

## ବାଲେଶ୍ୱର ଜିଲ୍ଲାର ବାତ୍ୟା ପ୍ରଭାବିତ....

ମାଡ଼ିଯାଏ । ବାତ୍ୟା ପରେ ଏବେ ବି ଲୋକମାନେ ଲୁଣି ପାଣି ଘେରରେ ଅଛନ୍ତି । ଅଧିକାଂଶ ହେନ୍ତାଳ ବୃକ୍ଷ କ୍ଷତିଗ୍ରସ୍ତ ହୋଇଛି । ବୁଢ଼ାବଳଙ୍ଗ କୂଳରେ ଘାଇ ଭାଙ୍ଗିଯିବାରୁ ଲୁଣି ପାଣି ମାଡ଼ିଯାଇ ଅନେକ ଚାଷ ନଷ୍ଟ ହୋଇଯାଇଛି । ଗାଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଏହାର ଅଧିକ ପ୍ରଭାବ ଲୋକଙ୍କ ଜୀବନଜୀବିକା ଉପରେ ପଡ଼ିଛି । ଚିଙ୍ଗୁଡ଼ି, ମାଛ ଓ ପନିପରିବା ଚାଷ ଏହି ଅଂଚଳର ଲୋକଙ୍କ ପ୍ରମୁଖ ଜୀବନଜୀବିକା । ବାତ୍ୟା କାରଣରୁ ଅଧିକ ଚିଙ୍ଗୁଡ଼ି ଘେରି ନଷ୍ଟ ହୋଇଯାଇଥିବା ବେଳେ ଚାଷ ମଧ ପ୍ରଭାବିତ ହୋଇଛି । ଏହାର ସିଧା ପ୍ରଭାବ ସ୍ଥାନୀୟ ଅର୍ଥନୀତି ଉପରେ ପଡ଼ିଛି । କିଛି ଅଂଚଳରେ ପିଇବା ପାଣି ସମସ୍ୟା ଦେଖାଯାଇଛି । ସେଠାରେ ଅନେକ ଭୂମିହୀନ ବସବାସ କରୁଛନ୍ତି ଏବଂ ଅନେକ ଲୋକଙ୍କୁ ପଟ୍ଟା ମିଳିଛି କିନ୍ତୁ ଜମି ମିଳିନାହିଁ । ଏହାର ସ୍ଥାୟୀ ପ୍ରତିକାର ହେବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଚାରିଗୋଛିଆ ଗାଁରେ ଭାଙ୍ଗିଥିବା ନଦୀବନ୍ଧ ବୁଲିବା ପରେ ଖୁବଶୀଘ୍ର ନଦୀବନ୍ଧର ମରାମତି କରାଯିବା ସହ କ୍ଷୟକ୍ଷତି ଆକଳନ କରି ପ୍ରଭାବିତ ଅଂଚଳ କିପରି ସ୍ୱାଭାବିକ ହେବ ଏନେଇ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଆକାଶମାର୍ଗରୁ ବାଲେଶ୍ୱର ଅଂଚଳ ପରିଦର୍ଶନ ସହ ସ୍ଥିତି ସମୀକ୍ଷା କରିଛନ୍ତି । ସ୍ଥାୟୀ ଭାବେ ଉପକୂଳବର୍ତ୍ତୀ ଅଂଚଳକୁ କିପରି ଭାବରେ ସୁରକ୍ଷିତ କରାଯାଇପାରିବ ସେଥିପାଇଁ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବିଶେଷ ଭାବରେ ପରିବେଶକୁ ଧ୍ୟାନରେ ରଖି ବିଜ୍ଞାନ ଏବଂ ଟେକ୍ନୋଲୋଜିକୁ ଉପଯୋଗ କରି ଲମ୍ବା ସମୟ ପର୍ଯ୍ୟନ୍ତ ଉପକୂଳ ଅଂଚଳର ଜନବସତି ଏବଂ ଜୀବନଜୀବିକାର ସୁରକ୍ଷା କିପରି ହୋଇପାରିବ ସେ ନେଇ ରାଜ୍ୟ ସରକାର ଆବଶ୍ୟକ ଖସଡ଼ା ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଲେ ଏଥିରେ ଭାରତ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ । ବାଲେଶ୍ୱର ଜିଲ୍ଲାର ବାତ୍ୟା ପ୍ରଭାବିତ ଅଂଚଳରେ ଏ ଯାଏଁ ବିଜୁଳି ଆସିନାହିଁ । ବାତ୍ୟା ଓ ବନ୍ୟାରେ ନିରନ୍ତର ବିଜୁଳି ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯିବା ଦରକାର । ଏହାବ୍ୟତିତ ବାତ୍ୟା ଏବଂ ବନ୍ୟାକୁ ପ୍ରତିକାର ମୂଳକ ପଦକ୍ଷେପ ନେବା ତଥା ଆଶ୍ରୟ ସ୍ଥଳ ଠାରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ମଜବୁତ୍ କରିବାକୁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## କରୋନା କାଳର ଅର୍ଥନୀତି ନେଇ....

ଅର୍ଥନୀତି ଏତେ ତଳକୁ ଖସି ଆସିଛି । କିନ୍ତୁ ଏହି ଖବର ଭିତରେ ଆଶ୍ୱସ୍ତିର ଖବର ହେଉଛି, ଗତ ଆର୍ଥିକ ବର୍ଷରେ ପ୍ରଥମ ତ୍ରୟମାସରେ ଦେଶର ଜିଡିପି ଅଭିବୃଦ୍ଧି ହାର ମାଇନସ୍ ୨୩.୯ ପ୍ରତିଶତକୁ ଖସି ଆସିଥିବାବେଳେ ପୁଣି ଥରେ ଟ୍ରାକକୁ ଫେରୁଛି । ଜିଡିପି ଅଭିବୃଦ୍ଧି ହାର ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଛି । ସରକାରଙ୍କ ରିପୋର୍ଟ ଅନୁସାରେ ଶେଷ ତିନିମାସରେ ବା ଚଳିତ ବର୍ଷର ମାର୍ଚ୍ଚରୁ ମେ ମାସ ମଧ୍ୟରେ ଜିଡିପି ଅଭିବୃଦ୍ଧି ହାର ୧.୬ ପ୍ରତିଶତକୁ ବୃଦ୍ଧି ପାଇଛି । ଏକ ନିର୍ଦ୍ଧିଷ୍ଟ ସମୟ ଭିତରେ ଗୋଟିଏ ଦେଶରେ ଉତ୍ପାଦିତ ହେଉଥିବା ସମସ୍ତ ଦ୍ରବ୍ୟ ଓ ସେବାର ଆର୍ଥିକ ମୂଲ୍ୟକୁ ଜିଡିପି ବୋଲି କୁହାଯାଏ । କୌଣସି ଦେଶର ଜିଡିପିରୁ ଜଣାପଡିଥାଏ ସେହି ଦେଶର ଅର୍ଥନୀତ କେତେ ଆଗଉଛି ।

## ଗୋଟିଏ ଦିନରେ ୮୩୧୩ କରୋନା ....

ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୦୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୫୨ ଜଣ, ବରଗଡ଼ରୁ ୨୭୯ ଜଣ, ଭଦ୍ରକରୁ ୧୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୦୯ , କଟକରୁ ୫୯୩ ଜଣ, ଦେବଗଡ ଜିଲ୍ଲାରୁ ୫୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୦୭ ଜଣ, ଗଜପତି ଜିଲ୍ଲାରୁ ୮୫, ଗଞ୍ଜାମରୁ ୧୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୮୦ ଜଣ, ଯାଜପୁରରୁ ୩୫୪ ଜଣ, ଝାରସୁଗୁଡ଼ାରୁ ୧୧୧ ଜଣ, କଳାହାଣ୍ଡିରୁ ୧୬୨ ଜଣ, କନ୍ଧମାଳ ଜିଲ୍ଲାରୁ ୯୦ ଜଣ. କେନ୍ଦ୍ରାପଡ଼ାରୁ ୩୩୧ ଜଣ, କେନ୍ଦୁଝରରୁ ୧୮୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୯୭୪ ଜଣ, କୋରାପୁଟରୁ ୧୯୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୦୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୫୩୨ ଜଣ, ନବରଙ୍ଗପୁରରୁ ୨୦୫ ଜଣ, ନୟାଗଡ଼ରୁ ୨୮୩ ଜଣ, ନୂଆପଡ଼ାରୁ ୫୩ ଜଣ, ପୁରୀରୁ ୪୦୫ ଜଣ, ରାୟଗଡ଼ାରୁ ୧୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୦୪ ଜଣ, ସୋନପୁରରୁ ୧୨୩ ଜଣ, ସୁନ୍ଦରଗଡ଼ରୁ ୪୬୫ ଜଣ ଓ ଷ୍ଟେଟ୍ ପୁଲରୁ ୧୬୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ବ୍ଲାକ ଫଙ୍ଗସ୍: ଆଇଆଇଟି ହାଇଦ୍ରାବାଦ ....

ଉପରେ ଗତ ୨ ବର୍ଷ ଧରି ପ୍ରଫେସର ସପ୍ତରଷି ମଜୁମଦାର, ଡା.ଚନ୍ଦ୍ର ଶେଖର ଶର୍ମା, ପିଏଚଡି ସ୍କଲାର ମୃଣାଳିନୀ ଗୋଧାନେ ଓ ଆନନ୍ଦିତା ଲୋହା କାମ କରୁଛନ୍ତି । ସଂସ୍ଥାନ ପକ୍ଷରୁ କୁହାଯାଇଛି କି, "ଦୁଇବର୍ଷର ଅଧ୍ୟୟନ ପରେ ଅନୁସନ୍ଧାନକର୍ତ୍ତା ଏହି ଉଦ୍ଭାବନରେ ଶନ୍ତୁଷ୍ଟ ହୋଇଛନ୍ତି" ଏହାସହ ଏହି ଫର୍ମୁଲାକୁ ଏକ ଉଚିତ ଔଷଧ ନିର୍ମାତା କମ୍ପାନୀ ହାତକୁ ଦିଆଯାଉ ବୋଲି ସଂସ୍ଥାନ ତରଫରୁ କୁହାଯାଇଛି ।

## ଜୁନ ୧୭ ପର୍ଯ୍ୟନ୍ତ ମାନବାଧିକାର ଆୟୋଗକୁ ଜନସାଧାରଣଙ୍କ ପ୍ରବେଶ ମନା

ଭୁବନେଶ୍ୱର,୩୧/୦୫ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଓଡ଼ିଶା ମାନବାଧିକାର ଆୟୋଗ କାର୍ଯ୍ୟାଳୟକୁ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି । ଆସନ୍ତା ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ । ଏହି ସମୟ ପର୍ଯ୍ୟନ୍ତ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ କମିଶନ କାର୍ଯ୍ୟ କରିବ । ତେବେ ଅଭିଯୋଗକାରୀଙ୍କ ପଂଜୀକରଣ ଏବଂ ଯାଂଚ କାର୍ଯ୍ୟ ନିୟମିତ ଚାଲୁ ରହିବ । ଏନେଇ କମିଶନଙ୍କ ପକ୍ଷରୁ ସୋମବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ସମୟରେ ଅତିଜରୁରୀ କେଶଗୁଡ଼ିକର ଶୁଣାଣି କରାଯିବ । କାର୍ଯ୍ୟାଳୟ ଇମେଲ କ୍ରୃଷକ୍ଷମଅଭସମ.ସଭ ମାଧମରେ ଅଭିଯୋଗ ପିଟିସନ୍ ଦାଖଲ କରାଯାଇପାରିବ । ଜରୁରୀ ଶୁଣାଣି ପାଇଁ କାର୍ଯ୍ୟାଳୟ ସହକାରୀ ରେଜିଷ୍ଟ୍ରାରଙ୍କୁ ୮୭୬୩୬୪୨୦୮୦ ମୋବାଇଲ ନମ୍ବରରେ ସମ୍ପର୍କ କରାଯାଇପାରିବ । ଅତ୍ୟନ୍ତ ଜରୁରୀ କାର୍ଯ୍ୟ ପାଇଁ ସମ୍ପୃକ୍ତ ପକ୍ଷ ନିଜର ମୋବାଇଲ ନମ୍ବର ଏବଂ ଇ-ମେଲ ଆଇଡି ଦେଇ ଓଡ଼ିଶା ମାନବାଧିକାର ଆୟୋଗ ଅଧକ୍ଷଙ୍କ ଅନୁମତିକ୍ରମେ ଭର୍ଚୁଆଲ ମାଧମରେ ନିଜର ଅଭିଯୋଗ କରିପାରିବେ ।

## ସାମ୍ବାଦିକଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାଭୁକ୍ତ ପାଇଁ ପ୍ରକ୍ରିୟା ଆରମ୍ଭ

ବାଲେଶ୍ୱର,୩୧/୦୫ (ନି.ପ୍ର): ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶ ମତେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ୨୦୨୧-୨୨ ବର୍ଷ ପାଇଁ ତାଲିକାଭୁକ୍ତ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି । ସ୍ଥାନୀୟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶିତ ଖବର ଅନୁଯାୟୀ ଜିଲ୍ଲାରେ କାର୍ଯ୍ୟରତ ଯୋଗ୍ୟ ସାମ୍ବାଦିକମାନେ ଏଥି ନିମନ୍ତେ ଆବେଦନ କରିବାକୁ ସୂଚନା ସହ ଉଦ୍ଦିଷ୍ଟ ଫର୍ମାଟ ହ୍ୱାଟସଆପ ଜରିଆରେ କାର୍ଯ୍ୟାଳୟରୁ ଅବଗତ କରାଯାଇଛି । ଉଲ୍ଲେଖଯୋଗ୍ୟ କି ବିଭାଗୀୟ ମାର୍ଗଦର୍ଶିକା ଅନୁଯାୟୀ ଆକ୍ରିଡିଟେଡ ସାମ୍ବାଦିକ, ସରକାରଙ୍କ ଦ୍ୱାରା ଚିହ୍ନଟ ଓ ଅନୁମୋଦନପ୍ରାପ୍ତ ଖବରକାଗଜ, ସାମୟିକ, ବୈଦ୍ୟୁତିକ ଗଣମାଧ୍ୟମ, ୱେବ ଗଣମାଧ୍ୟମ, ନ୍ୟୁଜ ଏଜେନ୍ସି ଆଦିର କାର୍ଯ୍ୟରତ ସାମ୍ବାଦିକମାନଙ୍କ ନିମନ୍ତେ ଏହି ଯୋଜନା ପ୍ରଣୀତ । ଏହି ଯୋଜନାରେ ତାଲିକାଭୁକ୍ତ ହେବାକୁ ଥିବା ସାମ୍ବାଦିକ ଏବଂ ତାଙ୍କ ଉପରେ ନିର୍ଭରଶୀଳ ସ୍ୱାମୀ ବା ସ୍ତ୍ରୀଙ୍କ ସହ ୨୫ ବର୍ଷରୁ କମ ବୟସର ପୁଅ, ଝିଅ ଏହି ବୀମା ପରିସରଭୁକ୍ତ ହେବେ । ଏଥିପାଇଁ ଆବଶ୍ୟକ କାଗଜାଦି ବା ତଥ୍ୟ ସହ ଉଦ୍ଦିଷ୍ଟ ଫର୍ମ ପୂରଣ କରି ୮.୬.୨୦୨୧ ସୁଦ୍ଧା ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ପ୍ରଦାନ କରିବାକୁ ସୂଚନା ଦିଆଯାଇଛି । ପୂର୍ବ ବର୍ଷ ସ୍ୱାସ୍ଥ୍ୟ ବୀମ କାର୍ଡ଼ ପାଇଥିବା ହିତାଧିକାରୀମାନେ ସାମ୍ବାଦିକ ଭାବେ କାର୍ଯ୍ୟରତ ଥିଲେ ଚଳିତ ବର୍ଷ ପାଇଁ ମଧ୍ୟ ସେମାନଙ୍କୁ ଆବେଦନ କରିବାକୁ ହେବ ।

## ଜିଲ୍ଲାରୁ ଚିହ୍ନଟ ହେଲେ ୧୧୭ କରୋନା ପଜିଟିଭ୍



ଭଦ୍ରକ,୩୧/୦୫ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଚିହ୍ନଟ ହେଲେ ଆଉ ୧୧୭ ନୂଆ କରୋନା ଆକ୍ରାନ୍ତ । ଯାହାଙ୍କୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂକ୍ୟା ହୋଇଛି ୧୬ ହଜାର ୪୯୦ । ସେହିଭଳି ମୋଟ ସୁସ୍ଥ ହୋଇଛନ୍ତି ୧୩ହଜାର ୬୮୦ ଜଣ । ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୨୭୭୭ଜଣ । ଯେଉଁ ନୂତନ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେମାନେ ହେଉଛନ୍ତି ଭଦ୍ରକ ପୌରପାଳିକାର ବରାଳପୋଖରୀ, ନୂଆବଜାର, ସନ୍ଥିଆ, କୁଆଁସ, ଛୋଟାଶଙ୍କରପୁର, ଭୁୟାଁମହଲା, ଗରଦପୁର, ବାଇପାସ୍, ମୋଟେଲ ଛକରୁ ମୋଟ୧୯ଜଣ, ଧାମନଗର ବ୍ଲକର ଇଛଦା, ଭଟସାହି, ଦଳାଙ୍ଗ, ଅସ୍ତକ, କଲ୍ୟାଣୀ,ଖପରପଦା, ଷୋଳଗାଁ ଗ୍ରାମରୁ ମୋଟ ୯ଜଣ, ବାସୁଦେବପୁର ବ୍ଲକର କମାରଗଡ଼ିଆ ଗ୍ରାମରୁ ଜଣେ, ଚାନ୍ଦବାଲି ବ୍ଲକର ଭାଟପଡା, ଜି.ପି.ପୁର, ନୂଆଗାଁ, କୁଆମରା, ଘଣ୍ଟେଶ୍ୱର, ଖେରଙ୍ଗ, ମହୁଲିଆ, ନଳଗୋହିରା, ମତୋ, ମଉସୁଧା, ପାଣ୍ଡିଆସାହିରୁ ମୋଟ ୧୪ଜଣ, ତିହିଡ଼ି ବ୍ଲକର ଭାଯପଡା, ଦୋଳସାହି, ଗୁଆମାଳ, କୋହ୍ଲ, ଆର୍‌ସା, ପାଳିଆ, ତାଳପଦା, ନରସିଂହପୁର ଗ୍ରାମରୁ ୧୨ଜଣ, ବନ୍ତ ବ୍ଲକର ବଡମହିଷିଗୋଠ, ବାଙ୍ଗୋରପଦୀ, ବଇପୁର ଗ୍ରାମରୁ ମୋଟ ୫ଜଣ, ଭଦ୍ରକ ବ୍ଲକର ସିଙ୍ଗଡା, ବନ୍ଧଗାଁ, ବାଣିତିଆ, ଅନନ୍ତପୁର, ମୂଳଗାଁ, ଆରଡିଛକ, ହରିପୁର, କଲେଇ, କାଉପୁର, ଜିତାନଗା, ସାହାଡା ଗ୍ରାମରୁ ୨୨ଜଣ, ଧାମନଗର ଏନ୍‌ଏସିର ଦକ୍ଷିଣିବାଡିରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ, ଦକ୍ଷିଣବାଡ, ନେରଡା, ରହଣିଆ, ବାଲିଗଡ଼ିଆ, ସରସଦା, ତେସିଙ୍ଗା ଗ୍ରାମରୁ ମୋଟ ୧୨ଜଣ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜିଲ୍ଲା ବାଲେଶ୍ୱରର ସିମୁଳିଆ, କେନ୍ଦୁଝରର ହାଟଡିହି, ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅଞ୍ଚଳରୁ ୪ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୧୮ଜଣ ରାଜ୍ୟର ବିଭିନ୍ନ ମେଡିକାଲରେ ଚିକିତ୍ସା ସମୟରେ ପଜିଟିଭ୍ ଭାବେ ଚିହ୍ନଟ ହୋଇଛନ୍ତି ।

## ବାତ୍ୟା ପରେ ଜିଲ୍ଲାରେ ବଢୁଛି କରୋନା ଗ୍ରାଫ
## ଶନିବାର ୬୯୫ ଜଣ ନୂତନ କୋରୋନା ପଜିଟିଭ ଚିହ୍ନଟ




ବାରିପଦା,୩୧/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଲୋକଡାଉନ ଓ ସପ୍ତାହନ୍ତ ସଟଡାଉନ ଚାଲୁ ରହିବା ସତ୍ତ୍ୱେ ଦିନକୁ ଦିନ କରୋନା ତାର କାୟା ବିସ୍ତାର କରିବାରେ ରେକର୍ଡ ସୃଷ୍ଟି କରୁଛି । ବାତ୍ୟା ୟସ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲାରେ ତିନି ଦିନ ପାଇଁ ବନ୍ଦ ଥିଲା ସାର୍ବଜନୀନ କୋଭିଡ ଟେଷ୍ଟ କାର୍ଯ୍ୟକ୍ରମ । ତେବେ ପୁଣି ଥରେ ଟେଷ୍ଟିଙ୍ଗ ଆରମ୍ଭ ହୋଇଥିବା ବେଳେ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଥିବା ଜଣାପଡିଛି । ଜିଲ୍ଲାରୁ ଶନିବାର ସର୍ବକାଳୀନ ସର୍ବାଧିକ ୬୯୫ଜଣ ନୂତନ କୋରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲ୍ଲାରେ ମୋଟ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୭ହଜାର ୫୮୭ରେ ପହଞ୍ଚିଛି । ତେବେ ଜିଲ୍ଲାରୁ ମୋଟ ୨୩ହଜାର ୪୯୭ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୩ହଜାର ୯୯୪ ଜଣ କରୋନା ସଂକ୍ରମିତ ବର୍ତ୍ତମାନ ସକ୍ରିୟ ଥାଇ କୋଭିଡ ହସ୍ପିଟାଲ, କୋଭିଡ କେୟାର ସେଣ୍ଟର ଓ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି । ସରକାରୀ ରିପୋର୍ଟ ଅନୁଯାୟୀ କୋରୋନାରେ ଜିଲ୍ଲାରୁ ମୋଟ ମୃତ୍ୟୁ ସଂଖ୍ୟା ୯୩ଜଣ ୱେବସାଇଟରେ ଦର୍ଶାଯାଇଥିବା ବେଳେ, ସଠିକ ମୃତକଙ୍କ ସଂଖ୍ୟା ପ୍ରସାଶନ ପକ୍ଷରୁ ପ୍ରାଦାନ କରା ଯାଉନଥିବାର ଅଭିଯୋଗ ହେଉଛି । ତେବେ ଓଡିଶା ସରକାର କୋଭିଡ ମୃତ୍ୟୁ ସଂଖ୍ୟା ଜନିତ ସଂଦେହ ଦୂର ପାଇଁ ସ୍ୱତନ୍ତ୍ର ଘୋଷଣା କରିଥିଲେ ମଧ ଜିଲ୍ଲା ପ୍ରସାଶନ ସେଭଳି ତତ୍ପର ଥିବା ମନେ ହେଉନାହିଁ । ତେବେ ସଂକ୍ରମିତଙ୍କ ସଂଖ୍ୟାରେ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସହର ସର୍ବାଗ୍ରେ ରହିଛି । ଜିଲ୍ଲାରେ ଅମାନିଆ ଓ ବାତ୍ୟା ୟାସ ସମୟରେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହିନଥିବା ଫଳରେ କରୋନା ଆକ୍ରାନ୍ତ ବୃଦ୍ଧି ପାଉଥିବା ଆଶଙ୍କା କରାଯାଉଛି । ଆଗାମୀ ଦିନରେ ଅଧିକ ଟେଷ୍ଟିଂ ବୃଦ୍ଧି କଲେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ଆଲୋଚନା ହେଉଛି ।

## ପାରାଦ୍ୱୀପ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଅନ୍‌ଲାଇନ୍ ଜାତୀୟ ସମ୍ମାନ

ପାରାଦ୍ୱୀପ,୩୧/୦୫ (ନି.ପ୍ର): ପାରାଦ୍ୱୀପ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ 'ଏପିଡେମିକସ୍ ଓ ପାଣ୍ଡେମିକସ୍ ଓ ଇତିହାସରୁ ଶିକ୍ଷା' ଶୀର୍ଷକ ଉପରେ ଏକ ଜାତୀୟ ସ୍ତରର ଅନ୍‌ଲାଇନ୍ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି । ଏଥିରେ ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଡଃ ନିଗମାନନ୍ଦ ଦାସ, ଆସାମ ବିଶ୍ୱବିଦ୍ୟାଳୟର ଦଫୁକ୍ୟାମ୍ପସର୍ ସହକାରୀ ପ୍ରଫେସର ଡଃ ବିକାଶ ଚନ୍ଦ୍ର ଦାସ ଓ ମୁଗପାଳ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ସିର୍ଦ୍ଧାର୍ଥ ଶଙ୍କର ରଥ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ପାରାଦ୍ୱୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସୁପ୍ରେମା କାନୁନ୍‌ଗୋ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ । ଇତିହାସ ବିଭାଗ ମୁଖ୍ୟ ଲେଫ୍‌ନାଣ୍ଟ କମାଣ୍ଡର ଅକ୍ଷମ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଇଂରାଜୀ ଅଧାପକ ଗଣେଶ୍ୱର ପାତ୍ର କାଯ୍ୟକ୍ରମର ସଂଯୋଜନା କରିଥିଲେ । ଏଥିରେ ପ୍ରାୟତଃ ୩୦୦ ଜଣ ପଞ୍ଜିକରଣ କରିଥିବାବେଳେ ୧୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ, ଅଧାପକ ଅଧାପିକା ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ । ଶେଷରେ ପାରାଦ୍ୱୀପ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧାପିକା ସଂଘମିତ୍ରା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପାରାଦ୍ୱୀପ ମହାବିଦ୍ୟାଳୟରୁ ବହୁ ଅଧାପକ ଓ ଅଧାପିକା ଉପସ୍ଥିତ ରହି ଅନଲାଇନ୍ ୱେବନାରକୁ ସହଯୋଗ ଓ ସଫଳ କରାଇଥିଲେ ।

# ୪୦ଟି ସ୍ୱତନ୍ତ୍ର ଟ୍ରେନ୍‌ରେ ୨୬୦୦ ଟନ୍ ଅକ୍ସିଜେନ୍ ପରିବହନ କରିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୩୧/୦୫ (ନି.ପ୍ର): କୋଭିଡ଼୍୧୯ ସଂକ୍ରମଣ ଯୋଗୁଁ ସଙ୍କଟାପନ୍ନ ପରିସ୍ଥିତିରେ ପୂର୍ବ ତଟ ରେଳପଥ ରୋଗୀ ମାନଙ୍କ ଜୀବନ ରକ୍ଷା ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ତରଳ ମେଡିକାଲ ଅମ୍ଳଜାନ (ଏଲଏମଓ) ପରିବହନ କରିବା କ୍ଷେତ୍ରରେ ଏକ ଅଗ୍ରଣୀ ରେଳପଥ ହୋଇ ପାରିଛି । ଆଜି ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଥିବା ବିଭିନ୍ନ ଷ୍ଟିଲ ପ୍ଲାଂଟରୁ ଦେଶର ବିଭିନ୍ନ ରାଜ୍ୟକୁ ପ୍ରାୟ ୨୬୦୦.୦୨ ଟନ ତରଳ ମେଡିକାଲ ଅମ୍ଳଜାନ ବିଭିନ୍ନ ରାଜ୍ୟକୁ ପରିବହନ କରି ସାରିଲାଣି । ଭାରତୀୟ ରେଳବାଇ ଦ୍ୱାରା ପ୍ରଥମ ଅମ୍ଳଜାନ ଏକ୍ସପ୍ରେସ ଚଳାଚଳ ରାଷ୍ଟ୍ରିୟ ଇସ୍ପାତ ନିଗମ ଲିମିଟେଡ୍, ବିଶାଖାପାଟନମ୍ ରୁ ମହାରାଷ୍ଟ୍ର ର ନାସିକକୁ ଅମ୍ଳଜାନ ପରିବହନ କରାଯାଇଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ନିଜ ପରିସୀମା ମଧ୍ୟରୁ ୪୦ ଟି ଅମ୍ଳଜାନ ଏକ୍ସପ୍ରେସ ସ୍ପେଶାଲ ଟ୍ରେନ୍ ଦ୍ୱାରା ୧୬୨ କଂଟେନର ରେ ଏଲଏମଓ ଧାରଣ କରି ଏହାର ପରିସୀମା ମଧ୍ୟରୁ ଦେଶର ବିଭିନ୍ନ ରାଜ୍ୟକୁ ପରିବହନ କରାଯାଇଅଛି । ଦୁର୍ଗାପୁର, ଟାଟାନଗର, ଏବଂ ରାଉରକେଲା ରୁ ସିକନ୍ଦରାବାଦ, ଚେନ୍ନାଇ ଏବଂ ବାଙ୍ଗାଲୋର ଅଭିମୁଖେ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ତରଳ ମେଡିକାଲ ଅକ୍ସିଜେନ ଏକ୍ସପ୍ରେସ ଯାତାୟାତ କରୁଅଛି ଏବଂ ଏହାର ଚଳାଚଳ ପାଇଁ ପ୍ରାଥମିକତା ଦିଆଯାଉଅଛି । ଦିଲ୍ଲୀ ଏବଂ ହରିୟାଣାକୁ ୧୯ ଅମ୍ଳଜାନ ଏକ୍ସପ୍ରେସ ଟ୍ରେନରେ ୬୩ ଟି କଂଟେନର ମାଧ୍ୟମରେ ପ୍ରାୟ ୧୦୧୦.୦୯ ଟନ୍ ଅକ୍ସିଜେନ ପରିବହନ କରାଯାଇଛି । ଏହା ବ୍ୟତୀତ ମହାରାଷ୍ଟ୍ର, ତେଲେଙ୍ଗାନା, କେରଳ, ତାମିଲନାଡୁ ଏବଂ କର୍ଣ୍ଣାଟକ ରାଜ୍ୟକୁ ମଧ୍ୟ ଅମ୍ଳଜାନ ପଠାଯାଇଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ମହାରାଷ୍ଟ୍ରକୁ ୫୪୫.୩୧ ଟନ୍, କେରଳକୁ ୧୧୭.୯ ଟନ୍, ତେଲେଙ୍ଗାନାକୁ ୬୮୫.୭ ଟନ୍, ତାମିଲନାଡୁ ୧୨୦ ଟନ୍ ଏବଂ କର୍ଣ୍ଣାଟକକୁ ୧୨୦.୯୮ ଟନ୍ ପରିବହନ କରିଛି । ବିଭିନ୍ନ ରାଜ୍ୟକୁ ଯାଉଥିବା ସମସ୍ତ ଅମ୍ଳଜାନ ଏକ୍ସପ୍ରେସ ସ୍ପେଶାଲ ଟ୍ରେନରେ କର୍ମଚାରୀ ମାନଙ୍କ ସହିତ ସହାୟକ ସଦସ୍ୟଙ୍କ ପାଇଁ ଖାଦ୍ୟ ପ୍ୟାକେଟ ଏବଂ ପାଣି ବୋତଲ ଯୋଗାଉଛି ।

## ଆଜିଠାରୁ ୩ ଜିଲ୍ଲାରେ ଖୋଲିବ ଗାଡ଼ି ଶୋରୁମ୍

ଭୁବନେଶ୍ୱର,୩୧/୦୫ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର)ଠାରୁ ଲକ୍ ଡାଉନ୍ କଟକଣା କୋହଳ ହୋଇଥିବା ୩ ଜିଲ୍ଲାରେ ଗାଡ଼ି ଶୋରୁମ ଖୋଲିବ। ଏଥିସହ ଗାଡି ପଞ୍ଜୀକରଣକୁ ମଧ୍ୟ ଅନୁମତି ମିଳିଛି। ସୁନ୍ଦରଗଡ଼, ନୂଆପଡ଼ା ଓ ଗଜପତି ଜିଲ୍ଲାରେ ସୋମବାର ଠାରୁ ଶୁକ୍ରବାର ସକାଳ ୭ ଟାରୁ ଦିନ ୧ ଟା ପର୍ଯ୍ୟନ୍ତ ଗାଡ଼ି ଶୋରୁମ ଖୋଲିବ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ଟ୍ୱିଟ୍ କରି ଏହି ସୂଚନା ଦେଇଛି। ସେହିପରି ଏସଟିଏ ସୁନ୍ଦରଗଡ, ରାଉରକେଲା , ନୂଆପଡା ଓ ଗଜପତି ଆରଟିଓ ମାନଙ୍କୁ ଜୁନ୍ ୧ ତାରିଖରୁ ଗାଡି ପଂଜୀକରଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗତକାଲି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ରାଜ୍ୟରେ ଜୁନ୍ ୧୭ ପର୍ଯ୍ୟନ୍ତ ଲକ୍ ଡାଉନ୍ ବୃଦ୍ଧି ନେଇ ଘୋଷଣା କରିଥିଲେ। ଏଥିସହ ସଂକ୍ରମଣ କମୁଥିବା ସୁନ୍ଦରଗଡ଼, ନୂଆପଡ଼ା ଓ ଗଜପତି ଜିଲ୍ଲାରେ ସକାଳ ୭ଟାରୁ ୧ ଟା ପର୍ଯ୍ୟନ୍ତ କଟକଣା କୋହଳ ହେବ ବୋଲି କହିଥିଲେ । ଏହି ଜିଲ୍ଲା ଗୁଡିକରେ ମଲ୍, ମାର୍କେଟ୍ କମ୍ପ୍ଲେକ୍ସ ,ସ୍ପା, ସେଲୁନ୍ , ବିଉଟି ପାର୍ଲର, ସାପ୍ତାହିକ ହାଟ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ଖୋଲାରହିବ।

## ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପାଇଁ ଜେନେରେଟର ଦାନ

ଭୁବନେଶ୍ୱର,୩୧/୦୫ (ନି.ପ୍ର): କରୋନା ଯୋଗୁଁ ଲକ୍ ଡାଉନ୍ ଚାଲିଥିବାବେଳେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଚାଲୁରହିଛି । ଚନ୍ଦନଯାତ୍ରାବେଳେ ଡ଼ଙ୍ଗାରେ ଲାଗିଥିବା ଜେନେରେଟର ଖରାପ ଯୋଗୁଁ ଠାକୁର ଦୁଇ ଦିନ ଚାପ ଡ଼ଙ୍ଗା ଅନ୍ଧାର ରହିଥିଲା। ଏହା ଜାଣିବା ପରେ ପୁରୁଣା ଭୁବନେଶ୍ୱରର ସମାଜସେବୀ ଆଦିତ୍ୟ ମହାପାତ୍ର ଏକ ଶବ୍ଦ ବିହିନ ଜେନେରେଟର ମନ୍ଦିର ପ୍ରଶାସନକୁ ଦାନ କରିଥିଲେ। ଏବେ ଚାପ ଡ଼ଙ୍ଗାରେ ବିଦ୍ୟୁତ୍ ସଂଯୋଗ ହୋଇ ଚନ୍ଦନଯାତ୍ରା ହେଉଥିବାରୁ ସେବାୟତ ସାଧାରଣ ବ୍ୟକ୍ତି ଆଦିତ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## 'ମୋନା' ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ




ବାଲେଶ୍ୱର,୩୧/୦୫ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ-୨୦୨୧ ସୋମବାର ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ କୋଭିଡ଼୍ ନିୟମ ଭିତ୍ତିରେ ପାଳିତ ହୋଇଯାଇଛି। ମୋନାର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଗଠନର ଉପଦେଷ୍ଟା ସୁବ୍ରତ କର ଏଥିରେ ଯୋଗଦେଇ ତମାଖୁ ସେବନର ଅପକାରିତା ଆଲୋଚନା ସହ ସମଗ୍ର ଦେଶରେ ଓଡ଼ିଶା ତମାଖୁ ସେବନରେ ଦ୍ୱିତୀୟ ସ୍ଥାନରେ ରହିଛି ବୋଲି ସେ କହିଥିଲେ। ତମାଖୁ ସେବନ ରୋକିବାକୁ ପାଇଁ ସରକାର ବିଭିନ୍ନ ଦଣ୍ଡବିଧି ଲାଗୁ କରିଥିଲେ ମଧ ସଚେତନତା ଅଭାବରୁ ଜନସାଧାରଣ କେବଳ ନିଜର କ୍ଷତି କରିଚାଲିଛନ୍ତି ବୋଲି ସେ ମତ ଦେଇଥିଲେ। ଭାରତରେ ପ୍ରାୟ ୭୩ ଭାଗ ଲୋକ ତମାଖୁ ଦ୍ୱାରା କବଳିତ ହେବା ଅତ୍ୟନ୍ତ ଦୁଃଖଦ ବିଷୟ ବୋଲି ଉପ-ସଭାପତି କ୍ଷୀତିଶ୍ୱର ଦାଶ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେଣୁଧର ସାହୁ, ଗୀତାଞ୍ଜଳି ସିଂହ, କମଳାକାନ୍ତ ଦାଶ ପ୍ରମୁଖ ମୋନାର ସଦସ୍ୟ ଓ ସଦସ୍ୟା ଏହି ବୈଠକରେ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ। ଯୋଗେଶ ପ୍ରଧାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ବଳିଅଠା ସେବା ସମବାୟ ସମିତିରେ ଚାବି ପକାଇଲେ ଚାଷୀ



ଜଳେଶ୍ୱର,୩୧/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ଥିବା ୧୯ଟି ସମବାୟ ସମିତି ଚାଷୀଙ୍କ ଠାରୁ ସିଧାସଳଖ ସହାୟକ ମୂଲ୍ୟରେ ଧାନ କିଣିଥାଏ । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମେ ମାସ ୧୦ତାରିଖରୁ ଧାନ କ୍ରୟ ଲାଗି ନିର୍ଦ୍ଦେଶ ଥିବା ବେଳେ ପ୍ରାୟ ବ୍ଲକର ସମସ୍ତ ସେବାସମବାୟ ସମିତି ୧୫ ତାରିଖ ପରଠାରୁ ଧାନକିଣା ଆରମ୍ଭ କରିଛନ୍ତି । ଆମ୍ବଳିଅଠା ସେବା ସମବାୟ ସମିତିରେ ଗତ ୧୭ ତାରିଖରୁ ଧାନ କିଣାଯାଉଥିବାର ସମ୍ପାଦକ ଦେବାଶିଷ ପାତ୍ର ସୂଚନା ଦେଇଛନ୍ତି । ୧୫ ତାରିଖରେ ଟୋକନ ପାଇଥିବା ୩୧ ଜଣ ଚାଷୀଙ୍କ ଟୋକନ୍ ସରକାରଙ୍କ ପକ୍ଷରୁ ଲେପ୍‌ସ ହୋଇଯାଇଥିବାରୁ ସେମାନେ ଧାନ ବିକ୍ରି କରିପାରୁ ନାହାନ୍ତି । ଏହାର ପ୍ରତିବାଦରେ ରବିବାର ମଧ୍ୟାହ୍ନରେ ବହୁ ଚାଷୀ ମଣ୍ଡି ନିକଟରେ ଏକତ୍ରିତ ହୋଇ ଧାନ ଗୋଦାମ୍‌କୁ ଚାବି ପକାଇ ସିଏସ୍‌ଓ, ଏମ୍‌ଆଇ, ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ଆଜି ଅପରାହ୍ନରେ ଚାଷୀ କମିଟିର ଏକ ବୈଠକ ଆୟୋଜନ କରାଯାଇ ସମ୍ପାଦକଙ୍କ ଅନିୟମିତତା ସମ୍ପର୍କରେ ଆଲୋଚନା ହୋଇଥିଲା । ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟାଳୟକୁ ତାଲା ପକାଇ ବନ୍ଦ କରି ଅଚଳ କରିବାର ନିଷ୍ପତ୍ତି ହୋଇଥିଲା । ଏଥିରେ ଶହ ଶହ ଚାଷୀ ଏକତ୍ରୀତ ହୋଇ ଉତ୍‌କ୍ଷିପ୍ତ ହୋଇ ଅଫିସ୍ ଗୃହକୁ ସମ୍ପାଦକଙ୍କ ସାମ୍ନାରେ ତାଲା ପକାଇଥିଲେ। ଫଳରେ ଏଥିରେ ଥିବା ବ୍ୟାଙ୍କ ସେବା ପ୍ରଭାବିତ ହୋଇଥିଲା । ଏ ସମ୍ପର୍କରେ ଜିଲାପାଳ, ବିଧାୟକ, ବିଡ଼ିଓ ଓ ଆର୍‌ଏମ୍‌ସିଙ୍କୁ ଅବଗତ କରାଯାଇଛି । ଆଜିର ଏହି ଧର୍ମଘଟରେ ପୂର୍ବତନ ସଭାପତି ଅଶୋକ ଜେନା, ଗୋପବଂଧୁ ଜେନା, ସୁବିର ଜେନା, ହରିନାରାୟଣ ସେନାପତି, ସୁନିଲ ଜେନା, ରାଜେଶ ଜେନା, ବିଶ୍ୱତୋଷ ଜେନା, ସନ୍ତୋଷ କର, ସୁଜୟ ଦେ, ଅକ୍ଷୟ ସେନାପତି, ରଜନୀ କର, ରବିନ୍ଦ୍ର ପ୍ରଧାନ, ତନୁଜ କରା, ଦେବେନ୍ଦ୍ର ଜେନା ପ୍ରମୁଖ ବହୁ ଚାଷୀ ଯୋଗ ଦେଇଥିଲେ ।

# ଦିନକରେ ୪୫୨ ନୂଆ କରୋନା ସଂକ୍ରମିତ

ବାଲେଶ୍ୱର,୩୧/୦୫ (ନି.ପ୍ର): ବାତ୍ୟା ପରେ କ୍ରମଶଃ ବଢ଼ି ଚାଲିଛି ବାଲେଶ୍ୱର ଜିଲାର କରୋନା ସଂକ୍ରମଣ। ରାଜ୍ୟ ସୂଚନା ଲୋକ ସମ୍ପର୍କ ବିଭାଗ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାରେ ୪୫୨ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରୁ ୫ଜଣ, ସହରର ଶ୍ରୀକଣ୍ଠପୁରରୁ ୪, ତେଲେଙ୍ଗାସହିରୁ ୩, ଗୋପାଳଗାଁରୁ ୩, ଅଙ୍ଗାରଗଡିଆରୁ ୩, ଭାସ୍କରଗଞ୍ଜରୁ ୨, ଦେଓ୍ୱାନପାଟଣାରୁ ୨, ବାରବାଟୀରୁ ୨, ମୀର୍ଜାପୋଖରୀରୁ ୨, ସହଦେବଖୁଣ୍ଟାରୁ ୨, ନେଳିଆବାଗରୁ ୨ଜଣ, ସୁନହଟରୁ ୨ଜଣଙ୍କ ସମେତ ଆଜିମାବାଦ, ଚିଡ଼ିଆପୋଲ, ପୁଲବଜାର, ଗୁଡ଼ିପଦା, ମାନସିଂବଜାର, ଖପରାପଦା, ପୁଲିସ ଲାଇନ, ମୋତିଗଞ୍ଜ, ସୁଏଲପୁର ଓ ୟୁକୋ ବ୍ୟାଙ୍କରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ବାଲେଶ୍ୱର ପୌରାଞ୍ଚଳରେ ମୋଟ ୪୨ ଜଣ ଚିହ୍ନଟ ହୋଇଛନ୍ତି। ସେହିଭଳି ସଦର ବ୍ଲକରୁ ୩୯ ଜଣ, ରେମୁଣାରୁ ୮୧, ବାହାନଗାରୁ ୧୧, ବାଲିଆପାଳରୁ ୨୧, ବସ୍ତାରୁ ୯୩, ଭୋଗରାଇରୁ ୨୭, ଜଳେଶ୍ୱରରୁ ୨, ଖଇରାରୁ ୩, ନୀଳଗିରିରୁ ୪୦, ଔପଦାରୁ ୨, ସିମୁଳିଆରୁ ୩ ଜଣ ଓ ସୋର ବ୍ଲକରୁ ୮୮ ଜଣଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି । ଚିହ୍ନଟ ସମସ୍ତ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅଦ୍ୟାବଧି ଜିଲାରେ ମୋଟ ୨୪,୪୬୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦିନକରେ ୧୮୧ ଜଣ ସୁସ୍ଥ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ମୋଟ୨୧,୧୦୪ ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି। ଏବେ ୩,୨୪୮ ଜଣ ସକ୍ରିୟ ସଂକ୍ରମିତଙ୍କ ମଧ୍ୟରୁ ୨,୯୪୩ ଜଣ ଗୃହ ସଙ୍ଗରୋଧରେ ଏବଂ ୩୦୫ଜଣ ଜିଲାର ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ଆଜି ସୁଦ୍ଧା ଜିଲାରେ ୧୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି।

## ନବରଙ୍ଗପୁର ଓ ଜୟପୁରରେ କରୋନା ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୩୧/୦୫ (ନି.ପ୍ର): ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନବରଙ୍ଗପୁର ଓ ଜୟପୁର ଗସ୍ତ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ସେମାନେ ଏକ ସ୍ୱତନ୍ତ୍ର ହେଲିପକ୍ଟରରେ ପ୍ରଥମେ ନବରଙ୍ଗପୁର ଗସ୍ତ କରିଛନ୍ତି । ଜିଲ୍ଲାରେ କରୋନା ସ୍ଥିତିନେଇ ସର୍କିଟ ହାଉସରେ ଏକ ବୈଠକ କରିଛନ୍ତି। ଏଠାରେ ନବରଙ୍ଗପୁର ଜିଲ୍ଲାପାଳ, ଏସପି ଏବଂ ନବରଙ୍ଗପୁର ସିଡିଏମଓ ଙ୍କ ସହ ଆଲୋଚନା କରିଥିଲେ। ପରେ ଉଭୟେ ନବରଙ୍ଗପୁର କୋଭିଡ ହସ୍ପିଟାଲ ଯାଇ ସ୍ଥିତି ଦେଖିଥିଲେ। ନବରଙ୍ଗପୁର ଜିଲ୍ଲାରେ ଖୁବ ଶୀଘ୍ର ୬ଶହ ନମୁନା ପରୀକ୍ଷା କରିବା ସହ ଦୁଇମାସ ଭିତରେ ଅକ୍ସିଜେନ୍ ପ୍ଲାଂଟ କରିବାକୁ ଯୋଜନା ରହିଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି । ଏହାପରେ ଦୁଇ ଅଧିକାରୀ ଜୟପୁର ଗସ୍ତ କରିଛନ୍ତି। ଏଠାରେ ମଧ କୋଭିଡ ସ୍ଥିତି ନେଇ ସମୀକ୍ଷା କରିବା କୋଭିଡ ହସ୍ପିଟାଲରେ ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିଛନ୍ତି।

## ପୌରପାଳିକାର ୨୪ନଂ ଓ୍ୱାର୍ଡ଼ ବାତ୍ୟା ପୀଡ଼ିତଙ୍କୁ ସହାୟତା

ବାଲେଶ୍ୱର,୩୧/୦୫ (ନି.ପ୍ର): ସାମୁଦ୍ରିକ ବାତ୍ୟା ୟସ ପ୍ରଭାବିତଙ୍କ ପାଇଁ ବାଲେଶ୍ୱରରେ ରଲିଫ ପ୍ରଦାନ କାର୍ଯ୍ୟ ଏବେ ଜୋରଦାର ହୋଇଛି। ଜିଲା ପ୍ରଶାସନ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ରାଜନୈତିକ ଦଳଙ୍କ ପକ୍ଷରୁ ବାତ୍ୟା ଦୁର୍ଗତଙ୍କୁ ଦିଆଯାଉଛି ରିଲିଫ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ମୋ ପରିବାର ପକ୍ଷରୁ ମଧ ବାତ୍ୟା ପୀଡିତଙ୍କୁ ସହାୟତା ପ୍ରଦାନ ଆରମ୍ଭ ହୋଇଛି । ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୨୪ନଂ ଓ୍ୱାର୍ଡ଼ରେ ବାତ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି। ପୂର୍ବତନ କାଉନସିଲର ତଥା ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା ମୀନା ମହାନ୍ତି ଏହି ରଲିଫ ପ୍ରଦାନ କାର୍ଯ୍ୟକୁ ପରିଚାଳନା କରିବା ସହିତ ବାତ୍ୟା ପ୍ରଭାବିତଙ୍କ ଆଶା ପୂରଣ କରିବାରେ ବିଜୁ ଜନତା ଦଳ ସକ୍ଷମ ହୋଇପାରିଛି ବୋଲି କହିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ସମାଜସେବୀ ସୁବାସିନୀ ଜେନା ଏଥିରେ ଯୋଗ ଦେଇ ବାତ୍ୟା ପୀଡ଼ିତଙ୍କୁ ପଲିଥିନ, ପାନୀୟ ଜଳ ଓ ରାସନ ସାମଗ୍ରୀ ଆଦି ପ୍ରଦାନ କରିଥିଲେ । ପର୍ଯ୍ୟାୟକ୍ରମେ ସମସ୍ତ ପ୍ରଭାବିତ ଅଂଚଳରେ ରିଲିଫ ସାମଗ୍ରୀ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଜନସାଧାରଣ କୋଭିଡ ନିୟମ ମାନି ଶାନ୍ତି ଶୃଙ୍ଖଳା ରକ୍ଷା ସହ ସହଯୋଗ କରିବାକୁ ବିଧାୟକ ଶ୍ରୀ ଦାସ ଏବଂ ସମାଜସେବୀ ଶ୍ରୀମତୀ ଜେନା ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ରାଉତ, ସୁବୋଧ ମହାନ୍ତି, ମୀନତି ସେଠୀ, ଅନୀଲ ମହାରଣା ପ୍ରମୁଖ ରଲିଫ ପ୍ରଦାନ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ଗ୍ରନ୍ଥାଗାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭଦ୍ରକ,୩୧।୫: ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଗ୍ରନ୍ଥାଗାରିକ ଶେକ୍ ମୋଇନ ଆଜି ତାଙ୍କ ଚାକିରି ଜୀବନରୁ ସେବା ନିବୃତ୍ତ ହୋଇଛନ୍ତି। ଏଥି ନିମନ୍ତେ ତାଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଶେକ ମୋଇନ ୧୯୮୯ ମସିହାରେ ଯାଜପୁର ଜିଲ୍ଲାରୁ ତାଙ୍କ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ସେ ବରଗଡ, ମୟୁରଭଂଜରେ ଚାକିରି କରି ୨୦୧୧ ମସିହାରୁ ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ତାଙ୍କ ଅମାୟିକ ବ୍ୟବହାର, କାର୍ଯ୍ୟ ଦକ୍ଷତା, ସମୟାନୁବର୍ତ୍ତିତା ପାଇଁ ସେ କାର୍ଯ୍ୟାଳୟର ସମସ୍ତଙ୍କ ପ୍ରିୟ ହୋଇଥିବା ବେଳେ କାର୍ଯ୍ୟାଳୟକୁ ଆସୁଥିବା ସମସ୍ତ ପାଠକଙ୍କ ପ୍ରିୟଭାଜନ ହୋଇଥିଲେ। ଆଜି କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, କର୍ମଚାରୀ ତାପସ ନାୟକ, ମୀନାକ୍ଷି ଗରାବଡୁ, ସୁକାନ୍ତ ସାହୁ, ସୁରେଶ ତ୍ରିପାଠୀ, ଅଜୟ ନାୟକ, ସନ୍ତୋଷ, ରଙ୍ଗାଧର ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

## ୨୪ ଘଣ୍ଟାରେ ୩୦ ଜାହାଜ ପରିଚ୍ଚଳନା କରି ପୁନର୍ବାର କିର୍ତ୍ତୀମାନ ସ୍ଥାପନ କଲା ପାରାଦ୍ୱୀପ ବନ୍ଦର

ପାରାଦ୍ୱୀପ,୩୧/୦୫ (ନି.ପ୍ର): ପାରାଦ୍ୱୀପ ବନ୍ଦର ର ସାମୁଦ୍ରିକ ବିଭାଗ (ମେରାଇନ୍ ବିଭାଗ) ବନ୍ଦରରେ ଜାହାଜ ଓ ପଣ୍ୟ କାରବାର ପରିଚ୍ଚଳନା ଏକ ପ୍ରମୁଖ ଭୂମୀକା ଗ୍ରହଣ କରିଥାଏ । କରୋନା ମହାମାରୀ ସମୟରେ କୋଭିଡ୍-୧୯ କଟକଣା ଓ ଗାଇଡ୍‌ଲାଇନ୍ ଅନୁସରଣ କରି ପାରାଦ୍ୱୀପ ବନ୍ଦର ତାର ପଣ୍ୟ କାରବାର ଓ ଜାହାଜ ଚଳାଚଳ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି । ତେବେ ଗତ ୨୬ ତାରିଖ ବାତ୍ୟା ୟାସ ର ୩ ଦିନ ପରେ ଅର୍ଥାତ ମେ ୨୯ ରୁ ୩୦ ତାରିଖ ୨୪ ଘଣ୍ଟା ମଧ୍ୟରେ ୩୦ ଜାହାଜ ପରିଚ୍ଚଳନା କରି ପାରାଦ୍ୱୀପ ବନ୍ଦର କିର୍ତ୍ତୀମାନ ସ୍ଥାପନ କରିଛି । ସୂଚାନ ଥାଉକି ୨୦୧୯ ମେ ମାସ ୨୭ ତାରିଖରେ ପ୍ରଥମ ଥର ଲାଗି ପାରାଦ୍ୱୀପ ବନ୍ଦର ଦ୍ୱାରା ଏହି କିର୍ତ୍ତୀମାନ ସ୍ଥାପନ ହୋଇଥିଲା ।

## ନିଆରା ଢଙ୍ଗରେ ପାଳନ କଲା ଷଷ୍ଠତମ ଜନ୍ମଦିବସ 'ଉତ୍ର'



ବ୍ୟାସନଗର,୩୧/୦୫ (ନି.ପ୍ର): ମହାମାରୀ କରୋନାର ଦ୍ୱିତୀୟ ଲହର ସାରାଓଡିଶାରେ ଦ୍ରୁତଗତିରେ ଅଗ୍ରଗତି କରୁଥିବା ସମୟରେ ଲକ୍‌ଡାଉନ୍ ଓ ସପ୍ତାହନ୍ତ ସଟ୍‌ଡାଉନ୍ ବେଳେ ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉତ୍ର' ଚାରିଟେବୁଲ୍ ଟ୍ରଷ୍ଟର ଷଷ୍ଠତମ ଜନ୍ମଦିବସ ପାଳନ ଅବସରରେ 'ଉତ୍ର'ରଉପଦେଷ୍ଟା ତଥା 'ମୋ କଲେଜ' ଅଧ୍ୟକ୍ଷ ଶ୍ରୀ ଆକାଶ ଦାସ ନାୟକ ବ୍ୟାସନଗର ପୌର ପରିଷଦର ଗାନ୍ଧିନଗର କୁଷ୍ଠାଶ୍ରମରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "କ୍ଲବ୍ ଦ' ୟୁଥ୍ ମାସ୍"ସହଯୋଗରେ ଏହି କୁଷ୍ଠାଶ୍ରମର ସମସ୍ତ ପରିବାରକୁ ଶୁଖିଲାଖାଦ୍ୟ, ସାନିଟାଇଜର ଓ ମାସ୍କ ବଂଟନ କରିବାସହ ସେହି ଲୋକମାନଙ୍କୁ କରୋନା ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ସଚେତନତା କରିଥିଲେ । କରୋନା ମହାମାରୀ ସମୟରେ ଯେଉଁମାନେ ଜୀବିକା ହରାଇଛନ୍ତି ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ଉତ୍ର ତରଫରୁ ଏହା ଏକ ଛୋଟ ପ୍ରୟାସ । ଏହି କାର୍ଯ୍ୟକ୍ରମରେ "କ୍ଲବ୍ ଦ' ୟୁଥ୍ ମାସ୍"ର ସଂପାଦକ ରାଜେଶ ରାଉତ (ଟିକିନା), ସଭାପତି ପ୍ରକାଶ ଜେନା, ସନ୍ତୋଷ ରାଉତ, ଅଜିତ୍ ପରିଡା, ସତ୍ୟଜିତ୍ ପାତ୍ର, ଚନ୍ଦନ ପରିଡା, ଧନଞ୍ଜୟ ବେହେରା, ତବିନ୍ ସାମଲ ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଖୁସିବାଂଟିଲେ ଖୁସି ବଢେ ବୋଲି ଉପଦେଷ୍ଟା ଶ୍ରୀ ଦାସନାୟକ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ଉତ୍ର ପରିବାରର ସମସ୍ତକର୍ମକର୍ତ୍ତା ଉପସ୍ଥିତ ଥିଲେ । ଉତ୍ରର ଜନ୍ମଦିନ ଉପଲକ୍ଷେ ଆଜି ଓଡିଶାର ଭୁବନେଶ୍ୱର, କଟକ, ପୁରୀ, ବାଲେଶ୍ୱର, ବରହମ୍‌ପୁର ଆଦି ସ୍ଥାନମାନଙ୍କରେ ଶୁଖିଲାଖାଦ୍ୟ ଓ ସାନିଟାଇଜର ବଂଟନ କରାଯାଇଛି ।

## ବାତ୍ୟାଞ୍ଚଳ ବାସ୍ତବ ସ୍ଥିତିକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉଦ୍‌ବେଗ

# ଦୁର୍ଗତଙ୍କୁ ତୁରନ୍ତ ଆବଶ୍ୟକ ସେବା ପ୍ରଦାନ ପାଇଁ ପ୍ରଶାସନକୁ ପରାମର୍ଶ



ବାଲେଶ୍ୱର,୩୧/୦୫ (ନି.ପ୍ର): ବାତ୍ୟା ୟସର ପ୍ରଭାବରେ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକେ କେମିତି ଅଛନ୍ତି, ସେମାନଙ୍କୁ ଅତି ନିକଟରୁ ଦେଖିଥିବା ଲୋକେ ହିଁ କହିପାରିବ। ଏବେ ମଧ୍ୟ ବାତ୍ୟା ଦୁର୍ଗତ ଅଞ୍ଚଳର ଲୋକେ ଲୋକେ ଭୟଭୀତ ଅବସ୍ଥାରେ ଥିବା ବେଳେ ସେମାନଙ୍କୁ ଉଚିତ ସାହାଯ୍ୟ ସହଯୋଗ ମିଳିପାରି ପାରିନାହିଁ ବୋଲି ଆରୋପ ଉଠାଇଛନ୍ତି କେନ୍ଦ୍ର ଏମଏସଏମଇ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଷଡ଼ଙ୍ଗୀ ଜିଲାରେ ବାତ୍ୟା ପ୍ରପୀଡ଼ିତ ଲୋକଙ୍କ ଅବସ୍ଥା ଓ ବିଭିନ୍ନ ସମସ୍ୟା ଏବଂ ମନ୍ଥର ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ଇତିମଧ୍ୟରେ ସେ ବାଲେଶ୍ୱର ଜିଲାର ଏକାଧିକ ବ୍ଲକର ବିଭିନ୍ନ ବାତ୍ୟାଞ୍ଚଳ ପରିଦର୍ଶନ କରିବା ସହ ସେ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। କେଉଁଠି ଲୋକେ ଲୁଣାପାଣି ଘେରରେ ଅଛନ୍ତି ତ କେଉଁଠି ପିଇବା ପାଣି ଟୋପାଏ ପାଇଁ ତହଳ ବିକଳ ହେଉଛନ୍ତି। ସ୍ୱାଭାବିକ ଅବସ୍ଥା ଫେରିବା ପାଇଁ ଆହୁରି ଅନେକ ଦିନ ଲାଗିବ ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଆଶଙ୍କା ପ୍ରକଟ କରିଛନ୍ତି। ତେବେ ବୁଢ଼ାବଳଙ୍ଗ ନଦୀର ଦୁର୍ବଳ ବନ୍ଧ ଯୋଗୁଁ ଶ୍ରୀକୋଣା ପଞ୍ଚାୟତର ଚାରିଗଛିଆ ଅଞ୍ଚଳର ଅଧିକ କ୍ଷତି କରିଥିବା ସେ କହିଛନ୍ତି। ୨କୋଟି ଟଙ୍କା ଖର୍ଚ୍ଚରେ ଅତ୍ୟନ୍ତ ନିମ୍ନମାନର ନଦୀବନ୍ଧ କାର୍ଯ୍ୟ ହୋଇଥିବା କାରଣରୁ ଆଜି ଲୋକଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ବାତ୍ୟା ପ୍ରପୀଡ଼ିତ ଏମିତି ଅଞ୍ଚଳ ରହିଛି ଯେଉଁଠି ସରକାରୀ ବାବୁମାନଙ୍କର ପାଦ ମଧ୍ୟ ପଡ଼ିନାହିଁ। ଲୋକେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଛନ୍ତି। ପଲିଥିନଟିଏ ବି ଲୋକେ ପାଇ ନାହାନ୍ତି। ଏବେ ବି ଲୋକଙ୍କ ଘରେ ପଣି ଖେଳୁଥିବା ବେଳେ ସେମାନେ ବାତ୍ୟା ଆଶ୍ରୟ ସ୍ଥଳରେ ରହୁଛନ୍ତି। ମାତ୍ର ସେମାନଙ୍କ ଖାଇବା ପିଇବା ବ୍ୟବସ୍ଥା କରାଯାଉ ନାହିଁ। ପ୍ରଶାସନ ତୁରନ୍ତ ଏକାଧିକ ଟିମ ଦ୍ୱାରା ସମସ୍ତ ବାତ୍ୟା ପୀଡ଼ିତ ଅଞ୍ଚଳକୁ ଯାଇ ସେଠାକାର ଅବସ୍ଥା ସାମାନ୍ୟ କରିବା ପାଇଁ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଲୁଣାପାଣି ନିଷ୍କାସନ, ନିୟମିତ ବିଦ୍ୟୁତ ବ୍ୟବସ୍ଥା କରିବା, ଘର ଭାଙ୍ଗି ଯାଇଥିବା ପରିବାରକୁ ଧାର୍ଯ୍ୟ ମୁତାବକ ସହାୟତା ପ୍ରଦାନ, ଗୋଖାଦ୍ୟ ପ୍ରଦାନ ସାଙ୍ଗକୁ ଜୀବିକା ହରାଇଥିବା ଲୋକଙ୍କ ପାଇଁ ଉଚିତ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ସରକାରୀ ଜାଗାରେ ଘର କରି ରହିଥିବା ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ପ୍ରଦାନ ସହ ସେମାନଙ୍କୁ ଆବାସ ଯୋଜନାରେ ସାମିଲ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ମାଛଧରା ଡଙ୍ଗା ଓ ଜାଲ ନଷ୍ଟ ହୋଇଯାଇଥିବା ପାରମ୍ପାରିକ ମତ୍ସ୍ୟଜୀବୀ ଓ ଛୋଟମୋଟ ଗଡ଼ିଆରେ ଚିଙ୍ଗୁଡ଼ି ଚାଷ କରି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଜିଲା ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା ହୋଇଥିବା ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ବାଲେଶ୍ୱରରେ ଏକ ଅମ୍ଳଜାନ କାରଖାନା ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ବେଳେ ଖୁବଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକାରୀର ହେବାକୁ ଯାଉଛି। ଏନେଇ ସ୍ଥାନ ନିରୂପଣ ସହ ଖୁବଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ବାଲେଶ୍ୱର ଜିଲାରେ ଆଉ ଅମ୍ଳଜାର ଅଭାବ ରହିବ ନାହିଁ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo